

ତୀରନ୍ଦାଜ ଜ୍ୟୋତିଙ୍କୁ ଡବଲ୍ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-138 ♦FRIDAY ♦14 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୮ ♦ଶୁକ୍ରବାର ♦୧୪ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଦିଲ୍ଲୀରେ ସିରିଜ୍ ବିସ୍ଫୋରଣ ପାଇଁ ଚାଲିଥିଲା ଷଡ଼ଯନ୍ତ୍ର

# ୪ ସ୍ଥାନ, ୩୨ ଗାଡ଼ି, ୮ ଆତଙ୍କୀ

■ **ନୂଆଦିଲ୍ଲୀ, ୧୩ା୧୧ (ଏଜେନ୍ସି):** ଗତ ୧୦ ତାରିଖରେ ଦିଲ୍ଲୀ ଲାଲ୍‌କିଲ୍ଲା ହୋଇଥିବା କାର ବିସ୍ଫୋରଣର ତନାଘନା ଚଳାଇଛନ୍ତି ତଦନ୍ତକାରୀ ସଂସ୍ଥା। ଦିଲ୍ଲୀ, ହରିଆଣା ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଦିଲ୍ଲୀ ବିସ୍ଫୋରଣ ସହ ସଂପର୍କ ସନ୍ଦେହରେ ଗିରଫ ଓ ଅଟକ ଲୋକଙ୍କୁ ପଚରାଉଚରା କରାଯାଉଛି। ଜେରା ଓ ଯାଞ୍ଚ ବେଳେ ତଦନ୍ତକାରୀ ସଂସ୍ଥା ହାତରେ ଲାଗି ଭୟଙ୍କର ତଥ୍ୟ। ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ସେମାନେ ଦିଲ୍ଲୀ ଓ ଆଖାପାଖ ଅଞ୍ଚଳରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ତୁର୍କୀରେ ଥିବା ପାକିସ୍ତାନୀ ଆତଙ୍କବାଦୀ ସଂଗଠନ କର୍ମକର୍ତ୍ତାର ନିର୍ଦ୍ଦେଶ ଅନୁସାରେ ସେମାନେ କାମ କରୁଥିଲେ। ଏହି ଆତଙ୍କବାଦୀ ଆକ୍ରମଣ ଯୋଜନାରେ ସାମିଲ ଥିବା ୨୨ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି କରାଯାଇଛି। ସୀମା ଏବଂ ବିମାନବନ୍ଦରଗୁଡ଼ିକୁ ସତର୍କ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ, ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ଆତଙ୍କବାଦୀମାନେ ପ୍ରତିଶୋଧ ନେବାକୁ ଯୋଜନା ରଖିଥିଲେ। ଏହି ଅବସରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା ହୋଇଥିଲା। ଏଥିପାଇଁ ୪ଟି ସ୍ଥାନ ଚୟନ କରାଯାଇଥିଲା। ଏହି ୪ଟି ସ୍ଥାନରେ ୩୨ଟି କାର ବିସ୍ଫୋରଣ ହୋଇଥାଆନ୍ତା। ଏହିସବୁ ସ୍ଥାନର ଦାୟିତ୍ୱ ଆଠ ଜଣଙ୍କୁ ଦିଆଯାଇଥିଲା। ଷଡ଼ଯନ୍ତ୍ର କାର୍ଯ୍ୟକାରୀ କରିବା ଲାଗି ସେମାନେ ଜୋରସୋରରେ ପ୍ରସ୍ତୁତ ଚଳାଇଥିଲେ। ସେମାନେ ୩୨ଟି ଗାଡ଼ି ପ୍ରସ୍ତୁତ କରିଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି କାର୍‌ଗୁଡିକ ମଧ୍ୟରେ ବ୍ରେଜା, ସ୍ୱିଫ୍‌ଟ ଡିଜାୟାର, ଇକୋସ୍ପୋର୍ଟ୍ସ ଓ ଆଇ-୨୦ ଭଳି କାର ସାମିଲ ଥିଲା। ସେଥିମଧ୍ୟରୁ ଗୋଟିଏ ଆଇ୨୦ କାର ଲାଲକିଲ୍ଲାରେ ବିସ୍ଫୋରଣ ହୋଇଥିବା ବେଳେ ଆଉ ୪ଟି କାର୍‌କୁ ତଦନ୍ତକାରୀ ସଂସ୍ଥା ଜବତ କରିଛି। ତେବେ ଆଉ ୨୭ଟି କାର କେଉଁଠି ରହିଛି, ତାହାର ଖୋଜା ଚାଲିଛି।





### ୨୨ ସନ୍ଦିଗ୍ଧ ଚିହ୍ନଟ, ଲୁକ୍ ଆଉଟ୍ ନୋଟିସ ଜାରି

### ବାବରୀ ମସ୍‌ଜିଦର ପ୍ରତିଶୋଧ ନେବାକୁ ଚାହୁଁଥିଲେ

### ତୁର୍କୀରୁ ପାକିସ୍ତାନୀ ଆତଙ୍କୀ ଦେଉଥିଲା ନିର୍ଦ୍ଦେଶ

ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଗାଡ଼ିଗୁଡିକରେ ବିସ୍ଫୋରକ ଲଗାଇ ବଡ଼ ଧରଣର ବିପର୍ଯ୍ୟୟ ଘଟାଇବାକୁ ଯୋଜନା କରାଯାଉଥିଲା। ଏଥିପାଇଁ ସେମାନେ ୩୨ଟି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ଯୋଜନା କରୁଥିଲେ। ପୁରୁଣା ଗାଡ଼ିଗୁଡ଼ିକ ଏକାଧିକ ବାର ବିକ୍ରି ହୋଇଥିବାରୁ ପ୍ରକୃତ ମାଲିକଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ସହଜ ହେବନାହିଁ ବୋଲି ସେମାନେ ଭାବିଥିଲେ। ପୁଣି ଏହି ପୁରୁଣା ଗାଡ଼ିର ରଙ୍ଗ ଓ ଚେହେରା ବଦଳାଇବାକୁ ମଧ୍ୟ ଉଦ୍ୟମ ଚାଲିଥିଲା। ଗୋଟିଏ ସମୟରେ ବିସ୍ଫୋରଣ ଘଟାଇବା ପାଇଁ ଅଭିଯୁକ୍ତମାନେ ବିସ୍ଫାରକ ନେଇ ଯିବାକୁ ଯୋଜନା କରିଥିଲେ। ଏହି ୮ ସନ୍ଦିଗ୍ଧଙ୍କ ମଧ୍ୟରେ ଅଛନ୍ତି ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଓ ଡା. ଶାହିନ।

ଦିଲ୍ଲୀ ବିସ୍ଫୋରଣର ଯୋଜନା ଗତ ଜାନୁଆରୀରୁ ହୋଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ରୁ ମିଳିଥିବା ବିଭିନ୍ନ ତଥ୍ୟ ଜଣାପଡ଼ିଛି। ଗତ ଜାନୁଆରୀରେ ଏମାନେ ଲାଲ୍‌କିଲ୍ଲାର ରେକି କରିଥିଲେ। ଡା. ମୁଜାମ୍ମିଲ ଗନି ▶ପୃଷ୍ଠା-୭

## ପୁଣେରେ ଭୟଙ୍କର ଦୁର୍ଘଟଣା

# ଜିଅନ୍ତା ଜଳିଗଲେ ୯



■ **ପୁଣେ, ୧୩ା୧୧ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ସହରର ଉପକଣ୍ଠରେ ଥିବା ନାଭେଲ ବ୍ରିଜ୍ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା କାରଣରୁ ୨୦ରୁ ୨୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଟ୍ରକ୍ ଓ ଏକ କଣ୍ଟେନର ମଧ୍ୟରେ ଫସିଯାଇଥିବା ଏକ କାର୍‌ରେ ନିଆଁ ଲାଗି ଯାଇଥିଲା। ଫଳରେ ୯ ଜଣ ଲୋକ ଜିଅନ୍ତା ଜଳିଯାଇଥିଲେ। କାର୍‌ରେ ବସିଥିବା ୫ ଜଣ ଲୋକ ଜଳିଯାଇଥିଲେ। ସେହିପରି ଟ୍ରକ୍ ଓ କାର୍‌ର ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି। ପୁଣେ ଓ ନାସିକ ହାଇୱେ ଉପରେ ଭୋରଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ଟ୍ରକ୍ ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର କଣ୍ଟେନର ତଳେ ପଶିଯାଇଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଥିଲା। କାର୍‌ରେ ଥିବା ଲୋକେ ବାହାରକୁ ବାହରିବା ପାଇଁ ସୁଯୋଗ ପାଇ ନଥିଲେ। ଏଥିପାଇଁ ହାଇୱେ ଉପରେ ପାଖାପାଖି ଏକ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ମୃତକଙ୍କୁ ଚିହ୍ନଟ କରାଯାଉଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁ ଲିଭାଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

# ବାଲିଯାତ୍ରାରେ ଭିଡ଼ ଅଣାୟତ୍ତ

### ବ୍ୟାରିକେଡ୍‌ରେ ଚାପି ହୋଇ ୨ ଦର୍ଶକ ଅଚେତ





■ **କଟକ, ୧୩ା୧୧ (ସମିସ):** ଐତିହାସିକ ବାଲିଯାତ୍ରାର ଉଦ୍‌ଯାପନୀ ତଥା ଶେଷ ସନ୍ଧ୍ୟାରେ ବୈଷ୍ଣବ ପାଣି ମଞ୍ଚ ସମ୍ମୁଖରେ ଅଘଟଣ ଘଟିଛି। ବଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବ୍ୟାପକ ଭିଡ଼ ଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦର୍ଶକଙ୍କ ମଧ୍ୟରେ ଠେଲାପେଲା ହେବା ଫଳରେ ୨ ଜଣ ବ୍ୟକ୍ତି ବ୍ୟାରିକେଡ୍ ଭିତରେ ଚାପି ହୋଇ ଅଚେତ ହୋଇପଡ଼ିଥିଲେ। ଖବର ପାଇ ପୁଲିସ ଫୋର୍ସ ତୁରନ୍ତ ଅଚେତ ହୋଇପଡ଼ିଥିବା ବ୍ୟକ୍ତଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ସହାୟତାରେ ନିଆଯାଇ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ପୁଲିସର ଲାଠିଚାର୍ଜ

ସୂଚନା ପାଇ ତୁରନ୍ତ କମିଶନରେଟ୍ ପୁଲିସର ଅତିରିକ୍ତ ସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ଭିଡ଼କୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ଲାଠିଚାର୍ଜ କରିଥିଲା। ଲାଠିଚାର୍ଜ ପରେ ଦର୍ଶକମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହଜାର ହଜାର ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ତଥାପି ଶେଷ ଦିନରେ ଲୋକପ୍ରିୟ ▶ପୃଷ୍ଠା-୭

## ଓଡ଼ିଶାରେ ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

### ତଦନ୍ତ ଭାର ସମ୍ଭାଳିଲେ ଅତିରିକ୍ତ ଏସ୍‌ପି ବି.ସାମଲ

### ମାନବ ସମ୍ବଳ ଯୋଗାଇ ଦେବାକୁ ମୁଖ୍ୟାଳୟକୁ ଚିଠି

### ବିଶ୍ୱରଞ୍ଜନ ଓ ତଫିମଙ୍କ ଜାମିନ ଖାରଜ, ୨ଜଣଙ୍କୁ ମିଳିଲା ଜାମିନ

### ୨୦ରେ ଶଙ୍କର, ଅରବିନ୍ଦ ଓ ସୁରେଶଙ୍କ ଜାମିନ ଆବେଦନର ଶୁଣାଣି

■ **ଭୁବନେଶ୍ୱର/ବ୍ରହ୍ମପୁର, ୧୩ା୧୧ (ସମିସ):** ରାଜ୍ୟରେ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨) ଏବଂ ୩(୫) ଲଗାଯାଇଛି। ସିବିଆଇ ଅତିରିକ୍ତ ଏସ୍‌ପି ବି. ସାମଲଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି। ତଦନ୍ତ ପାଇଁ ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ସମେତ ଏକାଧିକ ଇନ୍‌ସ୍ପେକ୍ଟର ରହିଛନ୍ତି। ଏସ୍‌ଆଇ ସ୍କାମ୍‌ର ଚେର ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଏଣୁ ଏହି ରାଜ୍ୟଗୁଡ଼ିକରେ ମାମଲାର ଯାଞ୍ଚ ଏବଂ ଅଭିଯୁକ୍ତଙ୍କୁ ▶ପୃଷ୍ଠା-୭

# ଆଜି ବିହାର, ନୂଆପଡ଼ା ଫଳ

### ଶେଷ ପର୍ଯ୍ୟାୟରେ ଭୋଟ୍ ହାର ବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

■ **ପାଟନା, ୧୩ା୧୧ (ଏଜେନ୍ସି):** ବିହାରରେ ସର୍ବାଧିକ ଦିନ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନୀତୀଶ କୁମାରଙ୍କୁ ପୁଣି ସୁଯୋଗ ମିଳିବ କି? ତାଙ୍କୁ ରାଜ୍ୟର ଭୋଟରମାନେ ଏହି ସୁଯୋଗ ଦେଇଛନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବାକୁ ଯାଉଛି। ରାଜ୍ୟ ବିଧାନସଭାର ୨୪୩ଟି ଆସନରେ ଆସନ୍ତକାଲି ମତଗଣନା ହେବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ମତଦାନ ପରେ ବୁଥବାହୁଡା ମତ କରାଇଥିବା ପ୍ରାୟ ସମସ୍ତ ସଂସ୍ଥା ନୀତୀଶଙ୍କ ଏନ୍‌ଡିଏ ଜିତିବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ସଂସ୍ଥାଙ୍କ ଆକଳନ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ନୀତୀଶଙ୍କ ନେତୃତ୍ୱାଧୀନ ଏନ୍‌ଡିଏକୁ ୧୫୦ରୁ ୧୭୦ ପର୍ଯ୍ୟନ୍ତ ଆସନ ମିଳିପାରେ। ଏହାକୁ ନେଇ ଶାସକ ଦଳ ମଧ୍ୟରେ ଉତ୍ସାହ ରହିଛି। ତଥାପି ନେତାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ମୁଖ୍ୟ କାରଣ ▶ପୃଷ୍ଠା-୭



### ୫ମ ଥର ପାଇଁ ନୀତୀଶଙ୍କୁ ମିଳିବ କି ସୁଯୋଗ?

## ୨୬ ରାଉଣ୍ଡରେ ନୂଆପଡ଼ା ଗଣତି

■ **ନୂଆପଡ଼ା, ୧୩ା୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଭୋଟ ଗଣତି ନେଇ ଗୁରବାର ଗଣମାଧ୍ୟମକୁ ଜିଲ୍ଲାପାଳ ମଧୁସୂଦନ ଦାଶ ବିସ୍ତୃତ ସୂଚନା ଦେଇଛନ୍ତି। ମୋଟ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଭୋଟ ଗଣତି ହେବ। ପ୍ରତି ଟେବୁଲରେ ୩ ଜଣ କର୍ମଚାରୀ ରହିବେ। ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ହେବାକୁ ଥିବାବେଳେ ସକାଳ ୮ ସମୟରେ ଇଭିଏମ ଭୋଟ ଗଣତି ଆରମ୍ଭ ହେବ। ଗଣତି କେନ୍ଦ୍ରରେ କେବଳ ଅଧିକୃତ ଲୋକମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ୨୦ରୁ ଖରିଫ ଧାନକିଣା ଆରମ୍ଭ

### କଟ୍‌ନୀଛଟ୍‌ନୀକୁ ନେଇ ପୁଣି ଆଶଙ୍କାରେ ଚାଷୀ

### ଗତବର୍ଷ ପୂରଣ ହୋଇ ନ ଥିଲା ଧାନ କ୍ରୟ ଲକ୍ଷ୍ୟ

■ **ଭୁବନେଶ୍ୱର, ୧୩ା୧୧ (ସମିସ):** ଆସନ୍ତା ୨୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନମଣ୍ଡି ଖୋଲିବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ସୂଚନା ଚାଷୀଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଅଧିକ ଆଶଙ୍କା ସୃଷ୍ଟି କରିଛି। ଗତବର୍ଷ ଖରିଫ ଧାନ କିଣା ବେଳେ ମିଲରଙ୍କ ମନମାନି, କଟନୀଛଟନୀ, ଧାନର ଏଫଏକ୍ୟୁ ମାନକୁ ନେଇ ଚାଷୀ ବେଶ ହନ୍ତସନ୍ତ ହୋଇଥିଲେ। ଅତ୍ୟଧିକ କଟନୀଛଟନୀ ସହ ଟୋକନ୍ ଅବ୍ୟବସ୍ଥା ଓ ମଣ୍ଡିରେ ଧାନ ନଉଠିବା କାରଣରୁ ଚାଷୀ ବାଧ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ▶ପୃଷ୍ଠା-୭

# ୭ ଡିଗ୍ରୀକୁ ଖସିଲା ପାରଦ

## ରାଜଧାନୀରେ ୧୪ଡିଗ୍ରୀ ପାରଦ

### ୧୦ ଡିଗ୍ରୀ ତଳେ ରାଜ୍ୟର ୪ ସହର

### ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ଶୀତ

■ **ଭୁବନେଶ୍ୱର, ୧୩ା୧୧ (ସମିସ):** ସଞ୍ଜ ନଇଁଲେ ମାଡ଼ି ଆସୁଛି ଥଣ୍ଡା। ଦୁଇ ଦିନ ହେବ ରାତି ଭଳି ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟର ପୂର୍ବରୁ ପଶ୍ଚିମ-ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରଭାବ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ କ୍ରମାଗତ ଭାବେ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ସପ୍ତାହେ ମଧ୍ୟରେ ବିଶେଷ ପରିବର୍ତ୍ତନ ନଥିବାରୁ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ବହୁ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ▶ପୃଷ୍ଠା-୭




# ଆତଙ୍କବାଦୀଙ୍କ ଠିକଣା: କୋଠା ନଂ-୧୭, ରୁମ୍ ନଂ-୧୩

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ; ପଶିଲା ଇଡି




ନୂଆଦିଲ୍ଲୀ, ୧୩ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ ଫଲାହ ବିଶ୍ୱବିଦ୍ୟାଳୟ ସନ୍ଦେହ ପରିସରକୁ ଆସିଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିଶ୍ୱବିଦ୍ୟାଳୟର କୋଠା ନମ୍ବର ୧୭ ଏବଂ ରୁମ୍ ନମ୍ବର ୧୩ରେ ଦିଲ୍ଲୀ ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଥିଲା । ଏହି ବିଲ୍ଡିଂ ଓ ରୁମରେ ଅଭିଯୁକ୍ତ ଡାକ୍ତର ମୁଜାମ୍ମିଲ, ଡ. ଉମର, ଡ. ଆଦିଲ ଓ ଡ. ସୟିଦ ରହୁଥିଲେ । ସେମାନେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ସହିତ ଯୋଗାଯୋଗ କରି ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ । ଏହି କାରଣରୁ ବର୍ତ୍ତମାନ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାରେ ରହିଛି । ତଦନ୍ତକାରୀ ସଂସ୍ଥା ଏବେ ଏହି ୪ ଡାକ୍ତରଙ୍କ ଉପରେ ଫୋକସ କରି ତଦନ୍ତ ଚଳାଇଛନ୍ତି । ବିସ୍ଫୋରଣରେ ଉମରର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ପୁଲିସ ହାଜତରେ ଅଛନ୍ତି । ଏହି ଘଟଣାରେ ସେମାନଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଅନୁମାନ କରାଯାଉଛି ।

ଇତିମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ଏନ୍‌ଏସି) ଏହି ପଦକ୍ଷେପ ଗ୍ରହଣ କରିଛି । ଦିଲ୍ଲୀ ବିସ୍ଫୋରଣ ମାମଲାରେ ଫରିଦାବାଦ ଟେରର ମଡ୍ୟୁଲ୍‌ରେ ଗିରଫ ହୋଇଥିବା ଡାକ୍ତରମାନେ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟ ସହ ଜଡିତ ଥିବାର ପ୍ରମାଣ ମଳିବା ପରେ ଏହି ନୋଟିସ ଜାରି କରାଯାଇଛି । ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି । ଗୋଟିଏ ଦିନ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା । ଜାଲ୍ ସ୍ୱୀକୃତି ପାଇଥିବା ଅଭିଯୋଗରେ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି । ଏହି ବିଶ୍ୱବିଦ୍ୟାଳୟ ଏ ଆଣ୍ଡ ଏ ଓ ସାଇକଲ-୧ ପାଇଁ ମାନ୍ୟତା ହାସଲ କରିନାହିଁ । ନିଜ ୱେବସାଇଟ୍‌ରେ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଅଲ ଫଲାହ ଚାରିଟେବୁଲ ଟ୍ରଷ୍ଟ ଅଧୀନରେ ଥିବା ବୋଲି ଉଲ୍ଲେଖ କରାଯାଇଛି । ଏହାର ପରିସରରେ ୩ଟି କଲେଜ ରହିଛି । ଏହା ପୂରାପୂରି ଭୁଲ ଓ ଜନତାଙ୍କୁ ଭ୍ରମିତ କରାଯାଇଛି ବୋଲି ଏନ୍‌ଏସି ତରଫରୁ କୁହାଯାଇଛି । ନୋଟିସର ଜବାବ ଦେବାକୁ ୭ ଦିନ ସମୟ ଦିଆଯାଇଛି । ଏହି ଅନୁଷ୍ଠାନ କେଉଁଠୁ ପାଣ୍ଠି ସଂଗ୍ରହ କରୁଥିଲା, ତାହାର ଯାଞ୍ଚ କରାଯିବ । ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟରେ ଆଜି ଇଡି ଚଢ଼ାଉ କରିଛି । ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟର ସବୁ ରେକର୍ଡର ଫରେନସିକ୍ ଯାଞ୍ଚ୍ ପାଇଁ ଆଦେଶ ଦେଇଛି ।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ଆଜି ଆଉ ଜଣେ ଆହତ ବ୍ୟକ୍ତିଙ୍କର ମେଡିକାଲରେ ମୃତ୍ୟୁ ଘଟିଛି । ମେଡିକାଲରେ ଏବେ ବି ଆଉ ୨୦ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

## ୨୬ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୩ ।୧୧(ଏଜେନ୍ସି): ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସନ୍ଦିଗ୍ଧ ଡାକ୍ତରମାନେ ବିସ୍ଫୋରକ ଓ ଅନ୍ୟ ଜିନିଷ କିଣିବାକୁ ଟଙ୍କା ଯୋଗାଡ଼ କରୁଥିଲେ । ସେମାନେ ୨୬ ଲକ୍ଷ ଟଙ୍କା ସଂଗ୍ରହ କରିସାରିଥିଲେ । ଏହି ଅର୍ଥକୁ ଡା. ଉମରକୁ ଦିଆଯାଇଥିଲା । ଏହି ଅର୍ଥରେ ଗୁରୁଗ୍ରାମ, ନୁହ ଓ ଆଖପାଖ ଅଞ୍ଚଳରୁ ପାଖାପାଖି ୩ ଲକ୍ଷ ଟଙ୍କାରେ ୨୦ କ୍ୱିଣ୍ଟାଲ ଏନ୍‌ପିକେ ଫର୍ଟିଲାଇଜର କିଣିବା ପାଇଁ ଖର୍ଚ୍ଚ କରାଯାଇଥିଲା । ନାଇଟ୍ରୋଜେନ, ଫସ୍‌ଫରସ ଓ ପଟାସିଅମର ମିଶ୍ରଣ ହେଉଛି ଏନ୍‌ପିକେ ଫର୍ଟିଲାଇଜର । ଏହାକୁ ବ୍ୟବହାର କରି ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ ।

ଯାଞ୍ଚ ଏଜେନ୍ସି ଅନୁସାରେ ଡା ମୁଜାମ୍ମିଲ ୨୦୨୧ ଓ ୨୦୨୨ରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ସହଯୋଗୀଙ୍କ ସମ୍ପର୍କ ସ୍ଥାପନ କରିବା ପରେ ଏହି ସଂଗଠନର ଏକ ଶାଖା ଅନସାର ଗଜବତ-ଉଲ-ହିନ୍ଦ୍ ଦ୍ୱାରା ପ୍ରଭାବିତ ହୋଇଥିଲା । ଇର୍ଫାନ ଉରଫ ମୌଲବୀ ନାମକ ଜଣେ ବ୍ୟକ୍ତି ହିଁ ମୁଜାମ୍ମିଲକୁ ଏହି ନେଟ୍‌ୱର୍କ ସହ ପରିଚିତ କରାଇଥିଲା ବୋଲି କୁହାଯାଉଛି । ୨୦୨୩

**ଆଇଏସ୍‌ଆଇଏସ୍ ସହ ସନ୍ଦିଗ୍ଧ ସମ୍ପର୍କ**

**ଲାଲ୍ ଇକୋସ୍ପୋର୍ଟ୍ସ କାର୍ ପାର୍କ କରିଥିବା ସନ୍ଦିଗ୍ଧ ଗିରଫ**

ଓ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆତଙ୍କବାଦୀ ସଂଗଠନ ସ୍ଥାପନ କରିବାକୁ ଯୋଜନା ଥିଲା । ଏହି ବ୍ୟାପକ ନେଟ୍‌ୱର୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯାଞ୍ଚ ଏଜେନ୍ସିଗୁଡିକ ପ୍ରୟାସ ଜାରି ରଖିଛନ୍ତି । କାରଣ ଅଭିଯୁକ୍ତମାନେ ଭବିଷ୍ୟତରେ ଆହୁରି ବଡ଼ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସିଗୁଡିକ ସନ୍ଦେହ କରୁଛନ୍ତି ।



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ୍ ସହିତ ସେମାନଙ୍କର ଥିବା ସନ୍ଦେହ କରାଯାଉଛି ।

ଲାଲ୍‌କିଲ୍ଲା ବୋମା ବିସ୍ଫୋରଣ ସହିତ ଜଡିତ ନିଖୋଜ କାର ଓ ଏହାର ଡ୍ରାଇଭରକୁ ଖୋଜା ଚାଲିଛି । ଗତ ସନ୍ଧ୍ୟାରେ ଗୋଟିଏ କାରକୁ ଜବତ କରିଛି ପୁଲିସ । ଏହି ଗାଡ଼ିକୁ ପାର୍କ କରିଥିବା ସନ୍ଦିଗ୍ଧକୁ ମଧ୍ୟ ଗିରଫ କରାଯାଇଛି । ଦିଲ୍ଲୀ ପୁଲିସ ଏ ନେଇ ଆଲର୍ଟ ଜାରି କରିଥିଲା । ଏକ ଲାଲ ରଙ୍ଗର ଫର୍ଡ ଇକୋସ୍ପୋର୍ଟ୍ସ କାର ଫରିଦାବାଦ୍‌ରୁ ଡା ଉମରର କାର ସହିତ ବାହାରିଥିଲା । ମାତ୍ର କିଛି ଘଣ୍ଟା ମଧ୍ୟରେ ଫରିଦାବାଦ୍ ପୁଲିସ ଖଣ୍ଡାବଲି ଗାଁରୁ ଏହି କାର୍‌କୁ ଖୋଜି ପାଇବାରେ ସକ୍ଷମ ହୋଇଛି । ଏହି କାରକୁ ସେଠାରେ ପାର୍କ କରିଥିବା ବ୍ୟକ୍ତି ଫହିମକୁ ଗିରଫ କରାଯାଇଛି । ଫହିମ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମରର ସମ୍ପର୍କୀୟ ହୋଇପାରେ ବୋଲି ପୁଲିସ ଆଶଙ୍କା କରୁଛି । ଦୁଇଟି କାର ସାଥି ହୋଇ ବାହାରିଥିଲେ । ଉମର କାର୍‌ରେ ବିସ୍ଫୋରଣ ହୋଇଥିଲେ ମଧ୍ୟ ଏହି କାର୍‌ର ଖୋଜ ଖବର ନଥିଲା । ଏହି କାରଣରୁ ଦିଲ୍ଲୀ ପୁଲିସ ଆଲର୍ଟ ଜାରି କରିଥିଲା ।

## ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ପୁଲିସ

ଶ୍ରୀନଗର, ୧୩ ।୧୧(ଏଜେନ୍ସି): ଲାଲକିଲ୍ଲା ବିସ୍ଫୋରଣର ସଂଦିଗ୍ଧ ଅଭିଯୁକ୍ତ ଜଣେ କାଶ୍ମୀର ଡାକ୍ତର ବିରୋଧରେ ରେଡ କର୍ଣ୍ଣର ନୋଟିସ ଜାରି କରିବାକୁ ଜମ୍ମୁ-କଶ୍ମୀର ପୁଲିସ ଇଣ୍ଟରପୋଲ ସହିତ ଯୋଗାଯୋଗ କରିଛି । ଏହି ଡାକ୍ତର ହେଉଛନ୍ତି ଡା ମୁଜାଫର । ମୁଜାଫର ଜୈଶ-ଇ-ମହମ୍ମଦ ସହିତ ଜଡିତ ଏକ ବଡ଼ ଆତଙ୍କବାଦୀ ନେଟ୍‌ୱର୍କର ଅଂଶ ବୋଲି ଜଣା ପଡ଼ିଛି । ସେ ଦେଶ ବାହାରେ ଥିବାରୁ ରେଡ କର୍ଣ୍ଣର ନୋଟିସ ଦ୍ୱାରା ତାକୁ ଟ୍ରାକ କରାଯିବ । ମୁଜାଫର ହେଉଛି ଡା ଆଦିଲର ଭାଇ । ଆଦିଲ ଅନନ୍ତନାଗ ମେଡିକାଲ କଲେଜରେ କାର୍ଯ୍ୟରତ । ତେବେ ତା'ର ଲକରରୁ ଏକ ଏକେ-୪୭ ରାଇଫଲ ଜବତ ହେବା ପରେ ତାକୁ ଗିରଫ କରାଯାଇଥିଲା । ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ପରେ ମୁଜାଫରର ନାମ ସାମ୍ନାକୁ ଆସିଥିଲା । ମୁଜାଫର ୨୦୨୧ରେ ଅଭିଯୁକ୍ତ ମୁଜାମିଲ ଗନାଇ ଓ ଉମର ନବୀ ସହ ତୁର୍କୀ ଯାଇଥିଲା । ଗତ ଅଗଷ୍ଟରେ ସେ ଦୁବାଇରୁ ଭାରତ ଆସିଥିଲା ଓ ଏବେ ସେ ଆଫଗାନିସ୍ତାନରେ ଅଛି ବୋଲି କୁହାଯାଉଛି । ଏହି ୩ ଜଣ ୨୧ ଦିନ ତୁର୍କୀରେ ଥିଲେ ବୋଲି ପୁଲିସ କହିଛି । କିନ୍ତୁ ତୁର୍କୀ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି ।

**କାଶ୍ମୀର ଡାକ୍ତରଙ୍କ ବିରୋଧରେ ଜାରି ହେବ ରେଡ୍ କର୍ଣ୍ଣର ନୋଟିସ୍**

**କାନପୁର ମେଡିକାଲ ଛାତ୍ରଙ୍କୁ ଗିରଫ କଲା ୟୁପି ଏଟିଏସ୍**

ଉତ୍ତର ପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଲାଲ୍‌କିଲ୍ଲା ବିସ୍ଫୋରଣ ମାମାଲାରେ କାନପୁରର ମେଡିକାଲ କଲେଜର କାର୍ଡିଲୋଜିଷ୍ଟ ଇନ୍‌ଷ୍ଟିଟ୍ୟୁଟର ଅଧ୍ୟୟନରତ ଜମ୍ମୁ-କଶ୍ମୀରର ଜଣେ ଛାତ୍ରଙ୍କୁ ଗିରଫ କରିଛି । ଏହି ଛାତ୍ର ହେଉଛନ୍ତି ଡା ମହମ୍ମଦ ଆରିଫ । ଗିରଫ ହୋଇଥିବା ମହିଳା ଡାକ୍ତର ଶାହିନ ସଇଦ୍‌ଙ୍କ ଫୋନ୍ ରେକର୍ଡ ଯାଞ୍ଚ୍ କରାଯିବା ବେଳେ ଆରିଫ୍‌ଙ୍କ ନାମ ସାମ୍ନାକୁ ଆସିଥିଲା । ଦୀର୍ଘଦିନ ଧରି ଦୁଇଜଣଙ୍କ ମଧ୍ୟ ସମ୍ପର୍କ ଥିଲା ବୋଲି ଏଟିଏସ୍ କହିଛି । ଆରିଫ୍ କାଶ୍ମୀରର ବାସିନ୍ଦା ଓ ସେ କାନପୁରର ଆଶୋକ ନଗର ଅଞ୍ଚଳ ଭଡ଼ାରେ ଏକ ଫ୍ଲାଟ୍‌ରେ ରହୁଥିଲା । ବୁଧବାର ରାତିରେ ଏଟିଏସ୍ ତା ଘରେ ଚଢ଼ାଉ କରି ଗିରଫ୍ କରିଥିଲା । ଜଣେ ପ୍ରତିଭାଶାଳୀ ଡାକ୍ତରରୁ ସେ ଏବେ ଆତଙ୍କବାଦୀରେ ପରିଣତ ହୋଇଛି । ପିଲାଟି ବେଳୁ ସେ ଡାକ୍ତର ହେବାକୁ ଚାହୁଁଥିଲା ବୋଲି ତାର ପରିବାର ଲୋକେ କହିଛନ୍ତି । ତେବେ ତାକୁ ପଚରାଉଚରା ପରେ ଏହି ଆତଙ୍କବାଦୀ ନେଟ୍‌ୱର୍କ ସଂପର୍କରେ ଅନେକ ତଥ୍ୟ ମିଳିବ ବୋଲି କୁହାଯାଉଛି ।

## ମେଳ ଖାଇଲା ଡା ଉମର ମା'ଙ୍କ ଡିଏନ୍‌ଏ ରିପୋର୍ଟ

ନୂଆଦିଲ୍ଲୀ, ୧୩ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ଥିଲା ଡା ମହମ୍ମଦ ଉମର ନବୀ । ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା । କାର୍‌ରୁ ଉମର ଦାନ୍ତ, ହାଡ଼, ରକ୍ତଲଗା ପୋଷାକ ଓ ପାଦର ଅଂଶ ଷ୍ଟିଅରିଂ ହ୍ୱିଲ୍ ଓ ଆକ୍ସିଲରେଟର ମଧ୍ୟରେ ଫସି ରହିଥିଲା । ଏହାକୁ ନେଇ ଡିଏନ୍‌ଏ ପରୀକ୍ଷା କରାଯାଇଥିଲା । ଉମରର ଡିଏନ୍‌ଏ ତା'ର ମାଙ୍କ ସହ ମେଳ ଖାଇଥିବା ଯାଞ୍ଚ୍‌ରୁ ଜଣାପଡ଼ିଛି । କାର୍‌ରେ ବିସ୍ଫୋରଣ ଘଟାଇବା ପୂର୍ବରୁ ଉମର ୫ଥର କାର୍ ସହିତ ଦେଖାଦେଇଛି । କିନ୍ତୁ ସେତେବେବେଳେ ତା ଉପରେ କୌଣସି ଯାଞ୍ଚ୍ ଏଜେନ୍ସିର ସନ୍ଦେହ ହୋଇ ନଥିଲା । ସେ ବିନାଭୟରେ ଦିଲ୍ଲୀର ସଡ଼କରେ ବୁଲୁଥିବାର ବିଭିନ୍ନ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି । ସେ କେତେବେଳେ ମସଜିଦ ଯାଉଥିଲା ତ କେତେବେଳେ କନ୍ନଟ ପ୍ଲେସ ବୁଲୁଥିଲା । ବିସ୍ଫୋରଣ ପୂର୍ବରୁ ସେ ଲାଲ୍‌କିଲ୍ଲା ପାଖରେ ୩ ଘଣ୍ଟା ବସିଥିବାର ଦେଖାଯାଇଛି ।

## ପାକ୍ ରାଷ୍ଟ୍ରପତି, ସେନାଧ୍ୟକ୍ଷଙ୍କୁ ମିଳିଲା ଆଜୀବନ ସୁରକ୍ଷା

ଇସ୍‌ଲାବାମାଦ୍, ୧୩ ।୧୧(ଏଜେନ୍ସି): ପାକିସ୍ତାନ ସଂସଦ ସେନାମୁଖ୍ୟ ଆସିମ ମୁନୀରଙ୍କ ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟଙ୍କ କ୍ଷମତା କମାଇବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛି । ଏହି ସଂଶୋଧନ ସହିତ ସମ୍ବିଧାନର ୪୮ ଟି ଧାରାରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି । ନ୍ୟାସନାଲ ଆସେମ୍ବ୍ଲି ଏହି ବିଲ୍‌କୁ ୨୩୪ ଭୋଟରେ ପାରିତ କରିଛି । ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ସ୍ୱାକ୍ଷର କରିବା ପରେ ଏହା ଆଇନ୍‌ରେ ପରିଣତ ହେବ । ସେନାମୁଖ୍ୟ ମୁନୀର ଏଥିସହ ଜଳ, ସ୍ଥଳ ଓ ବାୟୁ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏଫ୍) ହେବାର ସୁଯୋଗ ପାଇବେ । ନଭେମ୍ବର ୨୭ରେ ଏହା ଲାଗୁ ହେବ । ପଦ ମିଳିବା ମାତ୍ରେ ହିଁ ମୁନୀରଙ୍କୁ ପରମାଣୁ ଅସ୍ତ୍ରର କମାଣ୍ଡ ମିଳିଯିବ । ନିଜ ପଦର କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ନିଜ ପଦରେ ରହିବା ଏଥିସହ ସଂଶୋଧନ ଅନୁଯାୟୀ ରାଷ୍ଟ୍ରପତିଙ୍କ ସହ ସେନାଧ୍ୟକ୍ଷଙ୍କୁ ଆଜୀବନ ଆପରାଧୀ ମକଦ୍ଦମାରୁ ସୁରକ୍ଷା ମିଳିବ । ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କୌଣସି ଫୌଜଦାରୀ ମକଦ୍ଦମା କରାଯାଇପାରିବ ନାହିଁ ।

## ଭାରତ, ଆଫଗାନିସ୍ତାନ ସହ ଯୁଦ୍ଧ ଧମକ

କାବୁଲ୍, ୧୩ ।୧୧(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ପୁଣି ଥରେ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି । ପାକିସ୍ତାନ ଏକା ସଙ୍ଗେ ଭାରତ ଓ ଆଫଗାନିସ୍ତାନ ସହିତ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି । କୌଣସି ବିକଳ୍ପ ନଥିଲେ 'ଟୁ ଫ୍ରଣ୍ଟ ୱାର' ଅର୍ଥାତ ଏହି ଦୁଇ ଦେଶ ସହ ଗୋଟଏ ସମୟରେ ଯୁଦ୍ଧ କରିବାକୁ ପଛାଇବୁ ନାହିଁ ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ପାକିସ୍ତାନ ସହ ଚାଲିଥିବା ରାଜନୈତିକ ଓ କୂଟନୈତିକ ସଂଘର୍ଷ ପାଇଁ ଆଫଗାନିସ୍ତାନ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ଆଗାମୀ ୩ ମାସ ମଧ୍ୟରେ ପାକିସ୍ତାନ ସହ ଆଫଗାନିସ୍ତାନ ସବୁ ବ୍ୟବସାୟ ବନ୍ଦ କରିବ ବୋଲି କହିଛି । ପାକିସ୍ତାନ ସହ ସୀମା ବନ୍ଦ ହେବା ମାତ୍ରେ ହିଁ ବ୍ୟବସାୟ ଠପ୍ ହେବ ବୋଲି ଆଫଗାନିସ୍ତାନ ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଗନି ବରାଦର କହିଛନ୍ତି । ଏଥିପାଇଁ ତାଲିବାନ ବ୍ୟବସାୟୀ ଓ ଶିଳ୍ପପତିଙ୍କୁ ବିକଳ୍ପ ରାସ୍ତା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛି । ଏହାଦ୍ୱାରା ପ୍ରତିମାସ ପାଖାପାଖି ୨୦୦ ମିଲିଅନ ଆମେରିକା ଡଲାର ଅର୍ଥାତ ୧, ୭୦୦ କୋଟି ଟଙ୍କର କ୍ଷତି ହେବ ବୋଲି ସେ କହିଛନ୍ତି । ସୀମା ବନ୍ଦ କରିବା ପ୍ରକ୍ରିୟାକୁ ସେ ଆର୍ଥିକ ଯୁଦ୍ଧ ବୋଲି କହିଛନ୍ତି ।

## ୬ କୋଟି 'ମୃତକ'ଙ୍କ ଆଧାର କାର୍ଡ ନିଷ୍କ୍ରିୟ

ନୂଆଦିଲ୍ଲୀ, ୧୩ ।୧୧(ଏଜେନ୍ସି): ଦେଶରେ ୨୦୦୯ ଜାନୁଆରୀ ଆଧାରକାର୍ଡ ଲାଗୁ ହୋଇଥିଲା । ଇତିମଧ୍ୟରେ ପ୍ରତ୍ୟେକ ନାଗରିକଙ୍କର ଆଧାର ନଂ ଜାରି କରିବାର ପ୍ରକ୍ରିୟାକୁ ୧୫ ବର୍ଷ ପୂରଣ ହୋଇଛି । ମୋଟ ଉପରେ ୧୪୨ କୋଟିରୁ ଅଧିକ ଆଧାର କାର୍ଡ ଜାରି କରାଯାଇଛି । କିନ୍ତୁ ୮ କୋଟିରୁ ଅଧିକ ଆଧାର କାର୍ଡ ଧାରକଙ୍କ ମୃତ୍ୟୁ ହୋଇଥିବା ବେଳେ ମାତ୍ର ୧. ୮୩ କୋଟି ମୃତକଙ୍କ କାର୍ଡ ନିଷ୍କ୍ରିୟ ହୋଇଛି । ପାଖାପାଖି ୬ କୋଟି ମୃତକଙ୍କ ଆଧାର କାର୍ଡ ଏବେବି ସକ୍ରିୟ ରହିଛି । ଏଗୁଡ଼ିକ ନିଷ୍କ୍ରିୟ କରିବା ଲାଗି ଆଧାର ପ୍ରାଧିକରଣ ଅଭିଯାନ ଆରମ୍ଭକରିଛି ।ଏଥିରେ ।।ପେଶ୍ଚିମବଙ୍ଗରେପାଖାପାଖି୩୪ଲକ୍ଷ ଆଧାର କାର୍ଡ ରହିଛି । ଏମାନଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ଅନ୍ୟମାନେ ଏହି କାର୍ଡ ଜରିଆରେ ବିଭିନ୍ନ ସରକାରୀ




ଯୋଜନାର ଫାଇଦା ନେଉଛନ୍ତି । ତେଣୁ ଏଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି । ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୁବନେଶ କୁମାର କହିଛନ୍ତି ଯେ ଏହାଦ୍ୱାରା ବ୍ୟାଙ୍କ ଠକାମୀ, ନକଲି ଖାତା, ସରକାରଙ୍କ ବିଭିନ୍ନ ଯୋଜନାର ଲାଭକୁ ନେଇ ହେରଫେର ହେବାର ଆଶଙ୍କା ରହିଛି । ଅଧାର କାର୍ଡର ଆରମ୍ଭ ୨୦୧୦ରେ ହୋଇଥିଲା ଓ ୨୦୧୬ ପରେ ୮ କୋଟି ଆଧାର ଧାରକଙ୍କ ମୃତ୍ୟୁ ହୋଇଛି । ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମରୁ କେବଳ ୨୫ଟି ରାଜ୍ୟର ପରିସଂଖ୍ୟାନ ମିଳିଛି । ବାକି ରାଜ୍ୟଗୁଡିକରୁ ତଥ୍ୟ ହାସଲ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି । ୧୦୦ ବର୍ଷ ପାର କରିଥିବା ୮.୩ ଲକ୍ଷ ବିରଷ୍ଠ ନାଗରିକଙ୍କ ଆଧାର ଯାଞ୍ଚ ହୋଇଛି ବୋଲି କୁହାଯାଇଛି । ତେବେ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ବିରୋଧ କରିଛନ୍ତି । ସେ କହିଛନ୍ତି ଯେ ଏବେ ରାଜ୍ୟରେ ଏସଆଇଆର ଚାଲିଥିବା ବେଳେ ଭୋଟର ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଆଧାର ନାମରେ ଷଡ଼ଯନ୍ତ୍ର କରାଯାଉଛି । ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ।

## ଲଦାଖରେ ଭାରତର ନ୍ୟୋମା ଏୟାରବେସ୍ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୩ ।୧୧(ଏଜେନ୍ସି): ଚୀନ ସୀମା ନିକଟରେ ଓ ଲଦାଖସ୍ଥିତ ମୁଧ- ନ୍ୟୋମା ଏୟାରବେସ୍ ବୁଧବାର କାର୍ଯ୍ୟକ୍ଷମ ହୋଇଛି । ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଏହି ଏୟାର ବେସ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ସେ ନିଜେ ଗାଜିଆବାଦ୍‌ର ହିଣ୍ଡନ ଏୟାର ବେସ୍‌ରୁ ସି-୧୩୦ଜେ ସୁପର ହରକ୍ୟୁଲେସ୍ (ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ)ରେ ଉଡାଣ ଭରିବା ସହ ମୁଧ- ନ୍ୟୋମା ଏୟାରବେସ୍‌ରେ ଅବତରଣ କରିଥିଲେ । ତାଙ୍କ ସହ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ମୁଖ୍ୟ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା ମଧ୍ୟ ଥିଲେ । ଏହି ଏୟାରବେସ୍ ଚୀନ ସହିତ ଥିବା ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି) ଠାରୁ ମାତ୍ର ୨୫ କିମି ଦୂରରେ ଅବସ୍ଥିତ । ଏହି ଏୟାରବେସ ସମୁଦ୍ରପତ୍ତନଠାରୁ ୧୩, ୭୧୦ ଫୁଟ ଉଚ୍ଚରେ ଅବସ୍ଥିତ । ଏହା ବିଶ୍ୱର ସବୁଠାରୁ ଉଚ୍ଚ ଏୟାରବେସ୍‌ଗୁଡିକ ମଧ୍ୟରୁ ଅନ୍ୟତମ । ଏହି ଅତ୍ୟାଧୁନିକ ଏୟାର ବେସ୍‌ରେ ୨.୭ କିମି ଦୈର୍ଘ୍ୟର ରନୱେ ରହିଛି । ଏଠାରୁ ଲଢ଼ୁଆ ବିମାନ, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଓ ହେଲିକପ୍ଟର ଉଡାଣ ଭରିପାରିବ । ପାଖାପାଖି ୨୧୮ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି । ଏଠାରୁ ସୈନିକ ଓ ଅସ୍ତ୍ରଶସ୍ତ୍ର ନେଇ ଅତିଶୀଘ୍ର ଗୋଟିଏରୁ ଅନ୍ୟ ସ୍ଥାନକୁ ନିଆଯାଇପାରିବ । ନିକଟରେ ମୁଧା ଗାଁ ଥିବାରୁ ଏହି ଏୟାରବେସ୍‌ର ନାମ ମୁଧା- ନ୍ୟୋମା ରଖାଯାଇଛି । ୨୦୨୩ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଏୟାରବେସ୍‌ର ଶିଳାନ୍ୟାସ କରିଥିଲେ । ଲଦାଖରେ ଏହା ହେଉଛି ଭରାତୀୟ ବାୟୁସେନାର ଚତୁର୍ଥ ଏୟାରବେସ୍ । ଅନ୍ୟ ୩ଟି ଏୟାରବେସ୍ ଲେହ, କାରଗିଲ ଓ ଥୋଇସ୍‌ରେ ଅବସ୍ଥିତ । ୧୯୬୨ରେ ଚୀନ ବିପକ୍ଷ ଯୁଦ୍ଧ ପରେ ନ୍ୟୋମା ଏୟାରବେସ୍ ବନ୍ଦ କରିଦିଆଯାଇଥିଲା । ସେତେବେଳେ ଏଥିରେ ମାଟିର ରନୱେ ଥିଲା । ବର୍ଷା ହେଲେ ରନୱେରେ କାଦୁଅ ଭରିଯାଉଥିଲା । ଏବେ କିନ୍ତୁ ଏହା ଅତ୍ୟାଧୁନିକ ଶୈଳୀରେ ସବୁ ଋତୁ ପାଇଁ ନିର୍ମାଣ କରାଯାଇଛି ।

## ମୁକୁଲ ରଏଙ୍କ ବିଧାୟକ ପଦ ରଦ୍ଦ କଲେ କୋଲକାତା ହାଇକୋର୍ଟ



କୋଲକାତା, ୧୩ ।୧୧ (ଏଜେନ୍ସି): କୋଲକାତା ହାଇକୋର୍ଟ ଗୁରୁବାର ଦଳବଦଳ ବିରୋଧୀ ଆଇନ୍ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ମୁକୁଲ ରଏଙ୍କ ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟତାକୁ ରଦ୍ଦ କରିଛନ୍ତି । ଜଷ୍ଟିସ ଦେବାଙ୍ଗସୁ ବସାକଙ୍କ ଖଣ୍ଡପୀଠ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ବିଜେପି ବିଧାୟକ ଅମ୍ବିକା ରଏଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ଦଳବଦଳ ବିରୋଧୀ ଆଇନ୍ ନେଇ ଶୁଭେନ୍ଦୁ ମୁକୁଲଙ୍କ ସଦସ୍ୟତା ରଦ୍ଦ କରିବାକୁ ଆବେଦନ କରିଥିଲେ । ତେବେ ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏହାକୁ ଖାରଜ କରିଥିଲେ । ଫଳରେ ଶୁଭେନ୍ଦୁ ହାଇକୋର୍ଟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ମୁକୁଲ ବିଜେପି ଟିକଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଟିଏମ୍‌ସିରେ ଯୋଗ ଦେଇଥିଲେ । ମୁକୁଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ପାଖାପାଖି ୪ ବର୍ଷ ପରେ ଟିଏମ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହାପୂର୍ବରୁ ସେ ୨୦୧୭ରେ ଟିଏମ୍‌ସି ଛାଡି ବିଜେପିରେ ଯୋଗ ଦେଇଥିଲେ । ଶୁଭେନ୍ଦୁ ୨୦୨୧ ଜୁନ୍ ୧୮ରେ ମୁକୁଲଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତି ବିମାନଙ୍କୁ ଆବେଦନ କରିଥିଲେ ।

## ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ

ୱାସିଂଟନ, ୧୩ ।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସରକାରୀ ଫଣ୍ଡିଂ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି । ଏଥିସହ ୪୩ ଦିନ ଜାରି ରହିଥିବା ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ ହୋଇଛି । ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ (ନିମ୍ନ ସଦନ)ରେ ଏହି ବିଲ୍ ୨୨୨-୨୦୯ ଅନ୍ତରରେ ପାସ୍ ହୋଇଛି । ତେବେ ଏଥିରେ ହେଲଥ କେୟାର ପ୍ରୋଗ୍ରାମ୍ ଏସିଏ ସବସିଡ (ଓବାମା କେୟାର ସବସିଡ୍)ର ପ୍ରିମିୟର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରାଯିବା ନେଇ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ । ଏହି ଓବାମା କେୟାର ସବସିଡ୍ସ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି । ଏହି ବିଧେୟକ ପୂର୍ବରୁ ସିନେଟ୍ ଅର୍ଥାତ ଉପର ଗୃହରେ ଗୃହିତ ହୋଇସାରିଛି । ଉଲ୍ଲେଖଥାଉ କି, ଏହାପୂର୍ବରୁ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ଦ୍ୱିତୀୟ ସର୍ବବୃହତ୍ ୩୫ ଦିନର ସଟ୍‌ଡାଉନ୍ ଲାଗୁ କରାଯାଇଥିଲା ।

ବିଲ୍‌ରେ ସ୍ୱାକ୍ଷର କରିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ, ଦେଶ ଏହାପୂର୍ବରୁ କେବେ ଏତେ ଭଲ ସ୍ଥିତିରେ ନଥିଲା । ଆମେରିକା ଏକ ମହାନ ଦେଶ । ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ସୁଦ୍ଧା ଫଣ୍ଡିଂ ଅର୍ଥାତ ପାଣ୍ଠି ଉପଲବ୍ଧ କରାଇବ । ଏହି ବିଧେୟକ ଅନୁସାରେ ବିଭିନ୍ନ ଏଜେନ୍ସିଗୁଡିକ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ

**■ ହେଲ୍‌ଥ କେୟାର ପ୍ରୋଗ୍ରାମ ନେଇ ସହମତି ହୋଇନି**

**■ ଲଢ଼େଇ ଏବେବି ଜାରି ରହିଛି: ବିପକ୍ଷ**

ଛଟେଇ କରିବାରୁ ରୋକିବ । ଅନ୍ୟପଟେ ଡେମୋକ୍ରାଟ ପାର୍ଟିର କିଛି ନେତା ଏସିଏ ସବସିଡ୍‌ର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରିବା ନେଇ ଲଢ଼େଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି । ଏହି ଲଢ଼େଇ ଏବେ ଶେଷ ହୋଇନାହିଁ ଓ ଏହାକୁ ଆମେ ଜାରି ରଖିବୁ ବୋଲି ସେମାନେ କହିଛନ୍ତି । ଏହି ଭୋଟିଂ ନ୍ୟୁଜର୍ସି ଓ ଆରିଜୋନାରେ ହାଇପ୍ରୋଫାଇଲ ନିର୍ବାଚନରେ ବିଜୟ ହାସଲ କରିବାର ୮ ଦିନପରେ ଅନୁଷ୍ଠିତ ହୋଇଛି । ଏହା ଦ୍ୱାରା ସ୍ୱାସ୍ଥ୍ୟବିମା ସବ୍‌ସିଡ୍‌ର ବିସ୍ତାର ନେଇ ସମ୍ଭାବନା ଦୃଢ଼ ହୋଇଛି । ତେବେ ଏହି ବୁଝାମଣା ଅନୁସାରେ ଡିସେମ୍ବରରେ ଏହି ସବ୍‌ସିଡ୍ ନେଇ ସିନେଟ୍‌ରେ ମତଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । କିନ୍ତୁ ଗୃହରେ ଏପରି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ । କିନ୍ତୁ ଗୃହ ଟ୍ରମ୍ପଙ୍କ ରବର ଷ୍ଟାମ୍ପ ନ ହେଉ ଓ ଟ୍ରମ୍ପଙ୍କ ଜିଦ୍ କାରଣରୁ ଛୋଟ ପିଲା ଖାଦ୍ୟ ଓ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଡେମୋକ୍ରାଟ ସାଂସଦ ମିକି ସେରିଲ କହିଛନ୍ତି । ଏହି ତଥାକଥିତ ସ୍ୱାସ୍ଥ୍ୟବିମା କମ୍ପାନୀଗୁଡିକୁ ଲାଭ ପହଞ୍ଚାଉଛି ଓ ଆମେରିକା ଲୋକଙ୍କ ପାଇଁ କ୍ଷତିକାରକ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥରେ ପୋଷ୍ଟ କରି କହିଥିଲେ । ସବ୍‌ସିଡ୍ ବଦଳରେ ଲୋକଙ୍କୁ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ବୀମା କ୍ରୟ କରିବାକୁ ସୁବିଧା ଦିଆଯିବା ଉଚିତ ବୋଲି ଟ୍ରମ୍ପ କହିଥିଲେ । ଦୁଇଟି ପାର୍ଟିର ନେତାଙ୍କ ସହ ସାକ୍ଷାତ କରି ଏହାର ସମାଧାନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ ।

# +୨ ଇଣ୍ଟରନାଲ୍ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୧୩।୧୧(ସମିସ): ଡିସେମ୍ବର ୨୨ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପ୍ରସ୍ତୁତି ଆରମ୍ଭ କରିଛି। ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷାକୁ ସୁଚାରୁଭାବେ କରିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷା ଦେବେ। ମୋଟ୍ ୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ କୃତକାର୍ଯ୍ୟ ହେବ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଲଟ୍ ବା ଡିସେମ୍ବର ୨୨ରୁ ୩୧ ମଧ୍ୟରେ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ପ୍ରଦାନ କରାଯିବ। ଜାନୁଆରୀ ୨ରୁ ୧୫ ତାରିଖ ମଧ୍ୟରେ ସେମାନେ ପରୀକ୍ଷା ଦେଇପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କୁ ଫେଲ୍ ଭାବେ ଘୋଷଣା କରାଯିବ। ପରୀକ୍ଷାର ପ୍ରଶ୍ନପତ୍ର ପାଟର୍ଣ୍ଣ ମଧ୍ୟ ସିଏଚ୍ଏସ୍ଇ ପକ୍ଷରୁ ଜାରି କରାଯାଇଛି। ମୋଟ୍ ୨୦ ନମ୍ବର ଇଣ୍ଟରନାଲ୍ ପରୀକ୍ଷା ଥିବା ବିଷୟରେ ୫ଟି ଏକ ମାର୍କିଆ ପ୍ରଶ୍ନପତ୍ର ଆସିବ। ସେହିପରି ତିନୋଟି ଲେଖାଏଁ ୨ମାର୍କିଆ ଓ ୩ ମାର୍କିଆ ପ୍ରଶ୍ନ ଆସିବ। ଅନୁରୂପ ଭାବେ ମୋଟ୍ ୧୦ ନମ୍ବର ଥିବା ବିଷୟରେ ୫ଟି ଏକ ମାର୍କିଆ, ଗୋଟିଏ ଲେଖାଏଁ ୨ ଓ ୩ ମାର୍କ ବିଶିଷ୍ଟ ପ୍ରଶ୍ନପତ୍ର ଆସିବ। ସୂଚନାଯୋଗ୍ୟ, ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଚଳିତ ବର୍ଷ ନୂତନ ଭାବେ ୮୯ କେନ୍ଦ୍ରରେ ପରୀକ୍ଷା ହେବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

**୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ ପାସ**

## ନୀଳଗିରିରେ ଏକତା ପଦଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ସମୃଦ୍ଧ ଓଡ଼ିଶା ନିର୍ମାଣର ନେତୃତ୍ୱ ନେବେ ଯୁବଗୋଷ୍ଠୀ

ନୀଳଗିରି, ୧୩।୧୧ (ସମିସ): ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ଏକ ବିକଶିତ ଭାରତ ଗଠନ କରିବାର ମୁଖ୍ୟବିନ୍ଧାଣୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ରାସ୍ତାରେ ଆୟୋଜିତ ପଦଯାତ୍ରା(ରନ୍ ଫର୍ ୟୁନିଟ)ରେ ସହସ୍ରାଧିକ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାଧାରଣଜନତା, ସରକାରୀ ଅଧିକାରୀ ସାମିଲ ହୋଇଥିଲେ।




ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପରେ ନୀଳଗିରି ପୁଲିସ ପଡିଆ ଯାଇ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ମାଟିର ସୁପୁତ୍ରମାନଙ୍କର ଫଟୋଚିତ୍ର ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି କହିଥିଲେ ଯେ ବିଭାଜିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟଗୁଡ଼ିକୁ ମିଶ୍ରଣକରି ଏକତାର ସୂତ୍ରରେ ବାନ୍ଧିବା ପାଇଁ ସର୍ଦ୍ଦାର ପଟେଲଙ୍କ ଉଦ୍ୟମରେ ୫୬୪ଟି ଦେଶୀୟ ରାଜ୍ୟ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇପାରିଥିଲା। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେପରେ ଅନ୍ୟ ଦେଶୀୟ ରାଜ୍ୟ ଗୁଡିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆହ୍ୱାନ ଦେଇଥିଲେ। ପଦଯାତ୍ରା ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇ ଯୁବସମାଜ ଦେଶ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ମହିଳାକମିଶନ ଅଧକ୍ଷା ଶୋଭନା ମହାନ୍ତି, ରନ୍ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର, ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

# ଦେବୀ ନଦୀରେ ଜଣେ ମୃତ, ୨ ନିଖୋଜ

କଣ୍ଟାପଡ଼ା,୧୩।୧୧(ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଷଣ୍ଢ ପ୍ରତ୍ୟହ ଫସଲ ନଷ୍ଟ କରୁଥିବାରୁ ବ୍ୟଥିତ ହୋଇ ତାକୁ ନଦୀ ପାରି କରାଇବାକୁ ଚେଷ୍ଟା କରିଥିବା ତିନି ଜଣ ବ୍ୟକ୍ତି ପାଣିରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ପାଇକପଡ଼ା ଗାଁ'ର ଶଶି ଭୋଇ (୫୦)ଙ୍କ ଶବକୁ ଘଟଣାସ୍ଥଳରୁ କିଛି ମିଟର ଦୂରରେ ଉଦ୍ଧାର କରାଯାଇଛି।



**ଷଣ୍ଢକୁ ନଦୀ ପାରି କରାଇବା ହେଲା କାଳ**

ଗୁରୁବାର ଅପରାହ୍ନ ପ୍ରାୟ ୪ଟା ବେଳେ ସିମଳଦା ନିକଟରେ ପ୍ରବାହିତ ହେଉଥିବା ଦେବୀ ନଦୀରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଇକପଡ଼ା ଗ୍ରାମର ଶଶି ଭୋଇ (୫୦), ବିଶିପଦା ଗ୍ରାମର ରତ୍ନାକର ଭୋଇ (୬୦) ଓ ନାହାଳପୁରର ଭରତ ପ୍ରଧାନ (୫୦) ଷଣ୍ଢ ପାରି କରାଉଥିଲେ। କିଛି ସମୟ ପରେ ଉପରୋକ୍ତ ତିନି ଜଣଙ୍କ ପ୍ୟାଣ୍ଟ, ସାର୍ଟ ଓ ଚପଲ କେବଳ ନଦୀକୂଳରେ ପଡ଼ିଥିଲା। ଖବର ପାଇବା ପରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ ଏବଂ ଜନସାଧାରଣ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେତେବେଳକୁ ଷଣ୍ଢଟି ନଦୀର ଅଧା ପାଣିରେ ଛିଡ଼ା ହୋଇଥିଲା। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଷଣ୍ଢଟିକୁ ସୁରକ୍ଷିତ ଭାବେ କୂଳକୁ ଆଣିବାରେ ସକ୍ଷମ ହୋଇଥିଲେ। ଦେବୀ ନଦୀରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପାଣିରେ ପଶି ଖୋଜାଖୋଜି ଜାରି ରଖିଥିଲେ। ପରେ ଶଶି ଭୋଇଙ୍କ ଶବ ମିଳିଥିବା ବେଳେ ଅନ୍ୟ ଦୁଇଜଣଙ୍କର ସନ୍ଧାନ ପାଇଁ ଉଦ୍ୟମ ଜାରି ରଖିଛି। ଘଟଣାଟି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ଇପିଏଫ୍ଓ-୩.୦

# ୨୫ ହଜାର ହେବ ବେତନ ସୀମା

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଗକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍ଓ)ର ସଦସ୍ୟମାନେ ପେନ୍‌ସନ୍‌ରେ ବଡ଼ ଫଇଦା ପାଇବାକୁ ଯାଉଛନ୍ତି। ଏଣିକି ଅଧିକ ବେତନଧାରୀଙ୍କୁ ବି ମିଳିବ ଅଧିକ ପେନ୍‌ସନ୍‌ର ଫାଇଦା। କାରଣ ସରକାର ଇପିଏଫ୍ଓ ସଦସ୍ୟମାନଙ୍କର ବେତନସୀମାରେ ବୃଦ୍ଧି ଘଟାଇବାକୁ ଯାଉଛନ୍ତି। ସରକାର ସଦସ୍ୟଙ୍କ ବେତନ ସୀମା ୧୫,୦୦୦ ଟଙ୍କାରୁ ୨୫, ୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଶେଷ ଥର ପାଇଁ ୨୦୧୪ରେ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଅନ୍ତର୍ଗତ ବେତନ ସୀମା ୧୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ଏ ସମ୍ପର୍କିତ ଏକ ପ୍ରସ୍ତାବ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ହେବାକୁ ଥିବା ଇପିଏଫ୍ଓ ବୋର୍ଡ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି। ଯଦି ଏହି ପ୍ରସ୍ତାବକୁ ମଞ୍ଜୁରି ମିଳେ ତେବେ କର୍ମଚାରୀଙ୍କ ମାସିକ ପେନସନ୍ ପାଣ୍ଠି ଜମା ୧୨୫୦ ଟଙ୍କାରୁ ୨୦୮୩ ଟଙ୍କାକୁ ବୃଦ୍ଧି ପାଇବ। ଏହାକୁ ଏବେ ଇପିଏଫ୍ଓ-୩.୦ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇପାରେ, ଯାହା ୬୫ ନିୟୁତରୁ ଅଧିକ ସଦସ୍ୟଙ୍କୁ ଲାଭ ଦେବ।

**ଅଧିକ ବେତନଧାରୀଙ୍କୁ ବି ମିଳିବ ପେନ୍‌ସନ୍ ଫାଇଦା**

**ମାସିକ ପେନ୍‌ସନ୍ ଫଣ୍ଡ ଜମା ୧୨୫୦ରୁ ୨୦୮୩ ଟଙ୍କା ହେବ**

**୨୦୧୪ରେ ଇପିଏସ୍ ସୀମା ୧୫ ହଜାରକୁ ବଢ଼ିଥିଲା**

ଭାରତରେ ପିଏଫ୍ ଆକାଉଣ୍ଟଗୁଡ଼ିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଦ୍ୱାରା ପରିଚାଳିତ ହୁଏ। ଇପିଏଫ୍ଓ ସଦସ୍ୟଙ୍କ ବାଧ୍ୟତାମୂଳକ ବେତନ ସୀମା ୧୫,୦୦୦ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିଲେ ଉଚ୍ଚ ବେତନପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଇପିଏସ୍ ଯୋଜନା ଅଧୀନରେ ସାମାଜିକ ସୁରକ୍ଷାର ଲାଭ ପାଇବେ। ଇପିଏଫ୍ ଏବଂ ଇପିଏସ୍ ଉଭୟ ପାଇଁ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ପ୍ରତ୍ୟେକଙ୍କୁ ଦରମାର ୧୨% ଯୋଗଦାନ କରିବାକୁ ପଡିବ। କର୍ମଚାରୀଙ୍କ ସମ୍ପୂର୍ଣ୍ଣ ୧୨% ଇପିଏଫ୍‌କୁ ଯାଏ, ଯେତେବେଳେ କି ନିଯୁକ୍ତିଦାତାଙ୍କ ଯୋଗଦାନ ଦୁଇଟି ଭାଗରେ ବିଭକ୍ତ ହୋଇଛି। ନିଯୁକ୍ତି ଦାତା ୮.୩୩%ଇପିଏସ୍‌କୁ ଏବଂ ୩.୬୭% ଇପିଏଫ୍‌କୁ ଯୋଗଦାନ ଦେଇଥାନ୍ତି। ସଦସ୍ୟଙ୍କ ବେତନ ସୀମାରେ ବୃଦ୍ଧି ଇପିଏଫ୍- ଇପିଏସ୍ କର୍ପସକୁ ଦ୍ରୁତ ଗତିରେ ବୃଦ୍ଧି କରିବ, ଯାହା ଫଳରେ କର୍ମଚାରୀଙ୍କ ଅବସର ପେନସନ ଏବଂ ସୁଧ ଉଭୟ ବୃଦ୍ଧି ପାଇବ। ବର୍ତ୍ତମାନ ଇପିଏଫ୍ ର ମୋଟ ପାଣ୍ଠି ପରିମାଣ ପ୍ରାୟ ୨୬ ଲକ୍ଷ କୋଟି ଟଙ୍କା। ଏହାର ୭୬ ନିୟୁତ ସକ୍ରିୟ ସଦସ୍ୟ ଅଛନ୍ତି। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଇପିଏସ୍-୯୫ ଅନ୍ତର୍ଗତ ପେନସନ ପାଣ୍ଠିରେ ଯୋଗଦାନକୁ ମୂଳ ଦରମାର ସର୍ବାଧିକ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ। ଏହାର ଅର୍ଥ ହେଉଛି ଯେ ଆପଣଙ୍କର ଦରମା ୩୦,୦୦୦ କିମ୍ବା ୪୦,୦୦୦ ଟଙ୍କା ହୋଇ ଥାଉ ନା କାହିଁକି, ଆପଣଙ୍କର ପେନସନ କେବଳ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ। ଏଠାରେ ସୂଚନାଯୋଗ୍ୟ ଯେ, ଇପିଏସ୍ ସୀମା ଶେଷ ଥର ପାଇଁ ୨୦୧୪ ରେ ୬୫୦୦ ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

# ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

ବଲାଙ୍ଗିର,୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ)ର ପୂର୍ବତନ ପାକ୍ସ ସମ୍ପାଦକ କୁଶଧ୍ୱଜ ସାହୁ ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ସେ ଏହି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଶ୍ରୀ ଏହି ସମୟରେ ପ୍ରାୟ ୮ ଲକ୍ଷ ଟଙ୍କା ୩୪ ହଜାର ଟଙ୍କା ହେରଫେର କରିଥିବା ଭିଜିଲାନ୍ସ ତଦନ୍ତ ପରେ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ପାଖରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା। ୨୦୧୭-୧୮ର କ୍ଲୋଜିଂ ବାଲାନ୍ସ ଓ ୨୦୧୮-୧୯ ଓପନିଂ ବାଲାନ୍ସରେ ଫରକ ଦେଖାଦେଇଥିଲା। ଏନେଇ ଶ୍ରୀ ସାହୁ ସ୍ପଷ୍ଟ ଉତ୍ତର ରଖିପାରି ନ ଥିଲେ; ଯାହା ତାଙ୍କ ଦ୍ୱାରା କରାଯାଇଥିବା ହେରଫେର ସ୍ପଷ୍ଟ ସୂଚାଇଥିଲା। ଶେଷରେ ଭିଜିଲାନ୍ସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।



**୮ ଲକ୍ଷ ୩୪ ହଜାର ଟଙ୍କା ହେରଫେର ଅଭିଯୋଗ**

## ପୀତବାସ ପଣ୍ଡା ହତ୍ୟା ମାମଲା

# ଜେଲ୍‌ରେ ହେବ କୁରୁପତି, ଚିଣ୍ଟୁ ଓ ଯୋଗୀଙ୍କ ଟିଆଇ ପରେଡ୍

ବ୍ରହ୍ମପୁର,୧୩।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ ଯୋଗୀଙ୍କ ବ୍ରହ୍ମପୁର ଜେଲ୍‌ରେ ହେବ ଟିଆଇ ପରେଡ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ପ୍ରୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଛନ୍ତି। ଆକାଶ ବିଷୋୟୀ ଓ ଏନ୍. କିରଣ କୁମାରଙ୍କ ସମେତ ୩ରୁ ଊର୍ଦ୍ଧ୍ୱ ସାକ୍ଷୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟିଆଇ ପରେଡରେ ସାମିଲ ହେବେ ବୋଲି ସୂଚନା ମିଳିଛି।

ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଚିଣ୍ଟୁ ପ୍ରଧାନ ଘଟଣା ରାତିରେ ବାଇକ ଚଳାଉଥିବା ବେଳେ କୁରୁପତି ଭୂୟାଁ ପୀତବାସଙ୍କୁ ଗୁଳି ଚଳାଇଥିବା ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଥିଲେ। ଏପରିକି ଉଭୟ ଅଭିଯୁକ୍ତ ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ କରାଯାଇଥିଲା। କିନ୍ତୁ କୋର୍ଟ ଚାଲାଣ ବେଳେ ଉଭୟଙ୍କ ସମେତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିଲା। ଫଳରେ ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ବର୍ତ୍ତମାନ କେଉଁ ପରିସ୍ଥିତିରେ ଟିଆଇ ପରେଡ କରାଯାଇ କି ତଥ୍ୟ ହାସଲ କରିବାକୁ ତଦନ୍ତକାରୀ ଅଧିକାରୀ କୋର୍ଟରେ ଆବେଦନ କରିଛନ୍ତି ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଘଟଣା ସ୍ଥଳରେ ଯୋଗୀର ଭୂମିକା କଣ ରହିଥିଲା ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ହେଁ ଅଭିଯୁକ୍ତ ଯୋଗୀର ମଧ୍ୟ ପୁଲିସ ଟିଆଇ ପରେଡ଼ କରିବ। ମାମଲାରେ ପୁଲିସ ସାକ୍ଷ୍ୟ ଭାବେ ନେଇଥିବା ବ୍ୟକ୍ତିବିଶେଷ କେଉଁଠାରେ ରହି ଦେଖିଥିଲେ ଏବଂ ଅଭିଯୁକ୍ତଙ୍କୁ କିଭଳି ଚିହ୍ନଟ କରିବେ ତାହା ମଧ୍ୟ ଆଉ ଏକ ବଡ଼ ପ୍ରଶ୍ନ।

ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ରିମାଣ୍ଡ ରିକଲ ଆବେଦନ କରି ସର୍ତ୍ତମୂଳକ ଭାବେ ଖଲାସ କରିବା ନେଇ ହୋଇଥିବା ଆବେଦନ ଉପରେ ରାୟ ପ୍ରକାଶ ପୂର୍ବରୁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଆବେଦନର ରାୟ ଶୁକ୍ରବାର ପ୍ରକାଶ ପାଇବ ବୋଲି ବିକ୍ରମଙ୍କ ଓକିଲ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ କହିଛନ୍ତି।

## ଆଜି ନୂଆପଡ଼ା ଭୋଟଗଣତି

# ୪୧ ବୁଥ୍‌ରେ ୯୧ ପ୍ରତିଶତ ମତଦାନକୁ ନେଇ ବିଜେଡିର ପ୍ରଶ୍ନ

ଭୁବନେଶ୍ୱର, ୧୩।୧୧ (ସମିସ): ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନର ଫଳାଫଳ ଆସନ୍ତାକାଲି ପ୍ରକାଶ ପାଇବ। ତେବେ ଭୋଟ ଗଣତି ପୂର୍ବରୁ ନୂଆପଡ଼ା ଉପନିର୍ବାଚନରେ ନିର୍ଦ୍ଦିଷ୍ଟ କେତେକ ବୁଥ୍‌ରେ ମତଦାନ ହାରକୁ ନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ପୂର୍ବର ସବୁ ଉପନିର୍ବାଚନ ଓ ୧୧ ତାରିଖରେ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନର ରେକର୍ଡ ଭାଙ୍ଗିଛି ନୂଆପଡ଼ା। ଏଠାରେ ମତଦାନ ହାର ୮୩% ଅତିକ୍ରମ କରିଛି। ଅନେକ ସ୍ଥାନରେ ସନ୍ଧ୍ୟା ୫ଟା ପରେ ମତଦାନ ହାର ଦିନ ତୁଳନାରେ ଯଥେଷ୍ଟ ଅଧିକ ଥିବାବେଳେ କେତେକ ନିର୍ଦ୍ଦିଷ୍ଟ ବୁଥ୍‌ରେ ୯୦ ପ୍ରତିଶତରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ଭୋଟିଂ ହୋଇଛି।

ଏପରି କିଛି ବୁଥ୍ ସପର୍କରେ ସୂଚନା ଦେଇ ଦଳ କହିଛି ଯେ ବୁଥ୍ ନମ୍ବର ୧୨ (ଗୁଡ଼ାପଟରା ପ୍ରାଥମିକ ବିଦ୍ୟାଳୟ)ରେ ମୋଟ ୪୯୭ ଭୋଟରଙ୍କ ମଧ୍ୟରୁ ୪୪୮ ଜଣ, ବୁଥ୍ ନମ୍ବର ୧୪ (ବାରକୋଠୀ ପ୍ରାଥମିକ ବିଦ୍ୟାଳୟ)ରେ ୪୧୨ ଭୋଟରଙ୍କ ମଧ୍ୟରୁ ୩୭୪ ଜଣ ଏବଂ ବୁଥ୍ ନମ୍ବର ୧୬ (ଝିଟିକି ୟୁପି ସ୍କୁଲ )ରେ ୭୫୬ ଭୋଟରଙ୍କ ମଧ୍ୟରୁ ୭୧୦ ଜଣ ମତଦାନ କରିଛନ୍ତି। ଭୋଟଦାନର ଏପରି ଅସ୍ୱାଭାବିକ ହାର ପଛରେ କେଉଁଠି ନା କେଉଁଠି କିଛି ବିଭ୍ରାଟ ହୋଇଥିବା ଦଳ ସନ୍ଦେହ କରିଛି।

ଗୁରୁବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାର, ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ନୂଆପଡ଼ା ମତଦାନ ପ୍ରସଙ୍ଗରେ ସରକାର ଓ ନିର୍ବାଚନ ଅଧିକାରୀଙ୍କୁ କଠୋର ସମାଲୋଚନା କରିଛନ୍ତି। ଶାସକ ଦଳ ସରକାରୀ କଳକୁ ସମ୍ପୂର୍ଣ୍ଣ ବ୍ୟବହାର କରିଥିବା ଏବଂ ନିର୍ବାଚନ ଅଧିକାରୀଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ଦାବି ଏକ ପ୍ରହସନରେ ପରିଣତ ହୋଇଛି ବୋଲି ବିଜେଡି ନେତାମାନେ କହିଛନ୍ତି। ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଏହା ୮୩.୫ ପ୍ରତିଶତକୁ ବୃଦ୍ଧି ପାଇଥିବା କୁହାଗଲା। ଭୋଟିଂ ସମୟ ଶେଷ ହେବା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ସନ୍ଦେହଜନକ। ୪୧ଟି ବୁଥ୍‌ରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ଭୋଟ ରିଗିଙ୍ଗ ଦିଗ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି ବୋଲି ଅତନୁ କହିଛନ୍ତି।



**ସନ୍ଧ୍ୟା ୫ଟା ପରେ ୮ ପ୍ରତିଶତ ଅଧିକ ଭୋଟକୁ ନେଇ ସନ୍ଦେହ**

**୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟିଂ ବୁଥ୍‌ର ସିସିଟିଭି ଫୁଟେଜ ଦାବି**

ଡ. ଲେନିନ ମହାନ୍ତି କହିଛନ୍ତି, ଯେଉଁ ବୁଥ୍ ଗୁଡିକରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଛି, ସେଇ ବୁଥ୍‌ଗୁଡିକର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ବାସ୍ତବରେ ଲୋକ ଭୋଟ ଦେଇଛନ୍ତି, ନା ହେରଫେର ହୋଇଛି ତାହା ଏଥିରୁ ପ୍ରମାଣିତ ହେବ। ଇଭିଏମ ମେସିନ ଗୋଟିଏ ଘରୋଇ ଗାଡିରେ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁକ୍ତ ଓ ଅବାଧ ନିର୍ବାଚନ କରିବା ଉକ୍ତି ଏହି ଉପନିର୍ବାଚନରେ ପ୍ରହସନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିବା ବିଜେପି ପକ୍ଷରେ ସମ୍ଭବ ନୁହେଁ ବୋଲି ଜାଣି ବିଜେପି ପ୍ରଶାସନିକ କଳର ଅପବ୍ୟବହାର କରିଛି। ୯୦ ପ୍ରତିଶତ ଭୋଟିଂ ଏକ ବିରଳ ଘଟଣା। ବିଶେଷକରି ଉପନିର୍ବାଚନରେ ଏପରି ହେବା ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରିଛି। ସରକାରୀ ଅଧିକାରୀମାନେ ବିଜେପିର ଏଜେଣ୍ଟ ସାଜି କାମ କରିଛନ୍ତି, ଶେଷ ପର୍ଯ୍ୟାୟରେ ପୁଲିସର ତତ୍ତ୍ୱାବଧାନରେ ଟଙ୍କା ବଣ୍ଟା ହେଲା, ବୁଥ୍ ଭିତରେ ବିଜେପି ତରଫରୁ ପ୍ରଚାର କରାଗଲା। ବିଜେଡିର ଆପତ୍ତିକୁ ଗ୍ରହଣ କରାଗଲା ନାହିଁ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

## ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ

# ବ୍ରହ୍ମପୁର ଏସ୍‌ପିଙ୍କୁ ହଟାଇବାକୁ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୩।୧୧(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଏବଂ ଏହି ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା ପରେ ଏହି ହତ୍ୟାକାଣ୍ଡରେ ତାଙ୍କର ତଦନ୍ତ ପ୍ରକ୍ରିୟା ଓ ଭୂମିକାକୁ ନେଇ ବର୍ଷିଛି ରାଜ୍ୟ କଂଗ୍ରେସ। ଏହି ଘଟଣାକୁ ନେଇ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଯେଉଁ ତଥ୍ୟ ରଖିଥିଲେ, ତାହାକୁ ୱେବ୍‌ସିରିଜର କାହାଣୀ କହି ଦଳ ତାଙ୍କୁ ସମାଲୋଚନା କରିଛି। ଏହାସହିତ ଏଭଳି ବାହାଦୁରୀ ପାଇଁ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିବା ଓ ଏସ୍‌ପି ଏଥିପାଇଁ ହାଇକୋର୍ଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପରେ ମଧ୍ୟ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଦଳ ପ୍ରଶ୍ନ କରି ସରକାରଙ୍କ ଭୂମିକା ଉପରେ ସନ୍ଦେହ ପ୍ରକଟ କରିଛି।

ଗୁରୁବାର ଏହି ବିଷୟକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ବିଜେପି ଶାସନରେ କେଉଁଠି ବୋମା ବିସ୍ଫୋରଣ ହେଲାଣି ତ କେଉଁଠି ୱେବ୍‌ସିରିଜ କାହାଣୀ କୁହାଗଲାଣି। ବ୍ରହ୍ମପୁରରେ ଘଟିତ ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ନେଇ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ୱେବ ସିରିଜର ସ୍କ୍ରିପ୍ଟ ଭଳି ମନଗଢ଼ା



କାହାଣୀ ଅତି ସୁନ୍ଦର ଭାବରେ ଉପସ୍ଥାପନା କଲେ। ବିନା ତଥ୍ୟ ଆଧାରରେ କାହାଣୀ କହିବା ଯୋଗୁଁ ହାଇକୋର୍ଟ ବ୍ରହ୍ମପୁର ଏସପିଙ୍କୁ ଭର୍ତ୍ସନା କରିବା ସହିତ କୋର୍ଟରେ ବ୍ୟକ୍ତିଗତ ହାଜିର ପାଇଁ ଆଦେଶ ଦେଇଥିଲେ। ଏସ୍‌ପି ହାଇକୋର୍ଟ ଯାଇ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ଓଡିଶା ରାଜନୀତିରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। କାରଣ ଏସ୍‌ପି ଯେଉଁ ସ୍କ୍ରିପ୍ଟ କହିଲେ, ପ୍ରକୃତରେ ବିଜେପି ସରକାରଙ୍କ ଦ୍ୱାରା ତାହା ଲିଖିତ ନା, ଆରଏସଏସ ଲେଖି ଥିଲା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ପୀତବାସ ପଣ୍ଡାଙ୍କ ହତ୍ୟାକାରୀ ପୂର୍ବରୁ ରେକୀ କରିଥିଲେ ବୋଲି ସିସିଟିଭି ଫୁଟେଜ ଦେଖାଯାଇଛି; କିନ୍ତୁ ହତ୍ୟାକାଣ୍ଡ ବେଳର ଫୁଟେଜ ଦେଖାଇଲେ ନାହିଁ। ଏସ୍‌ପି କ'ଣ ଜ୍ୟୋତିଷ ନା ଦ୍ୱିତୀୟ ସାରଥୀ ବାବା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ ପଚାରିଛନ୍ତି।

**ୱେବ୍‌ସିରିଜ କାହାଣୀ ପଠନ କରୁଛନ୍ତି ଏସ୍‌ପି**

ଶ୍ରୀମତୀ ସାହୁ ପୁଣି କହିଛନ୍ତି ଯେ ଏସ୍‌ପିଙ୍କ କାହାଣୀ ପଠନ ସବୁ ବିଜେପି, ଆରଏସଏସ ଓ ପ୍ରଶାସନର ମିଳିତ ଚକ୍ରାନ୍ତ ଥିଲା। କାରଣ ନୂଆପଡା ନିର୍ବାଚନକୁ ପ୍ରଭାବିତ କରିବା ସହ ବାଲି ମାଫିଆଙ୍କ ସହ ସରକାରଙ୍କ ସମ୍ପର୍କ ଲୁଚେଇବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ବିଜେପି ସରକାର ଓଡିଶା ପୁଲିସକୁ ଆରଏସଏସ ପୁଲିସରେ ରୂପାନ୍ତରିତ କରିବାକୁ ଚାହୁଁଛି। ନିଜକୁ କଣ୍ଟକମୁକ୍ତ କରିବା ପାଇଁ ସରକାରୀ ଦଳ ସମସ୍ତ ତଥ୍ୟ ପ୍ରମାଣ ଲୁଚାଇବାକୁ ଚାହୁଁଛି। ମନଗଢ଼ା କାହାଣୀ ପାଇଁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓଡିଶାବାସୀଙ୍କ ମୁଣ୍ଡ ତଳକୁ କରି ଦେଇଛି। ଏତେ ଲଜ୍ଜାଜନକ ଘଟଣା ଘଟିଯିବା ସତ୍ତ୍ୱେ ସରକାର, ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଏପର୍ଯ୍ୟନ୍ତ ଦିଆ ଯାଇନାହିଁ। ତେଣୁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହାସହ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଏସପି ଶ୍ରବଣାଙ୍କୁ ହଟାଯାଉ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

ଦଳର ଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ଏସ୍‌ପିଙ୍କ ନିସର୍ତ୍ତ କ୍ଷମାପ୍ରାର୍ଥନା ପରେ ତାଙ୍କୁ ପୁଲିସ ଡିଜି ଓ ଗୃହମନ୍ତ୍ରୀ କେବେ ଦାୟିତ୍ୱମୁକ୍ତ କରିବେ ବୋଲି ପ୍ରଶ୍ନ କରିଛନ୍ତି। ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ ଏସ୍‌ପି ଦାୟିତ୍ୱରେ ରହିବାର ନୈତିକତା ହରାଇ ବସିଛନ୍ତି। ତେଣୁ ଏସ୍‌ପି ଶ୍ରବଣାଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ ପଚାରିଛନ୍ତି।

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ସୁନାଗହଣା, ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ

ବଅଁରପାଳ,୧୩।୧୧(ସମିସ): ବଅଁରପାଳ ଥାନା ନିକଟ ତୁଳସୀପାଳ ଗ୍ରାମର ନିତ୍ୟାନନ୍ଦ ବେହେରାଙ୍କ ଘର ତାଡ଼ି ସୁନାଗହଣା ଓ ଟଙ୍କା ଲୁଟ୍ ଅଭିଯୋଗରେ ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ତୁଳସୀପାଳ ଗ୍ରାମର ବିଜୟ ବିଶ୍ୱାଳ, ସୁନା ବିକ୍ରିରେ ସହଯୋଗ କରିଥିବା କଣ୍ଟାବଣିଆ ଥାନା ବ୍ରାହ୍ମଣ ପୁରୁଣାକୋଟ ଗ୍ରାମର କାର୍ତ୍ତିକ ଦାସଙ୍କ ପୁଅ ପୃଥ୍ୱୀରାଜ ଦାସ ଓ ଚୋରା ସୁନା କିଣିଥିବା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା କ୍ଷେଣ୍ଟପୁର ଗ୍ରାମର ଦୁର୍ଯ୍ୟୋଧନ ଦାସଙ୍କ ପୁଅ ଦେବେନ୍ଦ୍ର ଦାସ। ଏମାନଙ୍କ ନିକଟରୁ ପ୍ରାୟ ୧୦୦ ଗ୍ରାମ ଓଜନର ସୁନା ଅଳଙ୍କାର, ରୁପା ପାଉଁଜି ଜବତ କରାଯାଇଛି। ତେବେ ଚୋରି ହୋଇଥିବା ପ୍ରାୟ ୧ ଲକ୍ଷ ୪୦ ହଜାର ଟଙ୍କା ଜବତ ହୋଇପାରିନାହିଁ। ଏ ନେଇ ଏସଡିପିଓ ରମାକାନ୍ତ ମହାଳିକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଅକ୍ଟୋବର ୨୨ ତାରିଖ ନିତ୍ୟାନନ୍ଦ ଘରେ ତାଲା ପକାଇ ନିଜ ଝିଅ ସହ ତାଳଚେର ନନ୍ଦିରାକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ପଡ଼ୋଶୀ ବିଜୟ ବିଶ୍ୱାଳ ପାଚେରି ଡେଇଁ କବାଟ ଭାଙ୍ଗି ନିତ୍ୟାନନ୍ଦଙ୍କ ଘର ଆଲମାରୀରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ନିତ୍ୟାନନ୍ଦ ୨୩ ତାରିଖ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ପୁଲିସ ଟିମ୍ ଗଠନ ହୋଇ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ ହୋଇଥିଲା।

### ଆବଶ୍ୟକତାରୁ ଅଧିକ ବିସ୍ଫୋରକ ମହଜୁଦ; ଖ୍ରଣ୍ଡୋ-ବି କ୍ୱାରିରେ ଅତର୍କିତ ଚଢ଼ଉ

# ୨୭୫ କେଜି ବିସ୍ଫୋରକ ଜବତ; ଲିଜ୍‌ଧାରୀ ଫେରାର୍

କଣିହାଁ,୧୩।୧୧(ସମିସ)



ଆବଶ୍ୟକତାରୁ ଅଧିକ ବିସ୍ଫୋରକ ମହଜୁଦ ରଖିବା ଅଭିଯୋଗରେ କଣିହାଁ ବ୍ଲକ୍ ରେଙ୍ଗାଳି ଥାନା କୁଲୁମା ପଞ୍ଚାୟତ ଖ୍ରଣ୍ଡୋ-ବି ପଥର କ୍ୱାରିରେ ପୁଲିସ୍ ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ଣରେ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଲିଜ୍‌ଧାରୀ ଫେରାର୍ ହୋଇଯାଇଥିବା ବେଳେ ସେଠାରୁ ୨୭୫ କେଜି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତି କହିଛନ୍ତି। ଉକ୍ତ କ୍ୱାରିକୁ ସରକାରୀ ସ୍ତରରେ ଲିଜ୍ ଦିଆଯାଇଥିବା ବେଳେ ପଥର ବ୍ଲାଷ୍ଟିଂ ପାଇଁ ନିୟମ ମୁତାବକ

**ମାମଲା ରୁଜୁକରି ପୁଲିସର ତଦନ୍ତ**

ବିସ୍ଫୋରକ ସାମଗ୍ରୀ ପରିମାଣଠାରୁ ଢେର୍ ଅଧିକ ଗଚ୍ଛିତ ରଖିଥିବା ନେଇ ପ୍ରଶାସନ ପାଖରେ ଖବର ଥିଲା। ବୁଧବାର ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କ ନେତୃତ୍ୱରେ ତାଳଚେର ଡିଡିଏମ୍ ଶୁଭେନ୍ଦୁ ସାମଲ, ରେଙ୍ଗାଳି ଆଇଆଇସି ମହାନ୍ତି ଚଢ଼ଉ ଫୋର୍ସ ସହ ଚଢ଼ଉ କରିଥିଲେ। ଏ ନେଇ ଲିଜ୍‌ଧାରୀ ହିମାଚଳ ପଣ୍ଡାଙ୍କ ନାମରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ରେଙ୍ଗାଳି ଥାନା ଅଞ୍ଚଳରେ ଆଉ ଦୁଇଟି କ୍ୱାରି ରହିଛି। ଏହି ଦୁଇ ପଥର କ୍ୱାରି ଅନୁରୂପ ଭାବେ ଅଧିକ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ରୋଟାରୀ ପବ୍ଲିକ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ





ଅନୁଗୋଳ,୧୩।୧୧(ସମିସ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ବାର୍ଷିକ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳା, ସଂସ୍କୃତି, ହସ୍ତଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏଥିରେ ବିଭିନ୍ନ ବିଭାଗରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ସରାଙ୍ଗ ଆଇଜିଆଇଟିର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ବିନୋଦ ବିହାରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକର କୁପ୍ରଭାବ ଏବଂ ପରିବେଶର ସୁରକ୍ଷା ଉପରେ ସେମାନଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଅନୁଗୋଳ କ୍ରିଏଟିଭ ଟେକ୍ନୋ କଲେଜ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଆସିଥିବା ବିଚାରକ ଡ. ଭବାନୀଶଙ୍କର ସାହୁ, ଡାଏନା ପ୍ରଧାନ, ରାଜୁ ସୁନା,

**ଦୁଇଶହରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ**

ଅବସରପ୍ରାପ୍ତ କଳା ଶିକ୍ଷକ ରବୀନ୍ଦ୍ର ସାହୁ ଏବଂ ସିପୁନ ସାହୁ ପ୍ରମୁଖ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁବ୍ରତ କୁମାର ସାହୁ ଏବଂ ଶୁଭେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧକ୍ଷ ଡ. ଅଶୋକ କୁମାର ବେହେରା, ଉପାଧକ୍ଷ ଡ. ମନୋରଞ୍ଜନ ପଣ୍ଡା, ପ୍ରଧାନଶିକ୍ଷୟତ୍ରୀ କଳ୍ପଲତା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ରୋଟାରିଆନ ନିର୍ମଳ କୁମାର ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରିଆନ ନିଖିଲ ରଞ୍ଜନ ମିଶ୍ର, ରୋଟାରିଆନ ସୁଜିତ୍ କୁମାର ସାହୁ, ରୋଟାରିଆନ ଅଭିଷେକ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ଗୋପାଳପ୍ରସାଦ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା



ତାଳଚେର,୧୩।୧୧(ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦ ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ତାଳଚେର ବିଇଓ ଖଗେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ସାଉଥବଲଣ୍ଡା ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଅଧାପିକା ମଧୁମିତା ରାଉତରାୟ, ସମ୍ମାନିତ ଅତିଥି ଭାବେ ଏମସିଏଲ୍ ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ, ଏୟୁସିସି ଅଧକ୍ଷ ସନ୍ତୋଷ କୁମାର ପ୍ରଧାନ, ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୋପାଳପ୍ରସାଦ ସରପଞ୍ଚ, ସମିତି ସଭ୍ୟା, ସ୍ଥାନୀୟ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି ଲିଙ୍ଗରାଜ ସାମଲ, ସମାଜସେବୀ ସଂଗ୍ରାମ ସିଂହ ଓ ଗୋପାଳପ୍ରସାଦ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଧାୟକ ପ୍ରଧାନ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଛି ନୂତନତ୍ୱ ସୃଷ୍ଟି କରିବା ପାଇଁ ବିଜ୍ଞାନ ମେଳା ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। ପ୍ରତ୍ୟେକ ବିଦ୍ୟାଳୟ ପରିସରରେ ବିଜ୍ଞାନ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ମୁଖ୍ୟବକ୍ତା ଅଧାପିକା ରାଉତରାୟ ନିଜ ବକ୍ତବ୍ୟରେ ପିଲାମାନଙ୍କ ମନରେ ଉଠୁଥିବା ବିଭିନ୍ନ ଅବାନ୍ତର ପ୍ରଶ୍ନଗୁଡ଼ିକର ଉତ୍ତର ସରଳ, ବୋଧଗମ୍ୟ ଭାଷାରେ ବୁଝାଇଲେ ସେମାନେ ବିଜ୍ଞାନ ପ୍ରତି ଆକର୍ଷିତ ହେବେ ବୋଲି କହିଥିଲେ। ଏହି ମେଳାରେ ତାଳଚେର ବ୍ଲକ ଅନ୍ତର୍ଗତ ୧୨୦ ବିଦ୍ୟାଳୟରୁ ୧୧୧ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ବରିଷ୍ଠ ଶିକ୍ଷାବିତ୍ ସଦାନନ୍ଦ ପଣ୍ଡା, ବନ୍ତଳା ନୋଡାଲ ହାଇସ୍କୁଲର ଶିକ୍ଷୟତ୍ରୀ ସୁସ୍ମିତା ଭଟ୍ଟାଚାର୍ଯ୍ୟ ଓ ବ୍ରଜମୋହନ ହାଇସ୍କୁଲର ଶିକ୍ଷକ ମନୋଜ କୁମାର ସାହୁ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରାଛାତ୍ରୀମାନେ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଡ଼ିଆଭଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଲତିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋପାଳପ୍ରସାଦ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଚେରରେ ସାଇବର ସୁରକ୍ଷା ଅଭିଯାନ




ତାଳଚେର,୧୩।୧୧(ସମିସ): ତାଳଚେର ଉପଖଣ୍ଡରେ ପୁଲିସ ପକ୍ଷରୁ ଗୁରୁବାର ତାଳଚେର କଲେଜ ପଡ଼ିଆରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ତାଳଚେର ନଗରପାଳ ପବିତ୍ର ଭୁତିଆ, ଅନୁଗୋଳ ଏସ୍‌ପି ରାହୁଲ୍ ଜୈନ, ଉପଜିଲ୍ଲାପାଳ ସମୀର କୁମାର ଜେନା, ନୋଡାଲ ଜିଏମ ଅଶୋକ କୁମାର ଧଳଙ୍କ ସମେତ ଅନୁଗୋଳ ଏଏସପି ଓ ଏସ୍‌ଡିପିଓ ଯୋଗଦେଇଥିଲେ। ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। କମେଡି, ପାଲା ଓ ନାଟକ ଆଦି ମୋନରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସାଇବର ସୁରକ୍ଷା ନେଇ ସଚେତନ କରାଯାଇଥିଲା। ତାଳଚେର ଥାନା ଆଇଆଇସି ଦିଗବିଜୟ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଇବର ଅପରାଧ ନିବାରଣ, ଅନଲାଇନ୍ ସୁରକ୍ଷା ଏବଂ ଡିଜିଟାଲ୍ ସାକ୍ଷରତାକୁ ନେଇ ଯୁବପିଢ଼ି, ଛାତ୍ରଛାତ୍ରୀ ଏବଂ ବରିଷ୍ଠ ନାଗରିକମାନେ ଅଧିକ ସଚେତନ ଓ ସତର୍କତା ଅବଲମ୍ବନ କରିବା ଉଚିତ। ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରରେ କଲ୍ କରି ଅଭିଯୋଗ କରିବାକୁ ଏସ୍‌ପି ଜୈନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଯୁବପିଢ଼ି ସମେତ ବହୁ ଜନସାଧାରଣ ଓ ତାଳଚେରର ସମସ୍ତ ଥାନା ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

### • କାର୍ତ୍ତିକେଶ୍ୱର ଭସାଣ ବେଳେ ଆକ୍ରମଣ

# ଗୋଟିଏ ପରିବାରର ୧୦ ଆହତ

ଅନୁଗୋଳ,୧୩।୧୧(ସମିସ): କାର୍ତ୍ତିକେଶ୍ୱର ଭସାଣ ବେଳେ ମରଣାନ୍ତକ ଆକ୍ରମଣରେ ଗୋଟିଏ ପରିବାରର ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନୁଗୋଳ ସଦର ଥାନା ଅନ୍ତର୍ଗତ କରଡ଼ାଗାଡ଼ିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ବୁଧବାର ସନ୍ଧ୍ୟାରେ କରଡ଼ାଗାଡ଼ିଆ ଗ୍ରାମ ସାଆନ୍ତ ସାହି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଭସାଣି ହେଉଥିଲା। ଏହି ସମୟରେ ବିଶ୍ୱଜିତ୍ ଦେହୁରୀ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରୁଥିଲେ। ଭସାଣରେ ସାମିଲ ହୋଇଥିବା କିଛି ଯୁବକ ବିଶ୍ୱଜିତଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରି ପଳାଇଥିଲେ। ବିଶ୍ୱଜିତ୍‌ଙ୍କ ପରିବାର ଲୋକେ ବାହାରକୁ ଆସିବାରୁ ଆଉ କେତେଜଣ ଯୁବକ ସେମାନଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ପଳାଇଥିଲେ। ଏହି ଆକ୍ରମଣରେ ବିଶ୍ୱଜିତଙ୍କ ପରିବାରର ୧୦ ଜଣ ଗୁରୁତର ହୋଇଛନ୍ତି। ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଗୁରୁତରମାନଙ୍କ ମୁଣ୍ଡ, ହାତ, ପେଟ, ପିଠିରେ ଗଭୀର ଆଘାତ ଲାଗିଛି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

# ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



କଣିହାଁ,୧୩।୧୧(ସମିସ): ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ଅବସରରେ ଓଡ଼ିଶା ପୁଲିସ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ଆନୁକୂଲ୍ୟରେ ମଙ୍ଗଳବାର ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ଠାରେ ରେଞ୍ଜସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଦେବଗଡ଼, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କନିଷ୍ଠ ଓ ବରିଷ୍ଠ ପ୍ରତିଯୋଗୀମାନେ ରେଞ୍ଜସ୍ତରୀୟ ଇଂରାଜୀ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ଜୁନିଅର ଓଡ଼ିଆ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇବର ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ସେହିପରି, ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ହାପି ଦେହୁରୀ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର କୌଶଳୀ କ୍ଲବ ତରଫରୁ ଦୁଇ ଛାତ୍ର ଶୁଭମ ଶଙ୍କର ସାହୁ ଓ ପାର୍ଥସାରଥି ସାହୁ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଦ୍ୱାରା ଆୟୋଜିତ "ସ୍ୱପ୍ନର ଓଡ଼ିଶା-୨୦୩୬' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା ବିଦ୍ୟାଳୟ ଓ ସମଗ୍ର କଣିହାଁ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆଜି ବିଶ୍ୱ ଡାଇବେଟିସ ଦିବସ

# ରୋଗୀସଂଖ୍ୟା ଆଶାତୀତ ଭାବେ ବଢୁଛି

ଅନୁଗୋଳ,୧୩।୧୧(ସମିସ): ପୂର୍ବରୁ ଏକ ରିପୋର୍ଟରେ କୁହାଯାଇଥିଲା, ଭାରତବର୍ଷରେ ବୟସ୍କଙ୍କ ମଧ୍ୟରେ ୧୧ରୁ ୧୫ ପ୍ରତିଶତ ଲୋକ ଡାଇବେଟିସ (ମଧୁମେହ) ରୋଗର ଶିକାର ହେଉଛନ୍ତି। କିନ୍ତୁ ନିକଟରେ ଏକ ଅନ୍‌ଲାଇନ ହେଲଥ କେୟାର କମ୍ପାନୀ ପ୍ରାୟ ୪ ନିୟୁତ ରୋଗୀଙ୍କ ରିପୋର୍ଟକୁ ଆଧାର ପ୍ରକାଶ କରିଛି ଯେ ଏବେ ଦେଶରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ଏହି ରୋଗୀଙ୍କ ମଧ୍ୟରୁ ଅନେକ ଲିଭର, ହାର୍ଟ ଏବଂ ଥାଇରୟେଡ ରୋଗରେ ପୀଡ଼ିତ ଅଛନ୍ତି। ଅନ୍‌ଲାଇନ୍ କମ୍ପାନୀ ଫାର୍ମଇଜି ଅନୁସାରେ ୩୦ ବର୍ଷ ବା ତା'ଠାରୁ ଅଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଡାଇବେଟିସ ଅଧିକ ଦେଖିବାକୁ ମିଳୁଛି। ଉଚିତ୍ ଜୀବନଶୈଳୀ, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଡାଇବେଟିସକୁ ନିୟନ୍ତ୍ରଣ ମଧ୍ୟ କରାଯାଇପାରୁଛି। ଡାଇବେଟିସ ସମ୍ପ୍ରତି ସମାଜରେ ଏଭଳି ବଢ଼ିଚାଲିଛି ଯାହା ସାମାଜିକ ସ୍ଥିତି ସହ ପାରିବାରିକ ସ୍ଥିତିକୁ ମଧ୍ୟ ବିଗାଡ଼ିଦେଉଛି। ଅନୁଗୋଳରେ ମଧ୍ୟ ମଧୁମେହ ରୋଗୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏନ୍‌ସିଡି ସେଲ ପକ୍ଷରୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଔଷଧ ପରାମର୍ଶ ଦିଆଯାଉଛି। ଜନ ଔଷଧି କେନ୍ଦ୍ରଗୁଡ଼ିକରେ ଅତି କମ ଦାମ୍‌ରେ ଡାଇବେଟିସ ଔଷଧ ମିଳୁଥିବାରୁ ବହୁ ରୋଗୀ ଉପକୃତ ହେଉଛନ୍ତି।

# ଉଲଗ୍ନ ଓ ଅଶ୍ଳୀଳ ନୃତ୍ୟ ଘଟଣାରେ ୨ ଗିରଫ

ଅନୁଗୋଳ,୧୩।୧୧(ସମିସ): ଶନିବାର କାର୍ତ୍ତିକେଶ୍ୱର ଭସାଣି ସମୟରେ ଦୁଇପୂଜା କମିଟିର ଡିଜେ ପ୍ରତିଯୋଗିତା ବେଳେ ଯୁବକଙ୍କ ଉଲଗ୍ନ ଓ ଅଶ୍ଳୀଳ ନୃତ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଭଳି ନିନ୍ଦନୀୟ ତଥା ଲଜ୍ଜାଜନକ ଘଟଣାକୁ ଗୁରୁତ୍ୱର ସହ ନେଇଛି ବନ୍ତଳା ପୁଲିସ। ରବିବାର ଥାନା ଏଏସଆଇ ନୀଳାଚଳଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ବୁଧବାର ଘଟଣାରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହମାମୀରା ଗ୍ରାମର ମାନସ ବେହେରା (୩୦) ଓ କାମାକ୍ଷା ବେହେରା (୩୪)। ଘଟଣାରେ ସମ୍ପୃକ୍ତ ଅନ୍ୟତମ ଯୁବକ କୁଲୁ ସାହୁ ଫେରାର ଥିବା ବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ନଟବର ନନ୍ଦ କହିଛନ୍ତି।

### କିଶୋରନଗର ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

# 'ଜିଜ୍ଞାସା ମନୋଭାବର ସାର୍ଥକ ପ୍ରତିଫଳନ ହେଉଛି ବିଜ୍ଞାନ'

କିଶୋରନଗର,୧୩।୧୧(ସମିସ)



କ'ଣ, କାହିଁକି ଓ କିପରି ପ୍ରଶ୍ନରୁ ହିଁ ଆରମ୍ଭ ହୋଇଥାଏ ବିଜ୍ଞାନ। ଆବାହମାନ କାଳରୁ ଏଯାବତ ବିଜ୍ଞାନ ତା' ଜୟଯାତ୍ରା ଅବ୍ୟାହତ ରଖିଛି। ଏକ ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ମନୋଭାବ ନେଇ ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିପାରିଲେ ବିଜ୍ଞାନ ମେଳାର ସାର୍ଥକତା ପ୍ରତିପାଦିତ ହୋଇପାରିବ ବୋଲି ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କିଶୋରନଗର ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ବିଜ୍ଞାନ ମେଳାରେ ବାଲ୍ ବୈଜ୍ଞାନିକ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ପରିବେଶ ଅନୁକୂଳ ଜୀବନଶୈଳୀ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କିଶୋରନଗର ବିଇଓ ଅରୁଣ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ସମ୍ମାନିତ ଅତିଥି ଭାବେ ଉରୁକୁଳା ସରପଞ୍ଚ ସୁରୁଚି ସମର୍ଣ୍ଣା ସାହୁ ଓ ସମିତି ସଭ୍ୟ ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବିଜ୍ଞାନ ଶିକ୍ଷକ ରଜନୀକାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୨୨ଟି ବିଜ୍ଞାନ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଅଞ୍ଜଳିପ୍ରିୟା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ କିଶୋରନଗର ସିଆର୍‌ସିସି ଲକ୍ଷ୍ମଣ କୁମାର ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମଣୀ ରଞ୍ଜନ ସାହୁ ଓ ଜବାହରଲାଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କିଶୋରନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଅଗସ୍ତି ପ୍ରଧାନ ଓ ବବ୍ରୁବାହାନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ୧୯ରେ ପଦଯାତ୍ରା




ଅନୁଗୋଳ,୧୩।୧୧(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆସନ୍ତା ୧୯ ତାରିଖ ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ପର୍ବାହ୍ନ ୧୦ଟାରେ ଅନୁଗୋଳ ଷ୍ଟାଡିଅମ ସମ୍ମୁଖରୁ ପଦଯାତ୍ରା ବାହାରି ଥାନା ଛକ, ରାଜା ଛକ, ବଜାର ଛକ, ହରିମହୁରୀ ଛକ ଦେଇ ୧୧ଟାରେ ଇନ୍‌ଡୋର ଷ୍ଟାଡିଅମ ସମ୍ମୁଖରେ ପହଞ୍ଚିବ। ଏ ନେଇ ଗୁରୁବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂସଦ ରୁଦ୍ରନାରାୟଣ ପାଣି ସୂଚନା ଦେଇଛନ୍ତି। ଅନୁଗୋଳ ଜନସାଧାରଣ ଏହି ପଦଯାତ୍ରାରେ ସାମିଲ ହେବାପାଇଁ ସେ ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଉପସ୍ଥିତ ଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଦୋହଳି ହାଇସ୍କୁଲରେ ସାଂସଦ କ୍ରୀଡ଼ା ପ୍ରସ୍ତୁତି ବୈଠକ



**ଡେରାବିଶ, ୧୩।୧୧(ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳିସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟରେ ପାଟକୁରା ନିର୍ବାଚନମଣ୍ଡଳୀ ସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ୍‌ରେ ଅନୁଷ୍ଠିତ ହେଉଥିବାବେଳେ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ୍‌ର ତିନୋଟି, ଗରଦପୁର ବ୍ଲକ୍‌ର ତିନୋଟି ଓ ମାର୍ଶାଘାଇ ବ୍ଲକ୍‌ର ୧ଟି ଜୋନ୍‌ରେ ଆସନ୍ତା ୧୮ ତାରିଖରୁ ଏହି କ୍ରୀଡ଼ା ଆୟୋଜିତ ହେବ। ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପାଟକୁରା ନିର୍ବାଚନମଣ୍ଡଳୀ ବିଜେପି ନେତା ତେଜେଶ୍ୱର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟ ଅତିଥି ଭାବେ ବିଜେପି ନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଯୋଗ ଦେଇଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀ ଓ ସଚ୍ଚିକାନ୍ତ ମିଶ୍ର, ବିବି ମଡ଼େଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ, ଡେରାବିଶ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ ଓ କୁରୁଜଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ଗଦାଧର ସାହୁ, ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସିଆରସିସି ବିଶ୍ୱଜିତ ମୁଦୁଲି, ବିଭିନ୍ନ ବିଦ୍ୟାଳୟର ସିଆରସିସି ଓ ସମସ୍ତ ସ୍କୁଲର କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ। ଆସନ୍ତା ୧୮ରୁ କ୍ରୀଡ଼ା ଉତ୍ସବ ୧୪ନଂ ଜୋନ୍‌ର ବିବି ମଡ଼େଲ ହାଇସ୍କୁଲ ପଡ଼ିଆ, ୧୨ନଂ ଜୋନ୍‌ର ଡେରାବିଶ ସରକାରୀ ଖେଳ ପଡ଼ିଆ ଓ ୧୩ନଂ ଜୋନ୍‌ର କୁରୁଜଙ୍ଗାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହାକୁ ସୁଚାରୁରୂପେ ପରିଚାଳନା ପାଇଁ ଜୋନ୍ ସ୍ତରରେ ଥିବା ବିଜେପିର ବରିଷ୍ଠ କର୍ମୀ ଓ ସମାଜସେବୀ ସହଯୋଗ କରିବେ। ବୈଠକରେ ବ୍ଲକ ସଂଯୋଜକ ଭାବେ ସ୍ମାରକ ମହାନ୍ତି କାର୍ଯ୍ୟ କରୁଥିବାବେଳେ ତିନୋଟି ଜୋନ୍‌ର କର୍ମୀ ଭଞ୍ଜନ ମହାନ୍ତି, ଜିତେନ୍ଦ୍ର ପଣ୍ଡା, ୧୩ନଂ ଜୋନ୍‌ର ବିଜୟ ଜେନା, ଦୀପକ ଓଝା ଓ ସାରସ ସାମନ୍ତରାୟ, ୧୨ନଂ ଜୋନ୍‌ର ଶରତ ବେହେରା, ବିଶ୍ୱମୋହନ ଦାସ ଓ କିଶୋର ମାଣିଆ କାର୍ଯ୍ୟ କରିବେ ବୋଲି ସ୍ଥିର କରାଯାଇଥିଲା। ଦୀପ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପଟ୍ଟାମୁଣ୍ଡାଇରେ ଭୁଶୁଡ଼ି ପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

# କେଉଁଠି ଶ୍ରେଣୀ ଗୃହ ନାହିଁ ତ କେଉଁଠି ଶିକ୍ଷକ ଅଭାବ

**ପଟ୍ଟାମୁଣ୍ଡାଇ,୧୩।୧୧(ସମିସ):**



କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ପଟ୍ଟାମୁଣ୍ଡାଇରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଭିତ୍ତିଭୂମିର ଅଭାବ ଓ ଶିକ୍ଷକଙ୍କ ଅଭାବ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିପକାଇଛି। ଏଥିପାଇଁ ଅଭିଭାବକ, ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ଏହି ସମସ୍ୟା ପଟ୍ଟାମୁଣ୍ଡାଇ ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳୁଛି। ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢା ହୋଇ ନ ପାରିବା କାରଣରୁ ବହୁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକ ଶିକ୍ଷକ ନିଯୁକ୍ତି ଦାବିରେ ଆନ୍ଦୋଳନ କରୁଥିବା ନଜରକୁ ଆସୁଛି।

ଅନେକ ବିଦ୍ୟାଳୟରେ ଶ୍ରେଣୀଗୃହ ନ ଥିବାରୁ ପାଠପଢା ସମ୍ପୂର୍ଣ୍ଣ ବ୍ୟାହତ ହେଉଥିବାବେଳେ ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ ଶ୍ରେଣୀର ପିଲା ବସୁଥିବାରୁ ପଢ଼ାଇବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ପୌରାଞ୍ଚଳର ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାକୁ ନେଇ ରହିଛି ୬ଟି ଶ୍ରେଣୀ। ଯଦିଓ ଏଠାରେ ଚାରିଜଣ ଶିକ୍ଷକ ଅଛନ୍ତି, ମାତ୍ର ଦୁଇଟି ଶ୍ରେଣୀଗୃହ ଥିବାରୁ ଏଠାରେ ୬ଟି ଶ୍ରେଣୀର ପିଲା ପଢୁଛନ୍ତି। ତାହା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଶ୍ରେଣୀଗୃହ ଅଭାବରୁ ଏଠାରେ ଶିକ୍ଷାଦାନ ବ୍ୟାହତ ହେଉଛି।

ସେହିପରି ପୌରାଞ୍ଚଳର ଅରଡା-ମାଟିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାକୁ ମିଶାଇ ୬ଟି ଶ୍ରେଣୀ ଥିବାବେଳେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି। ଏଠାରେ ଦୁଇଟି ଛୋଟ ଶ୍ରେଣୀଗୃହ ରହିଛି। ଏହି ବିଦ୍ୟାଳୟରେ ୧୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଖରା, ବର୍ଷା ଓ ଶୀତରେ ପିଲାମାନେ ପଦାରେ ବସି ମଧ୍ୟାହ୍ନଭୋଜନ ଖାଉଥିବା ଦୃଶ୍ୟ ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଅଠରବାଟିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲା ପାଠ ପଢୁଥିବାବେଳେ ଷଷ୍ଠରୁ ଅଷ୍ଟମ ପିଲାଙ୍କ ପାଇଁ ଆଦୌ ଶ୍ରେଣୀଗୃହ ନ ଥିବାରୁ ୧ କିମି ଦୂର ବଜ୍ର ମହାକାଳୀ ହାଇସ୍କୁଲକୁ ଯାଇ ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ବାଲିପାଟଣା ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୫୦ ଜଣ ପିଲା ପାଠ ପଢୁଥିବାବେଳେ ୬ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବଳଭଦ୍ରପୁର ପଞ୍ଚାୟତ ଅଲେଖପୁର ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ରହିଛି। ଏଠାରେ ଜଣେ ମାତ୍ର ଶିକ୍ଷକ ନିଯୁକ୍ତି ପାଇଛନ୍ତି ଓ ବାଲିପାଟଣା ନୋଡାଲ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଚନ୍ଦନଗର ପଞ୍ଚାୟତର ପାଟଣା ନୋଡାଲ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି। ସେହିପରି ପୌରାଞ୍ଚଳର ଷଣ୍ଢପଲ୍ଲୀ, ବକ୍ତାରପୁର ଆଦି ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲିପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବୋଧଗାଁ ଓ କଖାରୁଣୀ ଆଦି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହୋଇଛି। ଅନ୍ୟପକ୍ଷରେ ଏକକ ଶିକ୍ଷକରେ ଚାଲିଥିବା ଅନ୍ୟ କେତେକ ବିଦ୍ୟାଳୟରେ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

### କେନ୍ଦ୍ରାପଡ଼ା ତହସିଲରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର

## ୮୮ଟି ରାଜସ୍ୱ ଅଭିଯୋଗ ପଞ୍ଜୀକୃତ

**କେନ୍ଦ୍ରାପଡ଼ା, ୧୩।୧୧(ସମିସ):** ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ରାଜସ୍ୱ ଜନଶୁଣାଣି ଶିବିର ଆରମ୍ଭ ହୋଇଛି। ପ୍ରଥମ ଦିବସରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ଏହି ଶିବିର ପ୍ରଥମଥର ପାଇଁ ଆୟୋଜିତ ହେଉଥିବାରୁ ଜମିଜମା ସଂକ୍ରାନ୍ତୀୟ ମାମଲା ସମାଧାନ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ରାପଡ଼ା ତହସିଲରେ ଗୁରୁବାର ଜନଶୁଣାଣି ଶିବିରରେ ମୋଟ ୮୮ଟି ରାଜସ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅଭିଯୋଗ ମଧ୍ୟରେ ମାପଚୁପ, ଦଖଲ ଖାରଜ, ଜବରଦଖଲ ଓ ଜମି ସମସ୍ୟା ସମ୍ବନ୍ଧୀୟ ମାମଲା ରହିଥିଲା। ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ହୋଇ ଲୋକଙ୍କ ଅଭିଯୋଗ ଶୁଣି ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ, ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ଓ ରାଜସ୍ୱ ସମସ୍ୟାକୁ ତଳ ସ୍ତରରେ ଶୁଣି ଦ୍ରୁତ ସମାଧାନ କରିବା ହିଁ ଏହି ଶିବିରର ଲକ୍ଷ୍ୟ। ପ୍ରଶାସନ ଲୋକଙ୍କ ଦୁଆରରେ ପହଞ୍ଚିବା ଉଚିତ। ଏହି ମାସରେ ଜିଲ୍ଲାପାଳ, ଦୁଇ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଭିନ୍ନ ତହସିଲରେ ଏହି ଶିବିର ଆୟୋଜିତ ହେବ। ଆସନ୍ତାକାଲି ଗରଦପୁର ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ୧୫ ତାରିଖରେ ଆଳି ତହସିଲରେ ଉପଜିଲ୍ଲାପାଳ, ୧୮ ତାରିଖରେ ଡେରାବିଶ ତହସିଲରେ ଜିଲ୍ଲାପାଳ, ୧୯ ତାରିଖରେ କନିକା ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ୨୦ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲରେ ଉପଜିଲ୍ଲାପାଳ, ୨୬ ତାରିଖରେ ମହାକାଳପଡ଼ା ତହସିଲରେ ଉପଜିଲ୍ଲାପାଳ, ୨୮ ତାରିଖରେ ମାର୍ଶାଘାଇ ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶୁଣାଣି କରିବେ। ରାଜସ୍ୱ ସମସ୍ୟା ସମ୍ପର୍କିତ ଯେକୌଣସି ଅଭିଯୋଗ ନିଜ ତହସିଲ କାର୍ଯ୍ୟାଳୟକୁ ପୂର୍ବାହ୍ନ ୧୦.୩୦ଠାରୁ ଦିନ ୧ ଘଣ୍ଟା ପର୍ଯ୍ୟନ୍ତ ଆସି ଅଭିଯୋଗ ଜଣାଇପାରିବେ।



## ଧାନଜମି ହୁଡ଼ାରେ ଶୋଇଛି କୁମ୍ଭୀର

**ରାଜନଗର,୧୩।୧୧(ସମିସ):** ରାଜନଗର ବ୍ଲକ୍ ଗୋପାଳପୁର-କେରଡ଼ାଗଡ଼ ପୂର୍ତ୍ତ ବିଭାଗ ରାସ୍ତାର ଘୋଡ଼ାପାରିଆ (ଓଲରା) ଛକ ନିକଟରୁ ଯାଇଥିବା ନାଳର ଅପରପାର୍ଶ୍ୱରେ ଥିବା ଚାଷଜମି ହୁଡ଼ାରେ କୁମ୍ଭୀର ଶୋଇଥିବା ଦେଖିବାକୁ ମିଳିଛି। ହଂସୁଆ ନଦୀକୁ ସଂଯୋଗ କରିଥିବା ଧାନଦିଆ-ନୂଆଗାଁ ନାଳରେ ଦୀର୍ଘ ତିନିବର୍ଷରୁ ଊର୍ଦ୍ଧ୍ୱ ହେବ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳୁଛି। କିଛିଦିନ ହେବ କୁମ୍ଭୀରଟି ଚାଷଜମି ହିଡ଼ରେ ସକାଳୁ ଖରା ଖାଉଥିବା ଦୃଶ୍ୟ ଚାଷୀଙ୍କୁ ଭୟଭୀତ କରିଛି। ଚାଷୀ ଜମିକୁ ଯିବାକୁ ଭୟ କରୁଛନ୍ତି। କୁମ୍ଭୀରକୁ ବନ ବିଭାଗ ଉଦ୍ଧାର କରି ଅନ୍ୟତ୍ର ଛାଡ଼ିବା ସହ ନଦୀକୁ ସଂଯୋଗ କରିଥିବା ନାଳ ମୁହଁରେ ତାରବାଡ଼ ଦେବାକୁ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆମକୁ ସୂଚନା ମିଳିଛି। ଖୁବଶୀଘ୍ର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



## ବଡ଼ମୂଳବସନ୍ତ କୃଷି ସମବାୟ ସମିତିରେ ଅନିୟମିତତା ଅଭିଯୋଗ

**ପଟ୍ଟାମୁଣ୍ଡାଇ,୧୩।୧୧(ସମିସ):** କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ବଡ଼ମୂଳବସନ୍ତ ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ପ୍ରାଥମିକ କୃଷି ସମବାୟ ସମିତିରେ ଥିବା ନିର୍ବାଚିତ ସଭାପତି, ସମ୍ପାଦକ ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲୁଥିବାରୁ ପଞ୍ଜୀକୃତ ଚାଷୀ ଶୋଷଣର ଶିକାର ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଆଉ ଦିନ କେଇଟା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯିବ। ପ୍ରକୃତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ ସମୟରେ କ୍ୱିଣ୍ଟାଲ ପିଛା ୭ରୁ ୮ କିଗ୍ରା ଧାନ କଟନୀ ଛଟନି କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷରେ କେତେକ ଅଣଚାଷୀଙ୍କ ଧାନ କାଗଜକଲମରେ କିଣା ବିକା ହେଉଥିବା ଦର୍ଶାଇ ସରକାରୀ ଅନୁଦାନ ହଡ଼ପ କରାଯାଉଥିବା ସମବାୟ ସମିତିର ସଭ୍ୟ ଚାଷୀମାନେ ଅଭିଯୋଗ କରିଆସୁଥିବାବେଳେ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସମ୍ପ୍ରତି ଏଫ୍‌କ୍ୟୁ ମାନ ଧାନରେ ଆର୍ଦ୍ରତା ଓ ବାଲି, ଗୋଡି, ଧୂଳି, କାଠିକୁଟା ଓ ପୋକା, ପାଣି ଫୁଲା, ବେରଙ୍ଗି, ଅପରିପକ୍ୱ ସବୁଜ ଓ ସଂକୁଚିତ ଓ ମୋଟା ଧାନ ମିଶି ରହିଥିଲେ ତାହା କ୍ରୟ କରାଯିବାରେ ଅସୁବିଧା ନ ଥିବା ସରକାରୀ ନିର୍ଦ୍ଦେଶନାମା ରହିଛି। ଏହି କୃଷି ସମବାୟ ସମିତିରେ ଚାଷୀଙ୍କୁ ଧାନ ବିକ୍ରି ସମୟରେ ନିରାଶ ହେବାକୁ ପଡୁଛି। କଟନି ଛଟନି କରାଯାଉଥିଲେ ହେଁ ଚାଷୀ ପ୍ରତିବାଦ କରିପାରୁନାହାଁନ୍ତି। ଅନ୍ୟପକ୍ଷରେ ସମବାୟ ସମିତି ମଣ୍ଡିରେ ଚାଷୀ ଧାନ ଦେବାର ବ୍ୟବସ୍ଥା ଥିଲେ ହେଁ ମଣ୍ଡିରେ ଧାନ ନ ଦେଇ ସିଧାସଳଖ ମିଲରେ ଧାନ ପହଞ୍ଚାଇବା ପାଇଁ ଚାଷୀଙ୍କୁ କୁହାଯାଉଛି। ଫଳରେ ହାତରୁ ପଇସା ଖର୍ଚ୍ଚ କରି ଚାଷୀ ଟ୍ରକ୍ କିମ୍ବା ଟ୍ରାକ୍ଟରରେ ମିଲରେ ଧାନ ପହଞ୍ଚାଇବାକୁ ବାଧ୍ୟ ହେଉଛି। ସେଠାରେ ମଧ୍ୟ ଧାନର ମାନ ଠିକ୍ ନାହିଁ ବୋଲି କହି ମିଲର ଧାନ ଓଜନ ସମୟରେ କଟନି ଛଟନି କରୁଥିବା ଅଭିଯୋଗ ହୋଇଛି। ଆଗାମୀ ଖରିଫ ଋତୁ ଧାନ କ୍ରୟ ସମୟ ପୂର୍ବରୁ ବିଭାଗୀୟ ଅଧିକାରୀ ଏହି ସମବାୟ ସମିତିର ରେକର୍ଡ ତନଖି କରିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି। ଏହି ପ୍ରାଥମିକ କୃଷି ସମବାୟ ସମିତିରେ କୃଷି ଋଣ ପ୍ରଦାନରେ ବ୍ୟାପକ ଅନିୟମିତତା ଓ ହେରାଫେରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ ଚାଷୀ ଏଥିରୁ ବାଦ ପଡୁଥିବାବେଳେ ଅଣଚାଷୀଙ୍କୁ କୃଷି ଋଣ ଦିଆଯାଉଥିବା ଗୁରୁତର ଅଭିଯୋଗ ହୋଇଛି। ଏ ଘଟଣା ସମ୍ପର୍କରେ ମତାମତ ପାଇଁ କୃଷି ସମବାୟ ସମିତି ସଭାପତି ଓ ସମ୍ପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

### ତଦନ୍ତ କରାଯିବାକୁ ଚାଷୀଙ୍କ ଦାବି

### ଲୁଣାନଦୀ ପଠା ପରିଦର୍ଶନ କଲେ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ

## 'ବନ୍ଧକୁ କରାଯିବ ପଥର ପ୍ୟାକିଂ'

**ଡେରାବିଶ,୧୩।୧୧(ସମିସ):** ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀର ବିଲ୍ୱମାଳ ମଠ ନିକଟରେ ମଙ୍ଗଳବାର ୭୦ ଫୁଟ ଲମ୍ବର ବାମପାର୍ଶ୍ୱର୍ ନଦୀପଠା ନଦୀ ଗର୍ଭକୁ ଭୁଶୁଡ଼ି ପଡ଼ିଛି। ଏ ଖବର ପାଇ ଆଜି ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ଉମେଶ ସେଠୀ, ଛତା ଉପଖଣ୍ଡ ଅଧିକାରୀ ଇଂ ପ୍ରମୋଦ କୁମାର ରାୟ ଓ ପୁବଂଶ ସେକ୍ସନର ଯନ୍ତ୍ରୀ ଶାରଦା ପ୍ରସନ୍ନ ସାହୁ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ଏଠାରେ କେନାଲ ପାଣି ନଦୀ ମଧ୍ୟକୁ ଝରି ପଡୁଥିବାରୁ ଅତଡ଼ା ଖସିଛି ବୋଲି ଅନୁମାନ କରାଯାଉଥିବାବେଳେ ଏହି ସ୍ଥାନରୁ ଉପରକୁ ପଥର ପ୍ୟାକିଂ ହୋଇ ବନ୍ଧ ମଜବୁତ୍ ରହିଛି। ଅତଡ଼ା ପଡ଼ିଥିବା ସ୍ଥାନଠାରୁ ଲୁଣାନଦୀର ବାମପାର୍ଶ୍ୱର୍ ବନ୍ଧ ଦାନପୁର ପୋଲ ପର୍ଯ୍ୟନ୍ତ ପଥର ପ୍ୟାକିଂ କରାଯିବା ପାଇଁ ଏଷ୍ଟିମେଟ୍ ହୋଇଛି ବୋଲି ଯନ୍ତ୍ରୀ ଶ୍ରୀ ସେଠୀ ପ୍ରକାଶ କରିଥିଲେ। ତୁରନ୍ତ ଏହି ସ୍ଥାନକୁ ପଥର ପ୍ୟାକିଂ କରାଯାଇ ବନ୍ଧକୁ ସୁଦୃଢ଼ କରାଯିବ ବୋଲି ଯନ୍ତ୍ରୀମାନେ ପ୍ରକାଶ କରିଥିଲେ।



### ଧୋୟାଞ୍ଚଳରେ କାଳୀମୁଖି ପୋକ ଉପଦ୍ରବ

# ଚରି ଯାଉଛନ୍ତି ବିରି ଫସଲ

**ଗୋବିନ୍ଦପୁର, ୧୩।୧୧(ସମିସ):** ଆଳି ବ୍ଲକ୍ ଅନ୍ତର୍ଗତ ପଶ୍ଚିମ ଆଳି ତଥା ଧୋୟାଞ୍ଚଳରେ କାଳୀମୁଖି ପୋକ ବିରି ଫସଲ ଖାଇ ଦେଉଥିବା ଅଭିଯୋଗ ହେଉଛି। ଫସଲର ଏପରି ଅବସ୍ଥା ଦେଖି ଚାଷୀ ଆତଙ୍କିତ ହୋଇପଡିଛନ୍ତି। ଚଳିତବର୍ଷ ଲଗାତର ପାଞ୍ଚଥର ବନ୍ୟାରେ ଧୋୟାଞ୍ଚଳର ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଚାଷୀର ବର୍ଷକର ଆହାର ବନ୍ୟା ଛଡ଼ାଇ ନେଇଥିଲା। ଫସଲ ନଷ୍ଟ ଯୋଗୁଁ ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଏଭଳି ପରିସ୍ଥିତିରେ ଚାଷୀ ଧାର କରଜ କରି ସମବାୟ ସମିତିରୁ ଋଣ କରି ବିରି ଫସଲ କରିଥିଲେ। ଭାବିଥିଲେ ଧାନ ଫସଲ ତ ଗଲା ବିରି ଫସଲ କରି ଦୁଇ ପଇସା ରୋଜଗାର କରି ଚଳିଯିବେ। ଅକ୍ଟୋବର ମାସ ଶେଷ ସପ୍ତାହରେ ପ୍ରବଳ ବର୍ଷା ଯୋଗୁଁ ବିରି ଫସଲ କିଛି ନଷ୍ଟ ହେବା ପରେ ଏବେ କାଳୀମୁଖି ପୋକ ବିରି ଗଛ ଖାଇ ଦେଉଥିବାରୁ ଫସଲ ନଷ୍ଟ ହେଉଛି। ଫସଲ ଅବସ୍ଥା ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଜିଲ୍ଲାପାଳ ଓ କୃଷି ବିଭାଗ ତୁରନ୍ତ ଦୃଷ୍ଟି ଦେଇ କୀଟନାଶକ ଔଷଧ ଦେଇ କାଳୀମୁଖି ପୋକ ଦାଉରୁ ଫସଲ ରକ୍ଷା କରିବାକୁ ଚାଷୀ ସୁଦର୍ଶନ ପ୍ରଧାନ, ବୈକୁଣ୍ଠ ନାଥ ସାମଲ, ଶିବପ୍ରସାଦ ବେହେରା, ନିର୍ମଳ ଦାସ, ଅଚ୍ୟୁତାନନ୍ଦ ସାମଲ, ପ୍ରମୋଦ ଦାସଙ୍କ ସମେତ ୧୦ଟି ପଞ୍ଚାୟତର ଚାଷୀ ଦାବି କରିଛନ୍ତି।



## ଦୂରଦର୍ଶନରେ ଗଡ଼ମେକରର ସାଂସ୍କୃତିକ ବିଚିତ୍ରା

**ପଟ୍ଟାମୁଣ୍ଡାଇ,୧୩।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ନସିପୁରସ୍ଥ ଓଡ଼ିଶାର ସର୍ବବୃହତ ପଞ୍ଚକଳା କେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ଼ମେକର୍)ର ଶିଶୁ ଶିଳ୍ପୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶୁ ଦିବସ ଉପଲକ୍ଷେ ଶୁକ୍ରବାର ସକାଳ ୧୦ଟାରେ ଭୁବନେଶ୍ୱର ଦୂରଦର୍ଶନ (ଡିଡି ଓଡିଆ)ରେ ପ୍ରଦର୍ଶିତ ହେବ। ଏଥିରେ ଶିଶୁଙ୍କ ମନୋରଞ୍ଜନ ପାଇଁ ଏକଘଣ୍ଟାର ନୃତ୍ୟ, ସଙ୍ଗୀତ, ବାଦ୍ୟ, ବର୍ଣ୍ଣାଳୀକୁ ସଂଯୋଜନା କରିଛନ୍ତି ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ ପାଣି। କାର୍ଯ୍ୟକ୍ରମ ଉପସ୍ଥାପନାରେ ଅଛନ୍ତି କଣ୍ଠଶିଳ୍ପୀ ସମନ୍ୱିତା ଦାଶ। ବିଶେଷ ଆଲେଖ୍ୟ ବ୍ୟକ୍ତ କରିଛନ୍ତି ଶିଳ୍ପୀ ସାଇ ସ୍ୱରାଜ ଶତପଥୀ। କେନ୍ଦ୍ରାପଡ଼ାର ସୁପ୍ରସିଦ୍ଧ ପାଟୁଆ ନାଚ ସହିତ ଓଡ଼ିଶୀ ମଙ୍ଗଳାଚରଣ, ଦେବୀ ବନ୍ଦନା, ଜାତୀୟ ସଂହତି ନୃତ୍ୟ-ସଂଗୀତ, ଗଣକବି ଗୋପାଳ ଦାଶଙ୍କ ରାସନୃତ୍ୟ, ଖେଳ-କୌତୁକ ବୃନ୍ଦଗାନ, ବୃନ୍ଦ ତବଲା ବାଦନ ଗୁରୁ ବିଜୟ ଦାଶ, ସମୀରଞ୍ଜନ ଦାସ, ଗୁରୁ ସୁଶାନ୍ତ ପାଣି ପ୍ରମୁଖଙ୍କ ନିର୍ଦ୍ଦେଶନାରେ ସଂଯୋଜିତ କାର୍ଯ୍ୟକ୍ରମରେ ସଞ୍ଜୟ ଦେବ, ଅକ୍ଷୟ ମଲ୍ଲିକ, ସୌମ୍ୟକାନ୍ତ ମଲ୍ଲିକ, ବିଶ୍ୱଜିତ୍ ଦାସ, ସରୋଜ ପଣ୍ଡା ବାଦ୍ୟଯନ୍ତ୍ରରେ ସହଯୋଗ କରିଛନ୍ତି।



## ଗଡ଼ମେକରର 'ସୁଆଙ୍ଗ ଗୀତ' ପରିବେଷଣ


**ପଟ୍ଟାମୁଣ୍ଡାଇ,୧୩।୧୧(ସମିସ):** ବଡ଼ମୂଳବସନ୍ତ ନସିପୁରସ୍ଥ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର) "ସୁଆଙ୍ଗ ଗୀତ' ଭୁବନେଶ୍ୱର ଭାରତୀୟ ବିଦ୍ୟା ଭବନର ମୁନସୀ ହଲ୍‌ରେ ପରିବେଷଣ କରାଯାଇଥିଲା। ଗଡ଼ମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ସୁପ୍ରିୟା ଦାଶ, ଅମୃତମୟ ସାମଲ, ପ୍ରିୟଙ୍କା ବେହେରା, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ ପ୍ରମୁଖ ସୁଆଙ୍ଗ ଗୀତରେ ସାମିଲ ହୋଇଥିଲେ। ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ରଚିତ ୭୨ ଖଣ୍ଡ ଗୀତିନାଟ୍ୟରୁ ସାର ସଂଗ୍ରହ କରି ରାଜାଙ୍କ ଗୀତ 'ବଙ୍ଗ ଉତ୍କଳକୁ ମୁଁ ବିଭଙ୍ଗ କରାଇବି', ନଟନଟୀ ଗୀତ 'ଜୟଶ୍ରୀ ଜଗତନାଥ', ଆଷାଢ଼ ଶୁକ୍ଳ ବୃତ୍ତରେ 'ଶ୍ୟାମଳ ବରନ', ରାସଗୀତ 'କୁସୁମ କାନନେ', ନିଶା ନିବାରଣ ଗୀତ 'ହାଣିଗଲି ବରଖୋବା', ଡଗର ଗୀତ 'ଏତେ ରାତିକି ବାହାର', ସୁଆଙ୍ଗ 'କହ୍ନାଇଁ ଆସୁଅଛି କି', ଯୁଦ୍ଧ ଗୀତ 'ଛାଡ ଛାଡ଼ ଏ ଦେଶ' ପରିବେଷଣ ଥିଲା ଅନନ୍ୟ। ଶେଷରେ ଗୀତିକବି ସୁଶାନ୍ତ ପାଣିଙ୍କ ରଚିତ ଗଣକବି ଗୋପାଳ ଦାଶଙ୍କ ସ୍ମୃତି ଓ କୃତିର ଝଲକ "ଏଇ ଉତ୍କଳ ସାରସ୍ୱତ ସରଣୀ / କେବେ ଭୁଲିନି ତୁମକୁ ଭୁଲି ପାରେନି' ବୃନ୍ଦଗାନରେ ରୂପାୟିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



### ଶୁଣିଲାନି ପ୍ରଶାସନ

## ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଗାଁରେ କରାଗଲା ଆଲୋକୀକରଣ

**ପଞ୍ଚୁପାଣ୍ଡବ,୧୩।୧୧(ସମିସ):** ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳ ସାହି ଗ୍ରାମର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗ୍ରାମରେ ଅଲୋକୀକରଣ କରାଯାଇଛି। ସ୍ଥାନୀୟ ଗ୍ରାମ ଓ ରାଜନଗର ଗ୍ରାମ ରାସ୍ତା କଡ଼ରେ ବହୁତ ପୁରୁଣା ଜଙ୍ଗଲ ରହିଆସିଛି। ଏହି ରାସ୍ତାରେ ରାତିରେ ଯିବାଆସିବା କରିବାକୁ ଲୋକେ କରନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ଜଙ୍ଗଲ ରହିଥିବାରୁ ବିଭିନ୍ନ ପ୍ରକାରର ଜୀବଜନ୍ତୁ ରହିଥିବା ଜଣାପଡ଼ିଛି। ତେଣୁ ଏହି ରାସ୍ତାରେ ଆଲୋକୀକରଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଶାସନ ନିକଟରେ ଦାବି କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗ୍ରାମରେ ଥିବା ଲକ୍ଷ୍ମୀପୂଜା କମିଟି ରାସ୍ତା ସହ ଗାଁରେ ଆଲୋକୀକରଣ ବ୍ୟବସ୍ଥା କରିଥିଲେ। କମିଟି ସଭାପତି ଗଙ୍ଗାଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଉମାକାନ୍ତ ମନ୍ଦିରଠାରୁ ଶନି ମନ୍ଦିର ଓ ମେଲଣ ପଡିଆଠାରୁ କେନାଲ ବନ୍ଧ ଏବଂ ନୋଳସାହି ଆଗିରା ଛକରୁ କେନାଲ ବନ୍ଧ ପର୍ଯ୍ୟନ୍ତ ୨୫ଟି ଢ଼ଳେଇ ଖୁଣ୍ଟ ସହ ପ୍ରାୟ ଏକଶହ ଏଲଇଡି ଲାଇଟ୍ ଲଗାଯାଇଥିବା ଦେଖିବାକୁ ମିଳିଛି। ଗଜଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



### ନିଷ୍କ୍ରିୟ ଖାଦ୍ୟ ସୁରକ୍ଷା ବିଭାଗ

# ଆଳିରେ ନିମ୍ନମାନର ପନିର ବିକ୍ରି ଅଭିଯୋଗ

**ଆଳି,୧୩।୧୧(ସମିସ):**



ଘରେ ଗାଈ ନାହିଁ; କିନ୍ତୁ ଘରକୁ ଘର ବୁଲି ଯୋଗାଇ ଦେଉଛନ୍ତି କ୍ଷୀର, ଦହି, ଘିଅ, ପନିର। କେତେକ ଦୋକାନରେ ବି ଦେଶୀ ନାଁରେ ବେଧଡ଼କ ପନିର ବେପାର ଚାଲିଛି। ଏସବୁ ଅସଲି କି ନକଲି ଜାଣିବା ସାଧାରଣ ଲୋକ ପାଇଁ ସହଜ ନୁହେଁ। ତେଣୁ ଲୋକେ ଦେଶୀ ନାଁରେ ବିଷ ହିଁ ଖାଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ବିଭିନ୍ନ ସ୍ଥାନରେ ନିମ୍ନମାନର ବା ନକଲି ପନିର ଏବେ ବହୁଳ ଭାବେ ବିକ୍ରି ହେଉଛି। କୋଲକାତାରୁ ଆଳି ପର୍ଯ୍ୟନ୍ତ ଏହାର ଚେର ଲମ୍ବିଥିବା କୁହାଯାଉଛି। ଏହି ପନିରର ମୂଲ୍ୟ ଅନ୍ୟ ପନିର ଅପେକ୍ଷା ଶସ୍ତା ହୋଇଥିବାରୁ ବେପାରୀ ଅଧିକ ଲାଭ ଲୋଭରେ ବହୁଳ ଭାବେ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ଯାଞ୍ଚ କରାଯାଉ ନ ଥିବାରୁ ବ୍ୟବସାୟୀ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, କୋଲକାତାରେ ସିନ୍ଥେଟିକ ପନିର ପ୍ରସ୍ତୁତ ହୋଇ ଚାନ୍ଦବାଲି ଦେଇ ରାଜକନିକା ଓ ପରେ ଆଳିରେ ପହଞ୍ଚି ନିଆଳ, ସିଙ୍ଗିରି, ବାଳକାଟୀ, ଆଳି ନୂଆବଜାର, ଗୋବିନ୍ଦପୁର, ନମୌଜା ସମେତ ଅନ୍ୟ ସ୍ଥାନକୁ ଚାଲାଣ ହେଉଛି। ଏହି ପନିର ପ୍ରସ୍ତୁତି ବେଳେ ଡିଟରଜେଣ୍ଟ, ୟୁରିଆ ସାର, ସଲଫ୍ୟୁରିକ୍ ଏସିଡ୍, ଗ୍ଲିସେରିନ୍, ମଇଦା ଓ ବାସି କ୍ଷୀର ମିଶୁଥିବା ଜଣାପଡ଼ିଛି। ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶାଇ ତିଆରି କରାଯାଉଥିବାରୁ ଏହା ଶରୀର ପାଇଁ କ୍ଷତିକାରକ। ଏହି ପନିର ଆଳି ବ୍ଲକ୍‌ରେ ଏବେ ସବୁଠି ବିକ୍ରି ହେଉଥିବାବେଳେ ଠକ ବ୍ୟବସାୟୀଙ୍କୁ ଜଗିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିଭାଗକୁ ସୂଚନା ଦେଲେ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରଶ୍ନ ପଚାରି ପ୍ରସଙ୍ଗକୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଦେଶୀ ନାଁରେ ବିକ୍ରି ହେଉଛି ଅପମିଶ୍ରିତ କ୍ଷୀର, ଦହି, ଘିଅ ଓ କୋଲକାତାରୁ ଆସୁଛି ସିନ୍ଥେଟିକ୍ ପନିର। ଏହି ନକଲି ବେପାରରେ ବଙ୍ଗୀୟ ଲୋକଙ୍କ ଦବଦବା ଅଧିକ। ସେମାନେ ଭିନ୍ନ ଉପାୟରେ ବିନା ଗାଈ କ୍ଷୀରରେ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରି ବେପାରରେ ସକ୍ରିୟ ରହିଛନ୍ତି। ପ୍ରକୃତ ଦାମ୍‌ଠାରୁ ଏହି ନକଲି ସାମଗ୍ରୀର ଦାମ୍ କମ୍ ରହିଥିବାବେଳେ ଲୋକଙ୍କ ପାଖରେ ଏସବୁ ସହଜରେ ଉପଲବ୍ଧ ହେଉଛି। କୋଲକାତାରୁ ଆସୁଥିବା ପନିରକୁ ବେପାରୀ ଶହେ ଟଙ୍କା କେଜିରେ କିଣି ଦୁଇଶହରୁ ଅଢ଼େଇ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ବେପାରୀମାନେ ଲୋକଙ୍କ ଜୀବନ ସହ ଖେଳୁଥିବାବେଳେ ନିଘୋଡ଼ ନିଦରେ ଶୋଇଛି ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ। ନକଲି ସାମଗ୍ରୀ ଧରପଗଡ଼ କଥା ସତେ ଯେମିତି ଭୁଲି ଯାଇଛନ୍ତି କର୍ତ୍ତୃପକ୍ଷ। କାଁଭାଁ କେମିତି ଚଢ଼ଉ ହେଉଥିଲେ ମଧ୍ୟ ଏହାର ପ୍ରଭାବ ପଡୁ ନ ଥିବାରୁ ଦିନକୁ ଦିନ ଆଳି ଅଞ୍ଚଳରେ ଏଭଳି ନକଲି କାରବାର କାୟା ମେଲାଇବାରେ ଲାଗିଛି। କେନ୍ଦ୍ରାପଡ଼ା ଦାୟିତ୍ୱରେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରୀତିଶ ଦାଶଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।


**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ସହିତ ଭାରତ କେବେ ବି ରାଜନୀତି କିମ୍ବା ସାଲିସ୍ କରିନାହିଁ।
-ଅଟଳ ବିହାରୀ ବାଜପେୟୀ

ସକାଳ THE SAKALA

## ବନ୍ଦୋବସ୍ତ ସଂସ୍କାର

ଜମିଜମା ପ୍ରସଙ୍ଗ ଜନସାଧାରଣ ଓ ସରକାର(ରାଜା ଓ ପ୍ରଜା) ଉଭୟଙ୍କ ପାଇଁ ଏକ ଜଞ୍ଜାଳ। କିନ୍ତୁ ଏ ସମ୍ପର୍କିତ ପ୍ରଚଳିତ ଆଇନ୍ କାନୁନ, ନୀତି ନିୟମ ଅନାବଶ୍ୟକ ଭାବେ ଏତେ ଜଟିଳ ଯେ ଏଥିଯୋଗୁଁ ଏହାଦ୍ୱାରା ଜମି କ୍ରେତା ଓ ବିକ୍ରେତା ହନ୍ତସନ୍ତ ହେବା ସହିତ ବିଭିନ୍ନ କୋର୍ଟକଚେରିରେ ମାମଲା ବୋଝ ବଢ଼ିଚାଲିଛି। ଏଥିସହିତ ସରକାର ମଧ୍ୟ ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଜମି ମାଲିକଙ୍କ ନାମରେ ଜମିର ମାଲିକାନା ରେକର୍ଡଭୁକ୍ତ ବା ପଟ୍ଟା ପ୍ରଦାନ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ସଂଶୋଧନ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ସୁଖର କଥା ରାଜ୍ୟ ସରକାର ସେ ଦିଗରେ ଆନ୍ତରିକତା ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ 'ଓଡ଼ିଶା ସର୍ଭେ ଆଣ୍ଡ ସେଟଲ୍‌ମେଣ୍ଟ ରୁଲ୍‌ସ'କୁ ସଂଶୋଧନ କରିବା ପାଇଁ ଆଗତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହା କ୍ୟାବିନେଟ୍ ମଞ୍ଜୁରୀ ପାଇ ସରକାରୀ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବା ପରେ କାର୍ଯ୍ୟକାରୀ ହେବା ପାଇଁ ଆଉ କିଛିଦିନ ଲାଗିପାରେ। ତେବେ ସରକାରୀ ଇଚ୍ଛାଶକ୍ତି ବଳରେ ତାହା ମଧ୍ୟ ଅଚିରେ ସମ୍ଭବ। ଯାହା ଆଦୌ ହେଉନଥିଲା ତାହା ଏବେ ହେବାକୁ ଯାଉଥିବାରୁ କିଛି ସମୟ ପ୍ରତୀକ୍ଷା କଲେ ମନ୍ଦ ନୁହେଁ।

ଜମିଜମା ରେକର୍ଡ ମାମଲା ମଧ୍ୟରୁ ସବୁଠାରୁ ଜଟିଳ ହେଉଛି ବନ୍ଦୋବସ୍ତ ଶିବିର ବା ସେଟଲ୍‌ମେଣ୍ଟ କ୍ୟାମ୍ପ ସହିତ ଜଡ଼ିତ ଆନୁଷଙ୍ଗିକ ପ୍ରସଙ୍ଗ। ପ୍ରଚଳିତ ନିୟମ ଅନୁସାରେ ବନ୍ଦୋବସ୍ତ କ୍ୟାମ୍ପରେ ଦୀର୍ଘବର୍ଷର ଜମିର ସ୍ୱତ୍ୱାଧିକାର ସଂଶୋଧନ ହେବାର ବ୍ୟବସ୍ଥା ଥିବା ବେଳେ ଯଦି କେହି କ୍ରେତା କ୍ୟାମ୍ପ ବିଷୟରେ ଜାଣିପାରୁ ନାହାନ୍ତି ତେବେ ତାଙ୍କୁ ରାଜସ୍ୱ ପରିଷଦ ଓ ସଂଶୋଧନ ଅଦାଲତରେ ଆବେଦନ କରିବାକୁ ପଡୁଛି। ଏହି ପ୍ରକ୍ରିୟାଟି ଏତେ ଜଟିଳ ଯେ ଏଥିରେ କ୍ରେତା ବା ପକ୍ଷଭୁକ୍ତ କୋର୍ଟକୁ ଦୌଡ଼ି ଓକିଲଙ୍କ ପିଛା ଖର୍ଚ୍ଚ କରି କରି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଥିବା ବେଳେ ସରକାରଙ୍କ ଅଯଥା କୋର୍ଟ, ବିଚାରପତି, କର୍ମଚାରୀ, ଅଧିକାରୀ ଆଦି ନିଯୁକ୍ତି, ଦରମା ବାବଦ ଖର୍ଚ୍ଚ ବୋଝ କେବଳ ବଢ଼ିବା ହିଁ ସାର ହେଉଛି। ଏପରିକି ସେଟଲ୍‌ମେଣ୍ଟ କୋର୍ଟରେ କାର୍ଯ୍ୟରତ ପୂର୍ବତନ ବିଚାରପତି ଓ ଅଧିକାରୀ, ପୂର୍ବତନ ତହସିଲ୍‌ଦାର ଓ ଜିଲ୍ଲାପାଳ, ଉପଜିଲ୍ଲପାଳସ୍ତରୀୟ ଅଧିକାରୀମାନେ ମଧ୍ୟ ଅବସର ପରେ ସରକାରୀ କ୍ଷମତା ନଥିବାରୁ ଏପରି ମାମଲାରେ ଧନ୍ଦି ହେଉଥିବା ଦେଖାଯାଉଛି। ସାଧାରଣ ଲୋକଙ୍କ କଥା କଣ କହିବା? ଏଥିରେ ନା ତ ସରକାରଙ୍କ ନା ଲୋକଙ୍କର କାହାର କିଛି ଲାଭ ହେଉନାହିଁ। କେବଳ ଓକିଲଙ୍କ ପାଇଁ ଏହା ଆୟର ଏକ ସୁଗମ ରାସ୍ତା ହୋଇପାରିଛି।

ଯେଉଁମାନେ ଅଜ୍ଞାନବଶତଃ ସେଟଲ୍‌ମେଣ୍ଟ କ୍ୟାମ୍ପ ବିଷୟରେ ଜାଣିପାରୁନାହାନ୍ତି ସେମାନଙ୍କ ଆବେଦନର ବିଚାର ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ହୋଇଯିବା କଥା। କିନ୍ତୁ ପ୍ରଚଳିତ ନିୟମଟି ଏତେ ଜଟିଳ ଯେ ଥରେ କ୍ୟାମ୍ପ ଉଠିଗଲା ପରେ ତା'ପୂର୍ବରୁ କିଣାବିକା ହୋଇଥିବା ଜମିଜମାର ମାଲିକାନାସ୍ୱତ୍ୱ ଫଏସଲା ଅଧିକାର ତହସିଲଦାରଙ୍କ ହାତରୁ ଚାଲିଯାଉଛି କିମ୍ବା ପୁନଃ କ୍ୟାମ୍ପ ବସିବା ପର୍ଯ୍ୟନ୍ତ ଘୁଞ୍ଚିଯାଉଛି। ତେଣୁ କ୍ରେତାମାନେ ବାଧ୍ୟ ହୋଇ ଓକିଲ ଜରିଆରେ ରାଜସ୍ୱ ପରିଷଦର ଦ୍ୱାରସ୍ଥ ହେଉଛନ୍ତି। ଆଉ ସେଟଲ୍‌ମେଣ୍ଟ କ୍ୟାମ୍ପ ହେବ ନାହିଁ ବୋଲି ସରକାରୀ ନିଷ୍ପତ୍ତି ହେବା ପରେ ପରିଷଦର କୋର୍ଟମାନଙ୍କରେ ମାମଲା ବୋଝ ଏତେ ବଢ଼ିଗଲାଣି ଯେ ତାହା ଫଏସଲା ହେବା ବେଳକୁ କେତେ ସମୟ ଲାଗିବ ତାହା ଈଶ୍ୱରଙ୍କୁ ଜଣା। କେବଳ ପ୍ରଚଳିତ ବ୍ୟବସ୍ଥାର ସାମାନ୍ୟ ସଂଶୋଧନରେ ଯେ ଏତେ ବଡ଼ ସମସ୍ୟାର ସମାଧାନର ହୋଇପାରନ୍ତା ତାହା ବୋଧହୁଏ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଜାରି ରଖିଛନ୍ତି।

ସୁଖର କଥା ସରକାର ଜନସାଧାରଣଙ୍କ ଏହି ମାର୍ମିକ ବେଦନା ଅନୁଭବ କରି ମହତ୍ ପଦକ୍ଷେପଟିଏ ନେବାକୁ ଯାଉଛନ୍ତି, ଯାହା ରାଜ୍ୟ ଜମିଜମା ବନ୍ଦୋବସ୍ତରେ ଐତିହାସିକ ସାବ୍ୟସ୍ତ ହେବ। ଏଣିକି ବନ୍ଦୋବସ୍ତ ପୂର୍ବରୁ କିଣାବିକା ହୋଇଥିବା ଜମିଜମା ସଂକ୍ରାନ୍ତୀୟ ସ୍ୱତ୍ୱାଧିକାର ପାଇଁ ମଧ୍ୟ କ୍ରେତା ତହସିଲ୍ କାର୍ଯ୍ୟାଳୟରେ ଆବେଦନ କରିପାରିବେ ଏବଂ ସମ୍ପୃକ୍ତ ତହସିଲଦାର ସେଥିପାଇଁ କ୍ଷମତାପ୍ରାପ୍ତ ହେବେ। କିନ୍ତୁ ଜମିଜମା ରେକର୍ଡ ଓ ସ୍ୱତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ନିର୍ବାହ କରନ୍ତି ରାଜସ୍ୱ ନିରୀକ୍ଷକ ବା ଆରଆଇମାନେ। ଏହି ତୃଣମୂଳସ୍ତରୀୟ ରିପୋର୍ଟକୁ ତହସିଲ୍‌ଦାରମାନେ ଆଖିବୁଜି ଗ୍ରହଣ କରିନିଅନ୍ତି। ତେଣୁ ଆରଆଇମାନଙ୍କୁ ସନ୍ତୁଷ୍ଟ କରିବାରେ ଅକ୍ଷମତା କିମ୍ବା ଅଜ୍ଞାନତା କାରଣରୁ ଜମିମାଲିକ ବା କ୍ରେତା ଆବଶ୍ୟକ ସଠିକ୍ ଦଲିଲ୍ ପ୍ରମାଣପତ୍ର, ଦସ୍ତାବେଜ୍ ଥାଇ ମଧ୍ୟ ବର୍ଷ ବର୍ଷ ଧରି ନ୍ୟାୟ ପାଇପାରୁନାହାନ୍ତି। ଏହି ସ୍ତରଟି ଯେପରି ସ୍ୱଚ୍ଛ, ଦକ୍ଷ ଓ ସମୟାନୁସାରୀ ହୋଇପାରିବ ତା' ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଲେ ସଂଶୋଧିତ ଜମିଜମା ଆଇନ ଯୁଗାନ୍ତକାରୀ, ବାସ୍ତବବାଦୀ ଓ ଲୋକହିତୈଷୀ ହୋଇପାରିବ।

ଏଠାରେ ଆଉ ଏକ ଆଇନଗତ ଜଟିଳତା ବିଷୟରେ ଆମେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ଯେଉଁ କ୍ରେତାମାନେ ରାଜସ୍ୱ ପରିଷଦ ବା ରିଭିଜନ୍ କୋର୍ଟରେ ମାମଲା ଦାଖଲ ବା ଆବେଦନ କରିସାରିଛନ୍ତି ସେମାନେ ସଂଶୋଧିତ ନିୟମାବଳୀ କାର୍ଯ୍ୟକାରୀ ହେବା ପରେ ତହସିଲ୍‌ଦାରଙ୍କ ଇଜିଲାସରେ ପୁନଃଆବେଦନ କରିପାରିବେ କି ନାହିଁ ସେ ବିଷୟରେ ସରକାର ନିଷ୍ପତ୍ତି ନେଇ ଗେଜେଟ୍ ବିଜ୍ଞପ୍ତିରେ ସ୍ପଷ୍ଟ କଲେ ଆହୁରି ଭଲ ହେବ। କାରଣ ଅଦାଲତ ଆଇନର ଜଟିଳ ଶବ୍ଦକାନନ ଘେରା ଏକ ଅଞ୍ଚଳ। ଆଇନର ଶବ୍ଦ ଏତେ ଜଟିଳ ଓ କୁଟିଳ ଯେ ଯିଏ ଯେମିତି ବୁଝିଲା ଏବଂ ବୁଝାଇ ପାରିଲା ସେହି ଅନୁଯାୟୀ ଦାବି ହାସଲ୍ କରିନେଲା। ବନ୍ଦୋବସ୍ତ ବ୍ୟବସ୍ଥା ସରଳୀକରଣ ସହିତ ଏ ଦିଗଟିକୁ ମଧ୍ୟ ସରଳ ଓ ସ୍ପଷ୍ଟ କରିବା ପାଇଁ ସରକାରଙ୍କୁ ଅନୁରୋଧ। ଆଇନର ଶବ୍ଦ ବୁଝିପାରୁନଥିବା ଏବଂ ଧାର କରଜ କରି ଜମି କିଣିଥିବା ଅଶିକ୍ଷିତ ଓ ଅଳ୍ପଶିକ୍ଷିତମାନେ ଓକିଲଙ୍କ ଦେୟ ଦେଇପାରୁନଥିବା ବେଳେ କଷ୍ଟାର୍ଜିତ ଜମି ଖଣ୍ଡିକ ନିଜ ନାଁରେ କରିପାରୁନାହାନ୍ତି। ସେମାନେ ଯେତେ ଦହଗଞ୍ଜ ହେଉଛନ୍ତି ତାହା ଭୁକ୍ତଭୋଗୀ ହିଁ ଜାଣେ। ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ, ଗୋଟିଏ ଟେବୁଲ୍‌ରୁ ଆଉ ଗୋଟିଏ ଟେବୁଲ୍ ପାଖକୁ ଚାବିଦିଆ ଖେଳନା ପରି ବିବଶ ହୋଇ ଧାଇଁବା ବ୍ୟତୀତ ସେମାନଙ୍କ ପାଖରେ ସାହା ଭରସା କେହି ନାହାନ୍ତି କି ଗୁହାରି ଶୁଣିବା ପାଇଁ ଉଚ୍ଚପଦାଧିକାରୀଙ୍କ ପାଖରେ ବେଳ ନାହିଁ। ତେଣୁ ସଂଶୋଧିତ ନିୟମର ଭାଷା ଏତେ ସରଳ ହେଉ ଯେ ତାହା ଜଣେ ଅଳ୍ପଶିକ୍ଷିତ ବୁଝିପାରିବ ଏବଂ ଦୀର୍ଘବର୍ଷ ଧରି ବଳବତ୍ତର ରହି ଏକ ଉଦାହରଣ ସୃଷ୍ଟି କରିବ। ●

## ଉଚ୍ଚଶିକ୍ଷିତଙ୍କ ଆତଙ୍କବାଦ

ସାଧାରଣତଃ କୁହାଯାଏ ବେକାରୀ, ଅଶିକ୍ଷା, କୁପରିବେଶ, କୁସଙ୍ଗ ଆଦି କାରକ ଉଗ୍ରବାଦ, ଆତଙ୍କବାଦ, ଚରମପନ୍ଥୀବାଦକୁ ଜନ୍ମ ଦିଏ। କ୍ରମାଗତ ନିର୍ଯାତନା, ଲାଞ୍ଛନା, ଅପମାନ, ଅବହେଳା ଓ ଅନ୍ୟାୟର ପ୍ରଭାବରେ ଜଣେ ପ୍ରତିଶୋଧପରାୟଣ ହୋଇ ହିଂସାର ପଥ ଆବୋରି ନିଏ ଏବଂ ଆତଙ୍କବାଦୀ ହେବାକୁ ବାଧ୍ୟ ହୁଏ। କିନ୍ତୁ ପିଏଚଡି ଡିଗ୍ରୀଧାରୀ ଆଇଏସଆଇଏସ ମୁଖ୍ୟ ଅବୁ ବକର ଅଲ-ବାଗଦାଦିଠାରୁ ଆରମ୍ଭ କରି ଅଲ-କାଏଦାର ଡାକ୍ତର ଅୟମାନ ଅଲ-ଜୱାହିରୀ, ସିଭିଲ ଇଞ୍ଜିନିୟରିଂରେ ସ୍ନାତକଡିଗ୍ରୀଧାରୀ ଓସାମା ବିନ୍ ଲାଦେନ ଏବଂ ସମ୍ପ୍ରତି ନୂଆଦିଲ୍ଲୀରେ ଆତ୍ମଘାତୀ କାରବୋମା ବିସ୍ଫୋରଣ ଘଟାଇଥିବା ଡାକ୍ତର ଉମର ଉନ୍ ନବି, ଧରାପଡ଼ିଥିବା ଅନ୍ୟ ଚାରିଜଣ ଡାକ୍ତରଙ୍କ କାର୍ଯ୍ୟକଳାପକୁ ତର୍ଜମା କଲେ ଉପରୋକ୍ତ ଧାରଣା ଭୁଲ୍ ସାବ୍ୟସ୍ତ ହୁଏ। ବିଶ୍ୱର ସବୁଠାରୁ ଭୟଙ୍କର ଏହି ଉଗ୍ରବାଦୀ ନେତାମାନେ ଉଚ୍ଚଶିକ୍ଷିତ, ତାଲିମପ୍ରାପ୍ତ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଡିଗ୍ରୀଧାରୀ। ଏଭଳି ଉଚ୍ଚଶିକ୍ଷିତ ମାନେ କିଭଳି ନାରକୀୟ କାଣ୍ଡ ରଚନା କରିପାରନ୍ତି, ବିଶେଷକରି ଜୀବନରକ୍ଷା ପାଇଁ ଶପଥ ନେଉଥିବା ଡାକ୍ତରମାନେ ଯେ ନରସଂହାର ପାଇଁ ବ୍ରତୀ ହୋଇପାରନ୍ତି ତାହା ସତତ ଅବିଶ୍ୱସନୀୟ। ବିଶ୍ୱର କୌଣସି ମତ, ପନ୍ଥ, ଧର୍ମ ଓ ସମ୍ପ୍ରଦାୟ ଏହାକୁ ସ୍ୱୀକୃତି ଦିଏ ନାହିଁ କି ସମର୍ଥନ କରେନାହିଁ। କିନ୍ତୁ ଏଭଳି ଅଭୂତପୂର୍ବ ଘଟଣାମାନ ଘଟି ଚାଲିଥିବାରୁ ମାନବ ସଭ୍ୟତାର ଗତି କେତେ ଅସ୍ଥିର ଓ ଭବିଷ୍ୟତ କେତେ ଅସୁରକ୍ଷିତ ତାହା ଅନ୍ବେବହୁତ ଅନୁମେୟ।



ନୂଆଦିଲ୍ଲୀ କାରବୋମା ବିସ୍ଫୋରଣ ଭାରତଭୂମିରେ ଆତଙ୍କ, ଆତଙ୍କବାଦ ଓ ଆତଙ୍କବାଦୀର ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପନ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ଆମକୁ ଚେତାଇ ଦେଉଛି ଯେ ଆତଙ୍କ ଓ ଆତଙ୍କବାଦୀ ଆମେ ପରିକଳ୍ପନା କରୁଥିବା ଚେହେରା ନେଇ ଆସେ ନାହିଁ। ଆମେ ଚାରିପାଖରେ ରହୁଥିବା ଆମର ଆତ୍ମୀୟ, ଏପରିକି ସବୁଠାରୁ ବିଶ୍ୱସ୍ତମାନେ, ସମାଜକୁ ନୈତିକ ଶିକ୍ଷା ଦେଉଥିବା ଧର୍ମଗୁରୁମାନେ, ନାଗରିକ ଗଠନରେ ସମର୍ପିତ ଶିକ୍ଷକମାନେ, ଧର୍ମାନୁଷ୍ଠାନରେ ପ୍ରତିଦିନରେ ସାକ୍ଷାତ ହେଉଥିବା ସାଧୁଶ୍ରେଣୀୟ ବ୍ୟକ୍ତିମାନେ, ଆମ ସହିତ ସକାଳ ସନ୍ଧ୍ୟାରେ ପାଦ ମିଳାଇ ଚାଲୁଥିବା ଓ ଦୁଃଖସୁଖ ବାଣ୍ଟୁଥିବା ନମ୍ର, ଧୀର ଓ ମିଷ୍ଟଭାଷୀମାନେ, ଅସମୟରେ ଆମ ପାଖରେ ଠିଆ ହୋଇଥିବା ଓ ଅଯାଚିତ ଭାବେ ସହାୟତାର ହାତ ବଢ଼ାଇ ଦେଉଥିବା ଦୟାଳୁ, ପରୋପକାରୀ ଭଦ୍ରବ୍ୟକ୍ତିମାନେ, ଜଟିଳ ସମସ୍ୟାର ସରଳ ସୂତ୍ର ବତାଇ ଦେଉଥିବା ବିଦ୍ୱାନମାନେ ମଧ୍ୟ ଯେ ଆତଙ୍କବାଦୀ ହୋଇପାରନ୍ତି ଏହି ଅବିଶ୍ୱସନୀୟତାକୁ ଗ୍ରହଣ କରିନେବା ପାଇଁ ଆମେ ଆମର ମାନସିକତା ଓ ଧାରଣାକୁ ପରିବର୍ତ୍ତନ କରିବାକୁ ପଡ଼ିବ।

ଆତଙ୍କବାଦ ଓ ଆତଙ୍କବାଦୀ ଇତିହାସରେ ଏଭଳି ଅନେକ 'ହ୍ୱାଇଟ୍ କଲାର ଟେରରିଷ୍ଟ' ବା 'ଉଚ୍ଚଶିକ୍ଷିତ ଆତଙ୍କବାଦୀ'ଙ୍କ କାହାଣୀ ରହିଛି, ଯାହା ମାନବତା ପରି ଶବ୍ଦକୁ ସ୍ୱତଃ ଲଜ୍ଜିତ କରିବା ପାଇଁ ଯଥେଷ୍ଟ। କାନ୍ଦାହାର ବିମାନ ଅପହର୍ତ୍ତା, ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କ ଅପହର୍ତ୍ତା ଓ ହତ୍ୟାକାରୀ ଓମାର ସୟଦ୍ ସେଖ୍ ମଧ୍ୟ ଥିଲେ ଅର୍ଥନୀତିରେ ଉଚ୍ଚଶିକ୍ଷିତ। ୯/୧୧ ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ବିମାନର ମୁଖ୍ୟ ଅପହରଣକାରୀ ମହମ୍ମଦ ଆଟ୍ଟା କାଇରୋ ବିଶ୍ୱବିଦ୍ୟାଳୟରେ 'ସ୍ଥାପତ୍ୟ ଓ ନଗର ଯୋଜନା' ବିଷୟରେ ଡିଗ୍ରୀ ହାସଲ କରିବା ପରେ ହାମବର୍ଗରେ 'ନଗର ଯୋଜନା'ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଅନ୍ୟତମ ଅପହର୍ତ୍ତା ମାରୱାନ ଅଲ-ଶେହି ଜର୍ମାନୀରେ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ ଏବଂ ଜିଆଦ ଜାରାହ ହାମବର୍ଗ ଆପ୍ଲାଏଡ୍ ସାଇନ୍ସ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ଆଇଏସ୍‌ଆଇଏସ୍ ତା'ର ସଦସ୍ୟ ଭାବେ ମୁଖ୍ୟତଃ ୟୁକେ, ସୁଦାନ ଆଦି ଅଞ୍ଚଳରେ ରହୁଥିବା ଡାକ୍ତର ଓ ଡାକ୍ତରୀଛାତ୍ରମାନଙ୍କୁ ଗ୍ରହଣ କରିଥାଏ। ତାମିଲ ଗରିଲା ଏଲ୍‌ଟିଟିଇର ସଦସ୍ୟମାନଙ୍କ ମଧ୍ୟରେ ଅନେକ ବରିଷ୍ଠ ନେତା, ସ୍ନାତକ, ଶିକ୍ଷକ ଓ ଇଞ୍ଜିନିୟର ଥିଲେ ଏବଂ ଏହାର ଆତ୍ମଘାତୀ ବାହିନୀ ପ୍ରାୟତଃ ସେମାନଙ୍କ ବିଦ୍ୟାଳୟସ୍ତରରେ ଉତ୍କର୍ଷ ହାସଲ କରିଥିଲେ। 'ଆଇରିଶ ରିପବ୍ଲିକାନ୍ ଆର୍ମି' ବିଶ୍ୱବିଦ୍ୟାଳୟ ଛାତ୍ର, ସରକାରୀ କର୍ମଚାରୀ ଏବଂ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥିଲା, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ଏକ ବୈଧ ରାଜନୈତିକ ସଂଘର୍ଷ କରୁଛନ୍ତି।

ଭାରତରେ ୧୯୮୦ ଦଶକର ଖଲିସ୍ତାନୀ ସଂଗଠନରେ ଡାକ୍ତର, ସରକାରୀ କର୍ମଚାରୀ, ପଞ୍ଜାବ ଓ ଦିଲ୍ଲୀର କଲେଜ୍ ପଢ଼ୁଆମାନେ ସାମିଲ୍ ଥିଲେ। ଡାଲ ଖାଲସା ପ୍ରତିଷ୍ଠାତା ଗଜିନ୍ଦର ସିଂହ ୧୯୮୧ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଅପହରଣର ନେତୃତ୍ୱ ନେଇଥିଲେ। ମୃଦୁଭାଷୀ, ପଠନପ୍ରିୟ ଗଜିନ୍ଦରଙ୍କ ମତରେ ଅପହରଣ ଏକ ଅପରାଧ ନୁହେଁ, ବରଂ ଖଲିସ୍ତାନ ଆନ୍ଦୋଳନର ସେବାରେ ଏକ ନୈତିକ କାର୍ଯ୍ୟ। ପୁଲ୍‌ୱାମା ଆତ୍ମଘାତୀ ବିସ୍ଫୋରଣର ସମ୍ପର୍କୀୟମାନଙ୍କ ଜୀବନଶୈଳୀ ଅତ୍ୟୁଚ୍ଚ ଧନୀଙ୍କ ଠାରୁ କମ୍ ନଥିଲା।

ଏଭଳି ଶିକ୍ଷିତ ଆତଙ୍କବାଦୀଙ୍କ ପାଖରେ ଥିଲା ହିଂସାକୁ କର୍ତ୍ତବ୍ୟ ଭାବରେ ପ୍ରତିପାଦନ କରିବାର ଅଦମ୍ୟ ଉତ୍ସାହ, ନିଷ୍ଠା, ଆନ୍ତରିକତା ଓ ଦୃଢ଼ ମନୋବଳ। ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଶକ୍ତିଶାଳୀ ପୃଷ୍ଠଭୂମି ମଧ୍ୟ ମିଳିଯାଉଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଭଳି ଉଚ୍ଚଶିକ୍ଷିତ ଓ ସମ୍ମାନଜନକ ବୃତ୍ତିଧାରୀମାନେ ହିଂସାର ପଥକୁ ଆବୋରି ନିଅନ୍ତି କାହିଁକି? ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ମୌଳବାଦୀକରଣ ଉପରେ ଗବେଷଣା କରୁଥିବା ରାଜନୈତିକ ମନସ୍ତତ୍ତ୍ୱବିତ୍ ଡକ୍ଟର ଫାଥାଲି ମୋଘାଦମଙ୍କ କହିବା ଅନୁଯାୟୀ, 'ମୌଳବାଦୀକରଣ କେବଳ ଦାରିଦ୍ର୍ୟ କିମ୍ବା ଅଜ୍ଞତାରେ ଜନ୍ମ ହୁଏ ନାହିଁ। ଏହା ସେତେବେଳେ ଘଟେ ଯେତେବେଳେ ଲୋକମାନେ ନୈତିକ ଭାବରେ ଅପମାନିତ, ସାମାଜିକ ଭାବରେ ଅସମ୍ମାନିତ ଏବଂ ରାଜନୈତିକ ଭାବରେ ଅବହେଳିତ ଅନୁଭବ କରନ୍ତି। ଶିକ୍ଷିତ ବ୍ୟକ୍ତିମାନେ ମାନସିକସ୍ତରରେ ପ୍ରାୟତଃ ଅଧିକ ଦୁର୍ବଳ। ତେଣୁ ହିଂସା ସେମାନଙ୍କ ମନରେ ବିନାଶ ନୁହେଁ ବରଂ ଉଦ୍ଦେଶ୍ୟର ଏକ କାରକ ଭାବେ ପ୍ରବେଶ କରେ। ବିଦ୍ୱାନ ଅରୁଣ କୁନ୍ଦନାନି ତାଙ୍କ ପୁସ୍ତକ 'ଦି ମୁସଲିମ୍‌ସ ଆର କମିଂ! ଇସଲାମୋଫୋବିଆ, ଏକ୍ସଟ୍ରିମିଜିମ୍ ଆଣ୍ଡ ଦି ଡୋମେଷ୍ଟିକ୍ ୱାର୍ ଅନ୍ ଟେରର୍' ରେ ଉଲ୍ଲେଖ କରିଛନ୍ତି ଯେ କାହିଁକି ମୌଳିବାଦକରଣ ବା ଚରମପନ୍ଥା 'ଅକସ୍ମାତ୍ ମାନସିକ ଦୁର୍ବଳତାର ଏକ କାରକ' ନୁହେଁ ବରଂ 'ରାଜନୈତିକ ପ୍ରସଙ୍ଗରେ ଏକ ରାଜନୈତିକ ପ୍ରତିକ୍ରିୟା'। ଆଉ କେତେକ ବିଦ୍ୱାନଙ୍କ ମତରେ ଅନୁଭୂତ ଅନ୍ୟାୟ ପ୍ରତି ନୈତିକ ଆକ୍ରୋଶ, ବ୍ୟକ୍ତିଗତ କିମ୍ବା ରାଜନୈତିକ ଆଘାତ ଦ୍ୱାରା ସୃଷ୍ଟି ହୋଇଥିବା ଜ୍ଞାନାତ୍ମକ ପରିପ୍ରକାଶ, ମୌଳିକ ଚିନ୍ତାଧାରାକୁ ସମର୍ଥନ ମିଳୁଥିବା କଠୋର ସମକକ୍ଷ ମଞ୍ଚ, ସମ ବିଚାରଧାରାର ନିଶ୍ଚିତତା, ସମଆଗ୍ରହ ଆଦି ଉଚ୍ଚଶିକ୍ଷିତ ଆତଙ୍କବାଦର କାରଣ।

ଏବେ ମୂଳ ଓ ବାସ୍ତବ ପ୍ରଶ୍ନ ହେଉଛି ଉପରୋକ୍ତ ଉଚ୍ଚଶିକ୍ଷିତମାନେ କାହିଁକି ବିଶ୍ୱାସ କରିନେଲେ ଯେ ଆତଙ୍କବାଦର ପଥ ହିଁ ସର୍ବାଧିକ ଉଚିତ। ଏହି ପ୍ରଶ୍ନର ଉତ୍ତର ଗୁରୁତ୍ୱର ସହ ଖୋଜିବାକୁ ପଡ଼ିବ। ଏହା କେବଳ ମନସ୍ତତ୍ତ୍ୱବିତ୍‌ଙ୍କ ଦାୟିତ୍ୱ ନୁହେଁ; ଏହା ସମାଜଶାସ୍ତ୍ରୀ, ନୀତି ନିର୍ଦ୍ଧାରକ ସର୍ବୋପରି ଜନସାଧାରଣଙ୍କ ନୈତିକ ଦାୟିତ୍ୱ। ଆତଙ୍କବାଦର ଏହି ପରିବର୍ତ୍ତିତ ପରିଭାଷା କେବଳ ରାଷ୍ଟ୍ରର ସୁରକ୍ଷା ଓ ଅଖଣ୍ଡତା ପ୍ରତି ଏକ ବିପଦ ନୁହେଁ, ବରଂ ମାନବତା ଓ ମାନବ ସଭ୍ୟତା ପ୍ରତି ନୈତିକ ଆହ୍ୱାନ। ●

(ସକାଳ ମିଡିଆ ସର୍ଭିସ୍)

## ଭୋଟରଙ୍କ ମାନସିକତା ବଦଳୁଛି

ଡ. ବିମଳ ଷଡ଼ଙ୍ଗୀ

ଜାତିଗତ ଭେଦଭାବକୁ ଆୟୁଧ କରି ନିର୍ବାଚନ ଜିତିଥିବା ଡୋନାଲ୍ଡ ଟ୍ରମ୍ପଙ୍କ ତୃତୀୟ ପ୍ରୟାସକୁ ସଚେତନ ଆମେରିକା ଭୋଟର ନ୍ୟୁୟର୍କ ସହରରେ ଭାଙ୍ଗି ଚୁରମାର କରିଛନ୍ତି। ଘୃଣା, ଦ୍ୱେଷ, ଆତ୍ମପ୍ରଚାର, ଅହଂକାର ଜଣେ ହୀନ ରାଜନେତାର ପରିଚୟ, ଯାହାକୁ ଆଜି ପ୍ରମାଣ କରିଛନ୍ତି ନ୍ୟୁୟର୍କର ସଚେତନ ଜନତା। ୨୦୨୫, ନଭେମ୍ବର ମାସରେ ୩୪ ବର୍ଷୀୟ ଅଗ୍ନିବର୍ଷୀ ଗଣତାନ୍ତ୍ରିକ ସମାଜବାଦୀ ଜୋହରାନ୍ କ୍ୱାମେ ମାମଦାନି ନ୍ୟୁୟର୍କ ସହରର ଇତିହାସର ଦ୍ୱିତୀୟ ସର୍ବକନିଷ୍ଠ ମେୟର ଭାବରେ ବିଜୟ ହାସଲ କରିଛନ୍ତି। ଭାରତୀୟ ହିନ୍ଦୁ ମାତା ତଥା ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଏବଂ ଉଗାଣ୍ଡା ମୁସଲିମ ପିତା ଶିକ୍ଷାବିତ୍ ମହମ୍ମଦ ମାମଦାନିଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ପ୍ରବାସୀ ଯୁବନେତା କେବଳ ନିର୍ବାଚନ ଜିତି ନାହାନ୍ତି, ବରଂ ଟ୍ରମ୍ପବାଦ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛନ୍ତି।

ନିର୍ବାଚନ ପ୍ରଚାର ସମୟରେ ମାମଦାନୀଙ୍କୁ ମୁସଲିମ, ନ୍ୟୁୟର୍କକୁ ନଷ୍ଟ କରିବାକୁ ଆସିଥିବା ବାମ ମୌଳବାଦୀ, ଆମେରିକୀୟ ବିରୋଧୀ, ଧର୍ମ ବିରୋଧୀ ଆଦି ଆଖ୍ୟାଦେଇ ତିରସ୍କାର କରିବାକୁ ପଛାଇ ନଥିବା ଟ୍ରମ୍ପଙ୍କୁ ନିର୍ବାଚନ ଫଳାଫଳ ମାଧ୍ୟମରେ ଉତ୍ତର ଦେଇଥିଲେ ମାମ୍‌ଦାନୀ। ବିଜୟୀ ପ୍ରାର୍ଥୀ ଟ୍ରମ୍ପଙ୍କ ରାଜନୀତିର ବିପରୀତ ମୂଲ୍ୟବୋଧକୁ ଆୟୁଧ କରିଥିଲେ। ଟ୍ରମ୍ପ ଦୃଢ଼ ଜାତୀୟତାବାଦ, ରକ୍ଷଣଶୀଳ ପରିଚୟ ଏବଂ ଆକ୍ରମଣାତ୍ମକ ଭାଷଣବାଜି ଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବେଳେ ମାମଦାନୀ ନିଜକୁ ମୁସଲିମ ବୋଲି ପରିଚୟ ଦେବା ସହିତ ପ୍ରଗତିଶୀଳ ନୀତି ଏବଂ ପ୍ରବାସୀଙ୍କୁ ସମାନ ଅଧିକାର, ଧର୍ମନିରପେକ୍ଷତା ଏବଂ ନୂତନ ଦିଗଦର୍ଶନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପଙ୍କୁ ଖରାପ ନକହି ତାଙ୍କ ପ୍ରଚଳିତ ନୀତିକୁ ବିରୋଧ କରିଥିଲେ, ଯାହା ପ୍ରମାଣ କରିଥିଲା ଯେ ଅନେକ ଆମେରିକୀୟ ବିଶେଷକରି ସହରଗୁଡ଼ିକରେ ଥିବା ଶିକ୍ଷିତ ଭୋଟର ଟ୍ରମ୍ପଯୁଗର ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଯୁବ ଭୋଟରଙ୍କ ଅଧିକ ଭାଗୀଦାରୀରେ ନିର୍ବାଚନରେ ପାଖାପାଖି ୨ ନିୟୁତ ଭୋଟ ମିଳିଥିଲା ଯାହା ଦଶନ୍ଧି ମଧ୍ୟରେ ନ୍ୟୁୟର୍କର ମେୟର ନିର୍ବାଚନରେ ସର୍ବାଧିକ ଭୋଟଦାନ ଥିଲା। ଏହା ପ୍ରମାଣ କରିଥିଲା ଯେ ବଡ଼ ସହରଗୁଡ଼ିକରେ ଗୃହ ନିର୍ମାଣରେ ବର୍ଦ୍ଧିତ ଖର୍ଚ୍ଚ, ବ୍ୟୟବହୁଳ ଦୈନନ୍ଦିନ ଖର୍ଚ୍ଚ, ଧର୍ମନିରପେକ୍ଷତାର ବିରୋଧ, ଶ୍ରମିକଙ୍କ ସମ୍ମାନହାନି ଓ ଅସୁରକ୍ଷିତ ପ୍ରବାସୀ ନୀତିଗୁଡ଼ିକର କୁପରିଣାମ ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା। ତେଣୁ ସେମାନେ ଟ୍ରମ୍ପ ଓ ଟ୍ରମ୍ପ ନୀତିକୁ ବିରୋଧ କରିଥିଲେ ଏବଂ ନୂଆ ଭାବନା ଓ ନୂଆ ନେତୃତ୍ୱକୁ ଜିତାଇବାକୁ ମନସ୍ଥ କରିଥିଲେ।

ନ୍ୟୁୟର୍କ ଭଳି ବହୁ-ସଂସ୍କୃତି ସହରରେ ଅଳ୍ପସଂଖ୍ୟକ ଓ ପ୍ରବାସୀମାନଙ୍କର ସ୍ୱର ଶକ୍ତିଶାଳୀ ହେଉଛି, ଯାହା ଦର୍ଶାଉଛି ଯେ ସମାଜିକ ଅସମାନତା ବିଷୟରେ ଲୋକ ଅଧିକ ସଚେତନ। ତତ୍‌ସହିତ ପ୍ରଗତିଶୀଳ ରାଜନୀତିର ଉଦୟ ହୋଇଛି। ଆମେରିକାର ରାଷ୍ଟ୍ରପତି ରୂପେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ତାଙ୍କର ଅସଲ ଚେହେରା ପଦାକୁ ଆସିଥିଲା। ପରିବାରବାଦ, ଭୟ ସୃଷ୍ଟି, ବେକାରୀ, ଦରଦାମ ବୃଦ୍ଧି ସହିତ ଆନ୍ତର୍ଜାତିକ ସ୍ତରରେ ଆମେରିକାର କ୍ଷୁର୍ଣ୍ଣ ରୂପ, ଭୁଲ ବୈଦେଶିକ ନୀତି, ଶିକ୍ଷାର ପ୍ରଗତିରେ ବାଧା, ନ୍ୟାୟିକ ବ୍ୟବସ୍ଥାରେ ହସ୍ତକ୍ଷେପ, ପରବାରବାଦ, ଗଣମାଧ୍ୟମକୁ ନିଜ ଇଚ୍ଛାରେ ବ୍ୟବହାର ଆଦି ଟ୍ରମ୍ପନୀତିର ବିରୋଧ ଏବଂ ମାମଦାନୀଙ୍କ ବିଜୟ ଏକ ଜାତୀୟ ଜନମତକୁ ସୂଚାଉଛି।

ମମଦାନୀଙ୍କ ବିଜୟ ବିଶ୍ୱକୁ ବାର୍ତ୍ତା ଦେଇଛି ଯେ ଆକ୍ରମଣାତ୍ମକ ରାଜନୀତି, ଜାତି ଜାତି ବିରୁଦ୍ଧରେ ବିଭେଦ ସୃଷ୍ଟି କରିବା, ଭ୍ରଷ୍ଟାଚାର, ବ୍ୟକ୍ତିଗତ ଆକ୍ଷେପକୁ ଭୋଟର ନାପସନ୍ଦ କରିଛନ୍ତି। ଦଳୀୟ ପରିଚୟ ଠାରୁ ଲୋକଙ୍କ କାମ ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଲୋକମାନେ ଏବେ ଶାନ୍ତି ଚାହୁଁଛନ୍ତି। ବାଦବିବାଦ, ଟ୍ୱିଟର ରାଜନୀତି, ସଂସ୍କୃତି ଯୁଦ୍ଧ ଆଦି ପରେ ଲୋକ ଏବେ ସ୍ଥିରତା ଓ ବିବେକୀ ନେତୃତ୍ୱକୁ ସ୍ୱାଗତ କରୁଛନ୍ତି। ଏହି ଫଳାଫଳ କେବଳ ଏକ ସହର ନିର୍ବାଚନର କଥା ନୁହେଁ, ବରଂ ସମଗ୍ର ବିଶ୍ୱର ରାଜନୀତିରେ ଚାଲୁଥିବା ଏକ ନୂଆ ପରିବର୍ତ୍ତନର ପ୍ରତିଛବି।

ଗତ ୧୦-୧୫ ବର୍ଷ ଧରି ବିଶ୍ୱର ବହୁ ଦେଶରେ ଉଚ୍ଚ ସ୍ୱରରେ ବକ୍ତୃତା, ପ୍ରଚଣ୍ଡ ଭାବନା, ଜନଆନ୍ଦୋଳନ, ଜାତିଆଣ ଭେଦଭାବ ଓ ଦେଶ ଦେଶ ବିରୁଦ୍ଧରେ ଜନତାଙ୍କୁ ଉସକେଇବା ରାଜନୀତି ବହୁତ ବୃଦ୍ଧି ପାଇଲାଣି। କିନ୍ତୁ ଏବେ ଲୋକମାନେ ବୁଝିଲେ ଯେ କେବଳ କଥାକୁହା ରାଜନୀତି ଦେଶକୁ ଚଳାଇପାରିବ ନାହିଁ। ଉନ୍ନତି, କାର୍ଯ୍ୟ ଓ ପରିଣାମ ସହିତ ଦେଶ-ବିଦେଶ ସହିତ ସୁସମ୍ପର୍କ ପାଇଁ ଲୋକେ ଇଚ୍ଛୁକ। ଲୋକମାନେ ଏବେ ପ୍ରଶ୍ନକରିବା ସହିତ ବିଭେଦ ରାଜନୀତିକୁ ଅସ୍ୱୀକାର କରୁଛନ୍ତି। ଯୁବକ ଓ ଶିକ୍ଷିତ ଭୋଟରମାନେ ସମ୍ମାନ, ସାଧାରଣ ଜୀବନ ଓ ସ୍ଥିର ଅଗ୍ରଗତି ଚାହୁଁଛନ୍ତି। ବିଶ୍ୱ ଏବେ ନାରା ଓ ଡ୍ରାମା ନୁହେଁ; ଉନ୍ନତି ଓ ଉତ୍ତରଦାୟୀତା ନେତୃତ୍ୱକୁ ସ୍ୱାଗତ କରିବାକୁ ଶ୍ରେୟ ମନେକରୁଛି। ●

ଭୁବନେଶ୍ୱର

## ଢୁଙ୍ଗରି ଦେବୀ ଭାବେ ପୂଜା ପାଆନ୍ତି ଅସୁରୁଣୀ ହିଡ଼ିମ୍ବା

ଓଜସ୍ୱିନୀ

ମହାଭାରତର ବର୍ଣ୍ଣନା ଅନୁସାରେ ପଞ୍ଚୁପାଣ୍ଡବ ବନବାସ ସମୟରେ ହିମାଚଳ ପ୍ରଦେଶର ମନାଲିଠାରେ କିଛିଦିନ ପାଇଁ ରହିଥିଲେ। ସେହିସ୍ଥାନରେ ହିଡ଼ିମ୍ବା ନାମକ ଜଣେ ଅସୁରୁଣୀ ଏବଂ ତାଙ୍କ ଭାଇ ହିଡ଼ିମ୍ବଙ୍କ ରାଜୁତି ଥିଲା। ହିଡ଼ିମ୍ବ ବହୁତ ବଳଶାଳୀ ଏବଂ ହିଡ଼ିମ୍ବା ତନ୍ତ୍ରମନ୍ତ୍ରର ଅଧିକାରୀଣୀ ଥିଲେ। ଏକଦା ହିଡ଼ିମ୍ବ ଖାଦ୍ୟ ସନ୍ଧାନରେ ଜଙ୍ଗଲରେ ବୁଲୁଥିବା ସମୟରେ ପଞ୍ଚୁପାଣ୍ଡବଙ୍କୁ ଦେଖି ସେମାନଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହେଲେ। କିନ୍ତୁ ଅପ୍ରତ୍ୟାଶିତ ଭାବେ ଭୀମଙ୍କ ସହ ହିଡ଼ିମ୍ବଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା। ଯୁଦ୍ଧରେ ହିଡ଼ିମ୍ବ ପରାସ୍ତ ହେଲେ। ହିଡ଼ିମ୍ବା ଭୀମଙ୍କ ବୀରତ୍ୱରେ ଅତିଶୟ ପ୍ରଭାବିତ ହୋଇ ତାଙ୍କୁ ବିବାହ କଲେ। ବିବାହ ପରେ ହିଡ଼ିମ୍ବା ମାନବୀ ରୂପରେ ପତିବ୍ରତା ଧର୍ମ ପାଳନ କରିବା ସହିତ କାଳାନ୍ତରରେ ଘୋର ତପସ୍ୟାରେ ଲୀନ ହୋଇ ଅସୁରୁଣୀରୁ ଦେବୀ ଭାବେ ଆବିର୍ଭୂତା ହେଲେ। ତପସ୍ୟା ଦ୍ୱାରା ତାଙ୍କର ସମସ୍ତ ଆସୁରିକ ଶକ୍ତି କ୍ଷୟ ହୋଇଥିଲା ଏବଂ ସେ ମନାଲିର ଆରାଧ୍ୟା ଦେବୀ ଏବଂ କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ ଉପାସିତ ହୋଇ ଆସୁଛନ୍ତି।

### ବିଚିତ୍ର ବିଶ୍ୱାସ

ଭାରତର ସବୁଠାରୁ ସୁନ୍ଦର ପର୍ଯ୍ୟଟନ ସହରର ମାନ୍ୟତା ହାସଲ କରିଥିବା ମନାଲିଠାରେ ହିଡ଼ିମ୍ବାଙ୍କୁ ସମର୍ପିତ ଏକ ପ୍ରାଚୀନ ଗୁମ୍ଫା ମନ୍ଦିର ଅଛି। ମନ୍ଦିର ଭିତରେ ଥିବା ଏକ ପ୍ରାକୃତିକ ଚଟାଣର ନିମ୍ନଭାଗରେ ଦେବୀ ହିଡ଼ିମ୍ବାଙ୍କ ଆସ୍ଥାନ ରହିଛି। ଏଠାରେ ମା'ଙ୍କର ପଦଚିହ୍ନର ପୂଜା କରାଯାଏ। ଏହି ସ୍ଥାନରେ ହିଡ଼ିମ୍ବା ଦେବତ୍ୱ ଲାଭ କରିଥିଲେ ବୋଲି ବିଶ୍ୱାସ ରହିଆସିଛି। ସ୍ଥାନୀୟ ଭାଷାରେ ଏହି ପ୍ରାକୃତିକ ଚଟାଣକୁ 'ଢୁଙ୍ଗ' କୁହାଯାଉଥିବାରୁ ଏହାର ନାମାନୁସାରେ ମାତା ହିଡ଼ିମ୍ବା 'ଢୁଙ୍ଗ୍ରି ଦେବୀ' ଭାବେ ପୂଜା ପାଉଛନ୍ତି। ତେଣୁ କାହିଁ କେଉଁ କାଳରୁ ଆସ୍ଥାର ପ୍ରତୀକ ଭାବେ ରହିଥିବା ଏହି ମନ୍ଦିରକୁ ଭକ୍ତ ଓ ପର୍ଯ୍ୟଟକମାନେ ମାତା ହିଡ଼ିମ୍ବାଙ୍କ ଆଶୀର୍ବାଦ ନେବା ପାଇଁ ଆସିଥା'ନ୍ତି।

ହିଡ଼ିମ୍ବା ମାତାଙ୍କ ମନ୍ଦିର ପାଗୋଡ଼ା ଶୈଳୀରେ ନିର୍ମିତ। ଦେବଦାରୁ ଗଛରେ ପରିପୂର୍ଣ୍ଣ ଏହି ଅଞ୍ଚଳ ଏବଂ ମନ୍ଦିରର ଶୋଭା ତୁଷାରପାତ ସମୟରେ ଦ୍ୱିଗୁଣିତ ହୋଇଥାଏ। ମନ୍ଦିରରେ ଥିବା ଏକ ଶିଳାଲେଖ ଅନୁସାରେ ଏହି ମନ୍ଦିରକୁ କୁଲ୍ଲୁ ରାଜ୍ୟର ଶାସକ ରାଜା ବାହାଦୂର ସିଂ ନିର୍ମାଣ କରିଥିଲେ। ତିନୋଟି ଛାତ ବିଶିଷ୍ଟ ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦେବଦାରୁର ମଞ୍ଜକାଠରେ ନିର୍ମାଣ କରାଯାଇଛି ଏବଂ ମନ୍ଦିରର ଭିତର ପାର୍ଶ୍ୱ ଏବଂ ମୁଖ୍ୟଦ୍ୱାରରେ କାଠ ଉପରେ କରାଯାଇଥିବା କାରୁକାର୍ଯ୍ୟ ବେଶ୍ ମନମୁଗ୍ଧକର। ମନ୍ଦିରର ସର୍ବୋଚ୍ଚ ଛୋଟ ଛାତ ଉପରେ ତମ୍ବା ଓ ପିତଳ ମିଶ୍ରିତ ଆଉ ଏକ ତ୍ରିଭୁଜାକାର ଛତ୍ର ରହିଛି। ବିଶ୍ୱାସ ରହିଛି ଯେ, ଶ୍ରଦ୍ଧାଳୁମାନେ ହିଡ଼ିମ୍ବା ମାତାଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କଲେ ତାଙ୍କର ସବୁ ଦୁଃଖକଷ୍ଟ ଦୂର ହେବା ସହିତ ସମସ୍ତ ମନସ୍କାମନା ପୂରଣ ହୋଇଥାଏ।

ଲୋକକଥା ଅନୁସାରେ ସ୍ୱୟଂ ଶ୍ରୀକୃଷ୍ଣ ହିଡ଼ିମ୍ବା ଦେବୀଙ୍କୁ ବନବାସ ସମୟରେ ପ୍ରେରଣ କରି ଦିବ୍ୟଲୀଳା ପ୍ରକାଶ କରିଥିଲେ ଏବଂ ପରବର୍ତ୍ତି ସମୟରେ ସଂସାରର କଲ୍ୟାଣାର୍ଥେ ଦେବୀ ସ୍ୱରୂପା ହେବାର ବରଦାନ ଦେଇଥିଲେ। ମାତା ହିଡ଼ିମ୍ବା କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ କାହିଁକି ପୂଜିତା, ସେ ସମ୍ପର୍କରେ ମଧ୍ୟ ଏକ ଜନଶ୍ରୁତି ରହିଛି। ବିହଙ୍ଗମଣି ପାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱୟଂ ଦେବୀ ହିଡ଼ିମ୍ବା କୁଲ୍ଲୁର ରାଜା ହେବା ପାଇଁ ବରଦାନ ଦେଇଥିଲେ। କୁଲ୍ଲୁର ପ୍ରଥମ ଶାସକ ଭାବେ ବିହଙ୍ଗମଣି ରାଜ୍ୟଭାର ଗ୍ରହଣ କରି ରାଜା ହେଲେ ଏବଂ ତାଙ୍କଠାରୁ କୁଲ୍ଲୁ ରାଜବଂଶର ସୃଷ୍ଟି ହୋଇଥିବାରୁ ଦେବୀ ହିଡ଼ିମ୍ବାଙ୍କୁ କୁଳଦେବୀ ଭାବେ ପୂଜା କରାଯାଉଛି। ଭକ୍ତି ଓ ଶ୍ରଦ୍ଧାରେ ମାତା ହିଡ଼ିମ୍ବାଙ୍କୁ କୁଲ୍ଲୁ ରାଜବଂଶର ଜେଜେମା' ବୋଲି କୁହାଯାଉଛି। ପରମ୍ପରା ଅନୁସାରେ ଏବେ ମଧ୍ୟ କୁଲ୍ଲୁ ଦଶହରା ସମୟରେ ଡିଡ଼ିମ୍ବା ଦେବୀଙ୍କ ପ୍ରତୀକ କୁଲ୍ଲୁ ଅଞ୍ଚଳକୁ ଗମନ କରନ୍ତି ଏବଂ ସାତଦିନ ପର୍ଯ୍ୟନ୍ତ ଢାଲପୁରାସ୍ଥିତ ନିଜର ଦେବସ୍ଥାନରେ ଅବସ୍ଥାନ କରିଥା'ନ୍ତି। ହିଡ଼ିମ୍ବା ଦେବୀ ଦେବସ୍ଥାନରେ ନ ପହଞ୍ଚିବା ପର୍ଯ୍ୟନ୍ତ କୁଲ୍ଲୁ ଦଶହରାର ବିଧିବିଧାନ ଆରମ୍ଭ ହୋଇନଥାଏ।

ହିଡ଼ିମ୍ବାଙ୍କ ମନ୍ଦିରର ଅନତିଦୂରରେ ତାଙ୍କର ପୁତ୍ର ଘଟୋତ୍କଚଙ୍କ ମନ୍ଦିର ମଧ୍ୟ ଅଛି। ମାତା ହିଡ଼ିମ୍ବାଙ୍କ ଦର୍ଶନ କରିବା ପରେ ଶ୍ରଦ୍ଧାଳୁମାନେ ଘଟୋତ୍କଚଙ୍କ ଦର୍ଶନ କରିଥା'ନ୍ତି। ଅନ୍ୟଥା ମାତାଙ୍କ ଦର୍ଶନର ପୁଣ୍ୟଫଳ ମିଳିନଥାଏ ବୋଲି ବିଶ୍ୱାସ ଅଛି। ମାତା ହିଡ଼ିମ୍ବା ଓ ତାଙ୍କର ପୁତ୍ର ଘଟୋତ୍କଚ ଅସୁର ଭାବେ ଜନ୍ମ ନେଇଥିଲେ ମଧ୍ୟ ଭକ୍ତଙ୍କ ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧା ଯୋଗୁଁ ଈଶ୍ୱରୀୟ ଶକ୍ତି ଭାବେ ପୂଜା ପାଉଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବରିଷ୍ଠ କିରାଣି

## ପେନସନ କାଗଜ କରାଇବାକୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ

ଭବାନୀପାଟଣା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣୀ ଟି. ଭେଙ୍କଟ ଗିରି ରାଓ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। କିରାଣୀ ଶ୍ରୀ ରାଓ ତାଙ୍କ ସରକାରୀ କ୍ୱାଟର୍ସରେ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଟଙ୍କା ଯଥାଶୀଘ୍ର କରିବାକୁ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲ୍ଲାନ୍ସ ହାତରେ ଧାରା ପଡିଛନ୍ତି। ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଗତ ମାର୍ଚ୍ଚ ୨୦୨୪ ରେ ଅବସର ନେଇଥିଲେ। ଦୀର୍ଘ ଦେଢ଼ ବର୍ଷ ବିତିଯିବା ପରେ ମଧ୍ୟ ପେନସନ ଫାଇଲକୁ କିରାଣୀ ଶ୍ରୀ ରାଓ ଟଙ୍କା ଆଶାରେ ରଖି ଅଭିଯୋଗକାରୀଙ୍କୁ ନିରାଶ କରୁଥିଲେ। ପ୍ରକାଶ ଯେ, ଗତ ୩୧.୦୩.୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ।



ସେବେ ଠାରୁ ସେ କିରାଣୀ ରାଓଙ୍କୁ ତାଙ୍କର ପେନ୍‌ସନ୍ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ। ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଅଭିଯୁକ୍ତ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ ବରଂ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାରମ୍ବାର ବାଧ୍ୟ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସ ଟିମ୍‌କୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାଟର୍ସର ଝରକା ପଟେ ଲାଞ୍ଚ ଟଙ୍କାକୁ ଫିଙ୍ଗିବା ଉଦ୍ୟମ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରିନେଲା। ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଦ୍ୱାରା ଧରା ପଡିବା ପରେ ତାଙ୍କ ଅଫିସ ସମେତ ସରକାରୀ ଘର, ବଲାଙ୍ଗିରରେ ସ୍ତ୍ରୀ ରହୁଥିବା ଭଡାଘର ଏବଂ ରାଓଙ୍କ ବ୍ରହ୍ମପୁରରେ ଥିବା ନିଜ ବାସଭବନରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଗତ ଅଗଷ୍ଟ ୨୦୧୭ ମସିହାରୁ କଳାହାଣ୍ଡିରେ ଅଭିଯୁକ୍ତ କିରାଣୀ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଢ଼ଉରେ କେଉଁଠୁ କେତେ ସମ୍ପତି ମିଳିଛି ଜଣାପଡି ନାହିଁ। ଏ ନେଇ ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରିଛି।

# ପୋଖରୀକୁ ଓଲଟିଲା କାର୍; ୨ ମୃତ

କବିସୂର୍ଯ୍ୟନଗର, ୧୩।୧୧(ସମିସ): କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ର ଗଙ୍ଗାପୁର ଠାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ପୋଖରୀ ଭିତରେ



ପଶିଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳାଞ୍ଚଳ ମହାପାତ୍ର ଓ ସନ୍ତୋଷ ମହାପାତ୍ର। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତି ଯାଏ ଏକ ଇଟା ଭାଟିରେ ଭୋଜିଭାତ ଚାଲିଥିଲା। ଭୋଜି ଖାଇସାରି ଚାରି ଜଣ ସାଙ୍ଗ କାରରେ ଚିଙ୍ଗୁଡ଼ିଘାଇ ଫେରୁଥିଲେ। ଫେରିବା ବେଳେ ଗଙ୍ଗାପୁର ଗୁଡିବନ୍ଧରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ଗଙ୍ଗାପୁର ଗାଁ ପୋଖରୀ ଭିତରକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର୍ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ସ୍ଥାନ...

ଓ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡା. ଉମର ନବୀ ଏକାଧିକବାର ଲାଲ୍ କିଲ୍ଲାରେ ରେକି କରିଥିଲେ ଓ ଦୁଇଜଣ ସେଠାରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଓ ଭିଡ଼କୁ ବୁଝିବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି। ଜାନୁଆରୀ ୨୬ରେ ଲାଲକିଲ୍ଲା ଉପରେ ଆକ୍ରମଣ କରିବାକୁ ଏମାନେ ଲକ୍ଷ୍ୟ ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ ବୋଲି କୁହାଯାଇଛି।

ଏହିସବୁ ହିଂସା ପାଇଁ ତୁର୍କୀରେ ଥିବା ପାକିସ୍ତାନୀ ଆତଙ୍କୀ ନିର୍ଦ୍ଦେଶ ଦେଉଥିଲା। ଦିଲ୍ଲୀ ବି।।ସ୍ଫୋରଣରେ ମୃତ ଡ. ଉମର ନବୀ ତୁର୍କୀ ରାଜଧାନୀ ଆଙ୍କାରାରେ ରହସ୍ୟଜନକ ଭାବେ ଜଣେ ପାକ୍ ହ୍ୟାଣ୍ଡଲରଙ୍କୁ ଭେଟିଥିଲେ। ତାର ନାମ 'ଉକାସା' ଥିଲା। ଏହା ତା'ର କୋଡ୍ ନାମ ହୋଇପାରେ ବୋଲି କୁହାଯାଉଛି। ଉମର ଓ ଫରିଦାବାଦ୍ ଟେରର ମଡ୍ୟୁଲ୍‌ରେ ଗିରଫ୍ ହୋଇଥିବା ଅନ୍ୟ ସଂଦିଗ୍ଧ ସେସନ ଆପ୍ (ଏକ ଏନ୍‌କ୍ରିପ୍‌ଟେଡ ମେସେଜିଂ ପ୍ଲାଟଫର୍ମ) ଜରିଆରେ ଏହି ହ୍ୟାଣ୍ଡଲରଙ୍କ ସହ ସମ୍ପର୍କରେ ଥିଲେ। ଏହି ହ୍ୟାଣ୍ଡଲର ଓ ସଂଦୀଗ୍ଧଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ନେଇ ଯାଞ୍ଚ୍ ଏଜେନ୍ସିଗୁଡିକ ତଦନ୍ତ କରୁଛନ୍ତି। ୨୦୨୨ ମାର୍ଚ୍ଚରେ ଉମର ଓ ଆଉ କେତେକ ସଂଦିଗ୍ଧ ତୁର୍କୀ ଯାଇଥିଲେ। ଏହା ଦ୍ୱାରା ତା'ର ବ୍ରେନ୍ ୱାସ୍ ହୋଇଥିଲା ବୋଲି କୁହାଯାଉଛି।

## ଆତଙ୍କର ଜାଲ ବିଛାଉଥିଲା ଅହମ୍ମଦ ମହିଉଦ୍ଦିନ ସୟଦ

ଗୁଜରାଟ ଏଟିଏସ୍ ଡା ଅହମ୍ମଦ ମହିଉଦ୍ଦିନ ସୟଦଙ୍କୁ ଗିରଫ୍ କରିବା ପରେ ପୁଣିଥରେ ହାଇଦରାବାଦ ଆତଙ୍କବାଦ କାରଣରୁ ନଜରକୁ ଆସିଛି। ସେ ଦେଶ ବିରୋଧୀ ଗତିବିଧି ପାଇଁ ଷଡ଼ଯନ୍ତ୍ର ରଚୁଥିଲା। ସେ ସୋସିଆଲ ମିଡିଆରେ କଠୋରପନ୍ଥୀର ପରିଚୟ ହାସଲ କରିଥିଲା ଓ ଆତଙ୍କବାଦ ସହିତ ଜଡିତ ସାମଗ୍ରୀ ପୋଷ୍ଟ କରୁଥିଲା। ୨୦୦୭ରେ ଚୀନ୍ ଯାଇ ସେ ଏମ୍‌ବିବିଏସ୍ କରିଥିଲା। ୨୦୧୩ରେ ହାଇଦରାବାଦର ବିଭିନ୍ନ ହସ୍ପିଟାଲରେ ସେ ପ୍ରାକ୍ଟିସ କରୁଥିଲା। ଏହାପରେ କୋଭିଡ ପରେ ସେ ଛୋଟ ବିବ୍ୟସାୟ କରିଥିଲା। ଅନଲାଇନ ପ୍ଲାଟଫର୍ମରେ ସେ ଅବୁ ଖାଦିଜା ନାମକ ଏକ ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିଲା। ସେ ରିସିନ ଭଳି ବିଷାକ୍ତ ପଦାର୍ଥ ନେଇ ରାସାୟନିକର ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲା। ଗୁଜରାଟ ଏଟିସ ମହିଉଦ୍ଦିନ ସହ ଉତ୍ତରପ୍ରଦେଶର ଆଜାଦ ସୁଲେମାନ ଶେଖ ଓ ମହମ୍ମଦ ସୁହେଲ ସଲିମ ଖାନଙ୍କୁ ଗିରଫ କରିବା ପରେ ତଦନ୍ତ ନୂଆ ମୋଡ ନେଇଥିଲା। ବିଦେଶୀ ହ୍ୟାଣ୍ଡଲର ଅବୁ ଖାଦିଜାର ନିର୍ଦ୍ଦେଶ କ୍ରମେ ଏମାନେ କାର୍ଯ୍ୟ କରୁଥିଲେ। ଏବେ ତେଲଙ୍ଗାନା କାଉଣ୍ଟର ଇଣ୍ଟେଲିଜେନ୍ସ ସେଲ୍‌ଫ ଓ ଗୁଜରାଟ ଏଟିଏସ୍ ମିଳିତ ଭାବେ ଯାଞ୍ଚ କରୁଛନ୍ତି ଓ ଏହାପରେ ଆତଙ୍କବାଦ ନେଟ୍‌ୱର୍କରେ ଏମାନଙ୍କ ଭୂମିକା ନେଇ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ବାଲିଯାତ୍ରାରେ ଭିଡ଼...

କଣ୍ଠଶିଳ୍ପୀ ଶ୍ରେୟାଙ୍କୁ ଦେଖିବା ପାଇଁ ଅତ୍ୟଧିକ ଭିଡ଼ ଯୋଗୁଁ ଏପରି ଅଘଟଣ ଘଟିଲା। ପ୍ରଶାସିନକ ଅବ୍ୟବସ୍ଥା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅଧିକ ଅଘଟଣକୁ ଏଡ଼ାଇ ଦିଆଯାଇଛି। ବାଲିଯାତ୍ରାର ଶେଷ ସନ୍ଧ୍ୟାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

ପ୍ରକାଶ ଥାଉ କି, ଐତିହାସିକ ବାଲିଯାତ୍ରାର ଶେଷ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଚାଲିଛି ବଲିଉଡ୍ ଗାୟିକା ଶ୍ରେୟା ଘୋଷାଲଙ୍କ ଶୋ'। ଶ୍ରେୟାଙ୍କ ଗୀତରେ ଝୁମିବାକୁ ତଳ ବାଲିଯାତ୍ରା ପଡ଼ିଆରେ ପ୍ରବଳ ଭିଡ଼ ଜମିଥିବା ବେଳେ ଠେଲାପେଲାରେ ୨ ଜଣ ଅଚେତ ହୋଇ ପଡ଼ିଥିବା ସୂଚନା ମିଳିଛି। ତଳ ବାଲିଯାତ୍ରା ପଡ଼ିଆରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହୋଇଥିଲା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ। ମଞ୍ଚକୁ ଆସିବା ମାତ୍ରେ ଶ୍ରେୟା ଘୋଷାଲଙ୍କ କଣ୍ଠର ଯାଦୁରେ ମତୁଆଲା ହୋଇଥିଲେ ଦର୍ଶକ। ଶ୍ରେୟାଙ୍କ ଶୋ' ଆରମ୍ଭ ପୂର୍ବରୁ ଲୋକାରଣ୍ୟ ହୋଇ ଉଠିଥିଲା ବାଲିଯାତ୍ରା ପଡ଼ିଆ। ପ୍ରବଳ ଭିଡ଼ ଭିତରେ ଶ୍ରେୟା ଗୀତ ଗାଇବା ବେଳେ ଠେଲାପେଲା ସ୍ଥିତି ଦେଖିବାକୁ ମିଳିଛି।

## ୨୦ରୁ ଆରମ୍ଭ ହେବ...

ତେଣୁ ଚଳିତ ବର୍ଷ ଯଦି ଅନୁରୂପ ସମସ୍ୟା ସୃଷ୍ଟି ହୁଏ ତେବେ ଚାଷୀମାନେ କାହା ନିକଟରେ ଗୁହାରି କରିବେ ବୋଲି ପ୍ରଶ୍ନ ଉଠିଛି।

ଗତବର୍ଷ ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୭୭ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ୭୪ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ସରକାର ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ ସତ୍ତ୍ୱେ ୩ ଲକ୍ଷ ଟନ୍ କମ୍ ଧାନ ସଂଗ୍ରହ ହେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ଧାନ କମ କ୍ରୟ ପଛରେ ଚାଷୀ ଏକାଧିକ କାରଣକୁ ଦାୟୀ କରିଥିଲେ। କଟନୀଛଟନୀ, ଧାନର ଏଫଏକ୍ୟୁ ମାନ ନେଇ ଚାଷୀଙ୍କୁ ହଇରାଣ, ମିଲରଙ୍କ ମନମାନିକୁ ନେଇ ଚାଷୀ ହନ୍ତସନ୍ତ ହୋଇଥିବା ଓ ଏହାର ସମାଧାନରେ ଯୋଗାଣ ବିଭାଗ ବିଫଳ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ସଂଗଠିତ ହୋଇଥିବା ବେଳେ ମିଲରଙ୍କ ମନମାନିକୁ ମଧ୍ୟ ସେତେବେଳେ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଅପରପକ୍ଷେ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ଆରମ୍ଭରେ ସରକାରଙ୍କ ଅତ୍ୟନ୍ତ ଜଟିଳ ନିୟମକୁ ନେଇ ତାତିଥିଲେ ଚାଷୀ। ଏନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ନିୟମରେ କୋହଳ କରିଥିଲେ। ତେଣୁ ଏଥର ଯେପରି ଧାନ କିଣା ତ୍ରୁଟି ଶୂନ୍ୟ ହେବ, ସେ ନେଇ ସରକାର ଆଗୁଆ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅପରପକ୍ଷେ ଚଳିତ ଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଆସନ୍ତା ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ପୁନଶ୍ଚ ଚଳିତ ବର୍ଷ ୮୦ ସମବାୟ ସମିତିରେ ୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଜି ବିହାର...

ହେଉଛି ଅଧିକ ମତଦାନ ହାର। ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ହୋଇଥିବା ମତଦାନ ହାର ରହିଛି ୬୬.୯୧, ଯାହାକି ଗତ ନିର୍ବାଚନ ଅପେକ୍ଷା ୯.୬୨ ଅଧିକ। ବିହାର ବିଧାନସଭା ନିର୍ବାଚନରେ ୬୬.୯୧ ପ୍ରତିଶତ ମତଦାନ ହାର ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗିଦେଇଛି। ପ୍ରଥମ ପର୍ଯ୍ୟାୟରେ ୬୫.୦୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୬ ପ୍ରତିଶତ ମତଦାନ ହୋଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ୨୦୨୦ ନିର୍ବାଚନ (୫୭.୨୯) ତୁଳନାରେ ଏଥର ୯.୬୨ ଅଧିକ ମତଦାନ ହୋଇଛି। ଶାସକ ମେଣ୍ଟକୁ ଯେଉଁ କଥାଟି ଚିନ୍ତାରେ ପକାଇଛି, ତାହା ହେଲା ଯେ ରାଜ୍ୟ ବିଧନସଭା ନିର୍ବାଚନରେ ଯେତେବେଳେ ମତଦାନ ହାର ପୂର୍ବ ଅପେକ୍ଷା ୫ ପ୍ରତିଶତରୁ ଅଧିକ ବା କମ୍ ସେତେବେଳେ ସରକାରର ପତନ ଘଟିଛି। ଏହା ବିହାରର ନିର୍ବାଚନ ଇତିହାସ କହୁଛି। ୧୯୬୭ରେ ପୂର୍ବ ନିର୍ବାଚନ ତୁଳନାରେ ୭ ପ୍ରତିଶତ ଅଧିକ ମତଦାନ ହୋଇଥିବା ବେଳେ କଂଗ୍ରେସ ସରକାରର ପତନ ଘଟିଥିଲା। ସେହିବର୍ଷ ଅଣ-କଂ।।ଗ୍ରେସ ଦଳ ମେଣ୍ଟ ସରକାର ଗଠନ କରିଥିଲେ। ସେହିଭଳି ୧୯୮୦ରେ ପୂର୍ବ ନିର୍ବାଚନ ତୁଳନାରେ ୬.୮ ପ୍ରତିଶତ ଅଧିତ ମତଦାନ ହୋଇଥିଲା ଏବଂ କ୍ଷମତାରେ ପରିବର୍ତ୍ତନ ହୋଇଥିଲା। ୧୯୯୦ରେ ପୂର୍ବ ନିର୍ବାଚନ ତୁଳନାରେ ୫.୭ ପ୍ରତିଶତ ଅଧିକ ମତଦାନ ହୋଇଥିଲା ଏବଂ କଂଗ୍ରେସ ସରକାରର ପତନ ଘଟିଥିଲା। ଏହା ସ୍ଥାନରେ ଜନତା ଦଳ ସରକାର ଗଠନ କରିଥିଲା। ଏହି ଧାରା ଏଥର ଜାରି ରହିଲେ ସରକାର ପରିବର୍ତ୍ତନ ହେବା ନିଶ୍ଚିତ। ତେବେ ଭୋଟର ଏହି ଧାରାକୁ ଭାଙ୍ଗିଛନ୍ତି କି ନାହିଁ ତାହା ଆସନ୍ତାକାଲି ୧୪ ତାରିଖେରେ ହିଁ ଜଣାପଡ଼ିବ। ସୂଚନାଯୋଗ୍ୟ ଏଥର ନିର୍ବାଚନରେ ମହିଳାମାନଙ୍କ ମତଦାନ ହାର ପୁରୁଷମାନଙ୍କ ଅପେକ୍ଷା ଅଧିକ ରହିଛି। ମହିଳାମାନଙ୍କ ମତଦାନ ହାର ୭୧.୬ % ଥିବା ବେଳେ ପୁରୁଷମାନଙ୍କ ମତଦାନ ହାର ୬୨.୮% ରହିଛି। ନୀତୀଶ କୁମାର ୨୦୧୫ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀପଦରେ ରହିଛନ୍ତି। ଏହାପୂର୍ବରୁ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଥିଲେ।

## ୭ ଡିଗ୍ରୀକୁ...

ତୁଳନାରେ ୪-୬ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହି ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଲହରୀ ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ଆହୁରି ତଳକୁ ଖସିଛି। ଏହି କ୍ରମରେ ୪ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଥିବା ବେଳେ ୯ ସହରରେ ପାରଦ ୧୨ ଡିଗ୍ରୀ ତଳେ ରହିଛି। ୭.୧ ଡିଗ୍ରୀ ସହ ସେମିଳିଗୁଡାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଜି. ଉଦୟଗିରି ୭.୪, ଦାରିଙ୍ଗବାଡି ୭.୫, ଫୁଲବାଣୀ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ୧୦.୯, ରାଉରକେଲା ୧୧.୧, ଚିପିଲିମା ୧୧.୨, କିରେଇ ୧୧.୫, ଭବାନୀପାଟଣା ୧୧.୫, ଅନୁଗୁଳ ୧୨ ଡିଗ୍ରୀ ସହ ଦ୍ୱୈତ ନଗରୀ କଟକରେ ୧୪.୬ ଏବଂ ଭୁବନେଶ୍ୱରରେ ୧୪.୧ ଡୀଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବଡ଼ କଥା ହେଉଛି ଯେ ଏଥି ମଧ୍ୟରୁ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ତାପମାତ୍ରା ଯଥେଷ୍ଟ ହ୍ରାସ ହୋଇଛି। ଭୁବନେଶ୍ୱରରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୩ ଡିଗ୍ରୀ କମ୍ ରହିଥିବା ବେଳେ ଅନୁଗୁଳରେ ୫.୮, ଝାରସୁଗୁଡ଼ାରେ ୬.୨ ଓ ଗୋପାଳପୁରରେ ତାପମାତ୍ରା ସ୍ୱାଭାବିକଠାରୁ ୫ ଡିଗ୍ରୀ କମ୍ ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ସପ୍ତାହେ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଶୁକ୍ରବାର ରାତିଠାରୁ କେତେକ ସ୍ଥାନରେ ରାତିର ତାପମାତ୍ରା ଆହୁରି କମିବ। ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ପୁରୀ, ବାଲେଶ୍ୱରରେ ଶୁକ୍ରବାର ରାତିରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୧-୩ ଡିଗ୍ରୀ ହ୍ରାସ ପାଇବ। ୧୮ ପର୍ଯ୍ୟନ୍ତ ଏହା ଅପରିବର୍ତ୍ତିତ ରହିବ। ବାଲେଶ୍ୱରରରେ ୧୪ରୁ ୧୬ ଡିଗ୍ରୀ ସହ ବ୍ରହ୍ମପୁରରେ ୧୫-୧୭ ଡିଗ୍ରୀ, ରାଉରକେଲାରେ ୧୦-୧୨ ଡିଗ୍ରୀ, ସମ୍ବଲପୁରରେ ୧୩-୧୫ ଡିଗ୍ରୀ ତାପମାତ୍ରା ରହିପାରେ। ଅନ୍ୟାନ୍ୟ ସ୍ଥାନରେ ପ୍ରାୟତଃ ଆଜିର ତାପମାତ୍ରା ଚାଲୁ ରହିବ। ଆଭ୍ୟନ୍ତରୀଣ ଅପେକ୍ଷା ଉପକୂଳରେ ତାପମାତ୍ରା ଅଧିକ କମିବ। ୧୯-୨୧ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଭୁବନେଶ୍ୱର ଏୟାରପୋର୍ଟରେ ପ୍ରତି ୩୦ ମିନିଟ ଅନ୍ତରାଳରେ ନିଆଯାଇଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ, ରାଜ୍ୟ ମଧ୍ୟକୁ ଗତକାଲି ରାତ୍ରି ୧୦ ଟା ପରଠାରୁ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଛି, ଯାହା ପ୍ରଭାବରେ ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ତଳମୁହାଁ ହେଉଛି। ଏହି ଶୁଷ୍କ ବାୟୁ ଅନେକ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ସେହିପରି ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆଗାମୀ ଦୁଇ ସପ୍ତାହ ଯାଏଁ (୧୪ ରୁ ୨୭ ତାରିଖ) ଦେଶର ବିଭିନ୍ନ ଭାଗରେ ସର୍ବନିମ୍ନ ରାତିର ତାପମାତ୍ରା କମ୍ ରହିବ। ଏହା ପ୍ରଭାବରେ ଶୀତଲହରୀର ସମ୍ଭାବନା ସୃଷ୍ଟି ହେବ। ଏହି ସମୟରେ ଓଡ଼ିଶାରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଆଇଏମ୍‌ଡି ନିଜ ଆକଳନରେ ଦର୍ଶାଇଛି।

## ମାମଲା ରୁଜୁ କଲା...

ଗିରଫ ପାଇଁ ମାନବ ସମ୍ବଳ ଓ ଆନୁଷଙ୍ଗିକ ସହଯୋଗର ଆବଶ୍ୟକତା ଥିବାରୁ ଏଥିପାଇଁ ଦିଲ୍ଲୀ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି। ୨୦୨୪ ମସିହାରେ ସମ୍ପୂର୍ଣ୍ଣ ଦେଶରେ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏଥିରେ ୧୪ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିହାର ଏବଂ ଝାରଖଣ୍ଡରୁ ଗିରଫ କରାଯାଇଥିଲା। କିଛି ଅଭିଯୁକ୍ତ ପ୍ରାଶ୍ନପତ୍ର ଲିକ୍ ମାମଲାରେ ଜେଲ ଥାଇ ମଧ୍ୟ ଏହି ରାକେଟ୍‌କୁ ଅପରେଟ୍ କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଏଣୁ ରାଜ୍ୟ ବାହାର ଅଭିଯୁକ୍ତଙ୍କ ସହ ଶଙ୍କର ପୃଷ୍ଟି ଓ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସହ କିଭଳି ସମ୍ପର୍କ ରହିଛି। ରାଜ୍ୟ ବାହାର ଗ୍ୟାଙ୍ଗ୍‌ରୁ ସେମାନେ କେଉଁ ପ୍ରକାର ସହାୟତା ପାଇଛନ୍ତି, ଏସବୁର ତଦନ୍ତ କରିବାକୁ ଭୁବନେଶ୍ୱର ସିବିଆଇ ଏହି ରାଜ୍ୟ ଗୁଡ଼ିକୁ ଯିବ। ଏହା ସହ ସିବିଆଇ ଓଡ଼ିଶା ସମେତ ରାଜ୍ୟ ବାହାରେ ଏକ ମିଳିତ ରେଡ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହି ମାମଲାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ସିଲିକନ୍‌ର ସିଇଓ ସୁରେଶ, ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ଏବଂ ସେମାନଙ୍କ ସହଯୋଗୀଙ୍କ ସମେତ ମୋଟ୍ ଗିରଫ ହୋଇଥିବା ୧୨୬ଙ୍କ ନାମ ସହ ସମସ୍ତ ତଥ୍ୟ ସିବିଆଇକୁ ହସ୍ତାନ୍ତର କରିଛି।

ଅପରପକ୍ଷେ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତ ହେଲେ ଶେଖର ସାହୁ ଓ ପ୍ରକାଶ ସାହୁ। ତେବେ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସିଲିକନ ଟେକର ମାଲିକ ସୁରେଶ ଚନ୍ଦ୍ର ନାୟକଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୦ରେ ହେବ ବୋଲି ଜଣାପଡ଼ିଛି।


SDCCB
**THE SAMBALPUR DISTRICT CO-OPERATIVE CENTRAL BANK**

Letter No. 3842 — Date: 12.11.2025

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for UPS and Batteries for Various Branches & H.O. under the Sambalpur District Co-operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.bank.in. The last date for receipt of proposal is 20.11.2025, 2:00 P.M.SDCCB reserves the right to accept/reject any/all Quotation without assigning any reason thereof.

Sd/-Chief Executive Officer

THE SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH – 768028
Email: headoffice@sambalpurdccb.com



ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନିଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୧୩.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**LOST**

By virtue of an affidavit, I, Manisha Khatua, W/o Ranjeet Kumar Dalai, Village/PO/P.S- Erasama, Dist.- Jagatsinghpur solemnly affirm that I have obtained an original sale deed no. 10392306357, dt.04.05.2023 after registration of land bearing Khata No. 686/3286, Plot No. 704/9394 of Mouza - Adalia. That unfortunately, the said sale deed has been lost somewhere while I was going to Erasama Bazar from my residence situated at Erasama on 19.10.2025. That inspite of my best effort, I could not able to trace out it. That I declare that I have not mis-utilised the said sale deed any anywhere for any purpose. If found by anybody kindly inform at my above address.

**AFFIDAVIT**

I, Ranjan Kumar Agrawala, aged about 58 years, S/o- Ramotar Agrawala, resident of Tikrapada, Po- Balangir, Ps- Town, Bolangir, Dist- Balangir, Odisha, PIN-767001 declare by this affidavit No. 2301, dtd-13/11/2025, that now onwards I shall be known as **RANJAN KUMAR AGRAWAL** for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 12.11.2025, I, Ahalya Kumari Jena, D/o- Bhagirathi Jena, W/o- Late Bipin Bihari Jena, permanent resident of At-154, Nuabazar, P.O.- Paradeep, P.S.- Paradeep, Dist.- Jagatsinghpur, Odisha, PIN–754142, have changed my name and surname from Ahalya Swain to Ahalya Kumari Jena. Henceforth, I shall be known as **Ahalya Kumari Jena** for all purposes.
**Ahalya Kumari Jena**

**NOTICE**

By virtue of an affidavit sworn before the Notary Public, Cuttack, dated 06.11.2025, I, Pratap Kumar Samantaray, S/o- Jambeswar Samantaray, resident of At- Chhakadipur, P.O.- Biribadi, P.S.- Tangi, Dist.-Khorda, Odisha, PIN–752027, have changed my name from Pratap Samantaray to Pratap Kumar Samantaray. Henceforth, I shall be known as **Pratap Kumar Samantaray** for all purposes.
**Pratap Kumar Samantaray**

**NOTICE**

By virtue of an Affidavit sworn before the Notary Public, Bhubaneswar, Dtd. 09/10/2025. I Kishor Chandra Rout, S/o: Late Chakradhar Rout, Resident of At: Govindapur, P.O.: Gadadhar Prasad, Via: Itamati, P.S.: Itamati, Dist.: Nayagarh, Odisha, PIN-752068, have changed my name from Kishor Chandra Raut to **Kishor Chandra Rout** & my father's name also have changed from Chakradhar Raut to **Chakradhar Rout** & my mother's name also changed from Chhatiani Raut to **Chhatiani Rout** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 08/11/2025. I, **Panchu Bag** (applicant name), S/o Anama Bag, permanent resident of AT-Jugirata, PO- Haldi, PS- Muribahal, Dist- Balangir, (Odisha), PIN- 767037 now residing at the same place declare that I have changed my minor son's name from **Jituranjan Bag** (old name) to **Jitumani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jitumani Bag** (new name) for all future purposes.
**Panchu Bag**

**AFFIDAVIT**

I, Sujay Pattanayak, age- 45 , S/o- Shripati Pattanayak of village - Palasia, Po-Kothapada, Ps- Basta, Dist- Balasore,Odisha . declared by affidavit before In The Court of Executive Magistrate and Tahasildar,Basta No- 3345,dtd-04/09/2025 that as per aadhar card and pan card my name is Sujay Pattanayak but my R.O.R Moza–Palasia,PS-Basta Thana no-113,Khata no-94/19 & 94/29 recorded my name with my brothers and my name mentioned as Sujay Pattanayak S/o- Sripati Pttnayak, and khata no-94/17 & 94/51 recorded my name with my brother's name Sujay kumar Pattanayak , and Khata No- 94/16 recorded my name with my brothers and my name is mentioned Sasanka Pattanayak s/o- Sripati Kumar Pattanayak . Hence I Declared that **Sujay Pattanayak** alias **Sujay Kumar Pattanayak** alias **Sasanka Pattanayak**, S/o- **Sripati Pattanayak** alias **Shripati Pattanayak** alias **Sripati Kumar Pattanayak** is same and one person there is no other person in that name and style in above noted address for all future purpose .
**Sujay Pattanayak**

**AFFIDAVIT**

By virtue of an affidavit sworn before the Executive Magistrate Padampur, Dist.- Bargarh dated 11th November 2025, CF No.-05, I Atmaram Satnami aged about 33 years, S/o.- Habelal Satnami, resident of village- Sikaripali, Ps.-Jagdalpur, Block- Jharbandh, Dist.- Bargarh, Pin- 768042 hereby declares that for and on behalf of my minor daughter Hatasini Satnami. I have changed my minor doughter's name from **Htasini Satnami to Hatasini Satnami**. Hance she will be known as **Hatasini Satnami** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No. 106 on dated 11.11.2025, I Nilanchala Patro, currently resident at Pragati Vihar, Plot No-211/5796, Bhubaneswar, PIN-751016 Dist- Khordha, Odisha, declare that I have changed my son's name from Rudransu Patro to Rudransh Patro. Henceforth, He shall be known as **RUDANSH PATRO** for all future purposes.
Nilanchala Patro

**AFFIDAVIT**

By virtue of an affidavit sworn before Executive Magistrate, Rayagada, dated 07/11/2025, I, P. RUVIAH resident of Village- Lelibadi, Po.- Dunduli, Ps.- Chandili, Dist.- Rayagada, Odisha vide affidavit no. 1018 dtd. 07.11.2025 declare that, I have changed my name from **RUAI PEDENTI** to **P. RUVIAH**. Henceforth, I shall be known as **P. RUVIAH** for all purposes.
Sd/- P. Ruviah

**AFFIDAVIT**

I Sarbajeet Pattnaik S/o- Late Biswanath Pattnaik resident of Patrapada PO- Dumduma Housing Board Colony PS- Bharatpur Dist- Khordha PIN-751019 Odisha declare by this affidavit No 693 dtd- 11/11/2025 that now onwards I shall be known as **Sarbajeet Pattanaik** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dated 13/11/2025 I Taranisen Budhia resident of Village Jampali P/O.- Tungibandhali, P/S.- Sohela, Dist.- Bargarh, Pin-768033 declare that I have changed my son name **Dev Budhia** to **Devranjan Budhia**. Henceforth he shall be known as **Devranjan Budhia** for all purpose.

**AFFIDAVIT**

By virtue of an affidavit before the Notary Public, Kodala, Ganajm, I, A Jyothi Patra, D/o- Tarakeswar Rao Nalla And W/o- A Manoja Kumar Patra, resident of Vill.- Beguniapada, P.S.- Beguniapada, Dist.- Ganjam, Odisha (PIN-761031), do hereby declare that I have changed my name from JYOTHI BALLA to **A JYOTHI PATRA**. Henceforth, I shall be known as **A JYOTHI PATRA** for all purposes.
**Sd/- A JYOTHI PATRA**

**NOTICE**

By virtue of an affidavit sworn before Executive Magistrate, Rairakhol, dated 29/10/2025, I Pradeep Mukhi, S/o- Durjodhan Mukhi, resident of Village- Samsingha, Poa.- Kadaligarh, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from **Smitarani Mukhi** to **Priya Mukhi**. Henceforth, she shall be known as **Priya Mukhi** for all purposes.
Sd/- Pradeep Mukhi

**CHANGE OF NAME**

I,**SAPANA MAHARANA** (OLD NAME) as per Board of SSC marks list. Orissa. residing at Plot.No.55, Nagarjuna Hills, Punjagutta,Hyderabad.,Telengana-500082. Hereby declare that I have changed my name as **SAPNA MAHARANA** (NEW NAME) (Aadhar Card) D/o DEENABANDHU MAHARANA.

**AFFIDAVIT**

I, Bhupesh Kumar Gandha, aged about 60 years, S/o- Late Laxmidas Kalyanji, resident of At- Back side of Mafidar Building, Cox Colony, Dist- Jharsuguda, Odisha, Pin- 768203 declare by this affidavit No. CF No-5943, dated-13/10/2025 that now onwards I shall be known as **BHUPESH GANDHA** for all future purposes.

### ବିଦ୍ୟୁତ୍ ବିଭାଗ ତ୍ରୁଟି ଯୋଗୁଁ ଅକାଳରେ ଚାଲିଗଲା ଜୀବନ

# ଧାନ ବିଲରେ ବିଦ୍ୟୁତ୍ ତାର ଲାଗି ଚାଷୀଙ୍କ ମୃତ୍ୟୁ

ରଘୁନାଥପୁର, ୧୩।୧୧(ସମିସ)



ରଘୁନାଥପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ କୁଆମଙ୍ଗା ରାଜସ୍ୱ ଗ୍ରାମ ଗୋଡ଼ିପଡ଼ିଆରେ ଗୁରୁବାର ଅପରାହ୍ନରେ ଘଟିଯାଇଛି ଦୁଃଖଦ ଘଟଣା। ଧାନବିଲକୁ ପାଣି ଦେଖିବାକୁ ଯାଇ ଫେରିଲେନି ଚାଷୀ। ସତେ ଯେମିତି କାଳ ତାଙ୍କୁ ଅପେକ୍ଷା କରି ରହିଥିଲା। ଚାଷଜମିରେ ଛିଣ୍ଡି ପଡ଼ିଥିବା ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ସ୍ଥାନୀୟ ଗ୍ରାମର ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କୁଞ୍ଜବିହାରୀ ପ୍ରଧାନଙ୍କ ପୁଅ ସଞ୍ଜୀବ ପ୍ରଧାନ (୩୮)। ୮ ମାସ ପୂର୍ବେ ତାଙ୍କର ବିବାହ ହୋଇଥିଲା। କୁଞ୍ଜବିହାରୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି।

ଦିନ କେଇଟା ପରେ ପାଚିଲା ଧାନ ଅମଳ ହୋଇ ଘରକୁ ଆସିଥା'ନ୍ତା। ଦିନ ୯ଟା ସମୟରେ ଧାନବିଲକୁ ପାଣି ଦେଖିବାକୁ ଯାଇଥିଲେ ସଞ୍ଜୀବ। ବିଲ ମଧ୍ୟରେ ଛିଣ୍ଡି ପଡ଼ିଥିବା ୧୧ କେଭି ବିଦ୍ୟୁତ ତାର ସଞ୍ଜୀବଙ୍କ ଗୋଡରେ ଗୁଡେଇ ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଞ୍ଜୀବ ଘରକୁ ନ ଫେରିବାରୁ ଘରଲୋକେ ଖୋଜାଖୋଜି କରି ଅଧାପୋଡା ଅବସ୍ଥାରେ ଧାନବିଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେଠାରେ ବିଦ୍ୟୁତ ତାର ତାଙ୍କ ଶରୀରରେ ଲାଗି ରହିଥିଲା। ଏହି ଦୁଃଖଦ ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚି ବିଦ୍ୟୁତ ବିଭାଗକୁ ଏଥିପାଇଁ ଦାୟୀ କରିଥିଲେ। ସେମାନଙ୍କ କହିବା କଥା ହେଲା ୪୬ ବର୍ଷ ତଳୁ ଖୁଣ୍ଟରେ ତାର ଟଣାଯାଇଥିଲେ ସୁଦ୍ଧା ଉପଯୁକ୍ତ ମେଣ୍ଟେନାସ ଅଭାବରୁ ଏପରି ଅଘଟଣ ଘଟିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ମୃତ ଚାଷୀଙ୍କୁ କ୍ଷତିପୂରଣ ଓ ତାର ଖୁଣ୍ଟର ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀ ଅଡି ବସିଛନ୍ତି। ବିଦ୍ୟୁତ ବିଭାଗର କର୍ମଚାରୀ କେବଳ କରେଣ୍ଟ ବିଚ୍ଛିନ୍ନ କରି ଭୟରେ ସେଠାକୁ ଆସି ନ ଥିଲେ। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଉପଜିଲ୍ଲାପାଳ ପ୍ରଶାନ୍ତ ତରେଇ, ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଅତିରିକ୍ତ ତହସିଲଦାର ତପନ ପରିଡ଼ା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମୃତଦେହ ସେଠାରେ ପଡ଼ିରହିଥିଲା। ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ସ୍ତ୍ରୀଙ୍କୁ ଚାକିରି ଦାବିରେ ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ସନ୍ଧ୍ୟା ୭ଟାରେ କଟକ ପାରାଦୀପ ରାସ୍ତାର ସୁଦ୍ଧଭୂମି ନିକଟରେ ଟାୟାର

- ବିଲକୁ ପାଣି ଦେଖିବାକୁ ଯିବା ହେଲା କାଳ
- କ୍ଷତିପୂରଣ ଦାବିରେ ରାସ୍ତାରୋକ

ଜାଳି ରାସ୍ତା ଅବରୋଧ କରିଛନ୍ତି। ମୃତ ଚାଷୀଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦେବାପାଇଁ ସେମାନେ ଦାବିକରି ରାସ୍ତା ଉପରେ ବସିରହିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିବାବେଳେ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ଅନ୍ୟ ଅଧିକାରୀ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି।

## ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

ତିର୍ତ୍ତୋଲ, ୧୩।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ସଂଗଠକ ସୁରେନ୍ଦ୍ର ମହାପାତ୍ର, ବାବା ସଦାନନ୍ଦ ମହାରାଜ, ବିମଳ ମହାପାତ୍ର, ଅମରଜ୍ୟୋତି ସାହୁ, ଅରବିନ୍ଦ ହୋତା, ସୁବ୍ରତ ଦାଶ, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ଚିତ୍ତରଞ୍ଜନ ରଥଙ୍କ ସମେତ କମିଟି ସଦସ୍ୟ ଅତିଥି ଭାବେ ଯୋଗଦେଇ ବାଲିଯାତ୍ରାକୁ ସଫଳ କରିବାରେ ସହଯୋଗ କରିଥିବା ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ, ତିର୍ତ୍ତୋଲ ଅଗ୍ନିଶମ ଅଧିକାରୀ ସୁଭାସ ଚନ୍ଦ୍ର ଭୋଲ, ମହୋତ୍ସବ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପ୍ରତିଭାଧର ବ୍ୟକ୍ତିବିଶେଷ ଓ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଲିଯାତ୍ରା ଅବସରରେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ନୃତ୍ୟ, ମୂରଜ ଆଦି ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ବିଧାୟକ ଡ. ରମାକାନ୍ତ ଭୋଇ ପ୍ରମାଣ ପତ୍ର, ମେଡାଲ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଆଠଦିନ ଧରି ଅନୁଷ୍ଠିତ ଏହି ବାଲିଯାତ୍ରାରେ ଅଧ୍ୟାପିକା ଗାର୍ଗୀଶ୍ରୀ ସ୍ୱାଇଁଙ୍କ ପରିଚାଳନାରେ ଉତ୍କର୍ଷ୍ଣା କଳା ସାହିତ୍ୟ ସଂସଦ କଳାକାର ପ୍ରତ୍ୟେକ ଦିନ ନୃତ୍ୟ, ସଙ୍ଗୀତ ପରିବେଶଣ କରିଥିଲେ।



## ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ଆଳି, ୧୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ମେଣ୍ଢପୁର ପଞ୍ଚାୟତ କଳାପାହାଡ଼ ଛକ ନିକଟରେ ଜଣେ ବୃଦ୍ଧଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ସେ ଗୁରୁତର ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେକ ସୁଲେମାନ (୬୭) ନାମକ ଜଣେ ବୃଦ୍ଧ ରାଜନଗର କେରେଡାଗଡ଼ରୁ ଆଳି ଥାନା କଳାପାହାଡ଼ ତାଙ୍କ ବନ୍ଧୁ ଘରକୁ ଯାଉଥିବା ସମୟରେ କଳାପାହାଡ଼ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡ, ହାତ, କାନ୍ଧ ଓ ଅଣ୍ଟାରେ ଗଭୀର ଆଘାତ ଲାଗିବା ସହ ବାମ ଗୋଡ଼ ଭାଙ୍ଗିଯାଇ ସେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସୁଲେମାନଙ୍କୁ ଆଶୁ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

## ବନ୍ଦର ସହରରେ ଯାଞ୍ଚ କଡ଼ାକଡ଼ି

ପାରାଦୀପ, ୧୩।୧୧(ସମିସ): ଦିଲ୍ଲୀରେ କାର୍ ବିସ୍ଫୋରଣ ପରେ ବନ୍ଦର ସହର ପାରାଦୀପରେ ହାଇଆଲର୍ଟ କରାଯାଇଛି। ପୁଲିସ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ



ଅଞ୍ଚଳରେ ପାଟ୍ରୋଲିଂ କରାଯିବା ସହ ଅଫିସ ଓ ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସନ୍ଧାନୀ କୁକୁରକୁ ମଧ୍ୟ ଏହି ପାଟ୍ରୋଲିଂରେ ସାମିଲ କରାଯାଇଛି। ସନ୍ଧାନୀ କୁକୁର ସହାୟତାରେ ବିଭିନ୍ନ ଅଫିସ, ହୋଟେଲ, ବସ୍‌ଷ୍ଟାଣ୍ଡ, ବଡପଡ଼ିଆ ମାର୍କେଟ, ନେହେରୁ ବଙ୍ଗଳା ଅଞ୍ଚଳ, ମାଛଧରା ବନ୍ଦର ଓ ସମୁଦ୍ର କୂଳରେ ଯାଞ୍ଚ କରାଯାଉଛି। ସହରର ମୁଖ୍ୟ ଛକରେ ବ୍ୟାପକ ପୁଲିସ ପାଟ୍ରୋଲିଂ କରାଯିବା ସହ ପୁଲିସ ପଇଁତରା ମାରୁଛି।

## କାଠଗୋଲା ଛକରେ ଗୋ-ମାଂସ କାଟିବା ଘଟଣାରେ ୩ ଗିରଫ


ବାଲିକୁଦା, ୧୩।୧୧(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା କାଠଗୋଲା ଛକ ନିକଟରେ ଗୋମାଂସ କାଟିବା ଘଟଣାରେ ବାଲିକୁଦା ପୁଲିସ ୩ ଜଣ ସ୍ଥାନୀୟ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଶାନ୍ତ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ତିନି ଅଭିଯୁକ୍ତ ମିର ସାମସେର, ସଫେଦ ଖାନ, ସାୟିଦ ଜାକିରଉଦ୍ଦିନ। ସୂଚନା ମୁତାବକ, ଗତ ବୁଧୁବାର ଅଷ୍ଟମୀ ଦିନ ବାଲିକୁଦା କାଠ ଗୋଲା ଛକ ନିକଟରେ ଗୋ ମାଂସ କଟାଯାଉଥିବା ଖବର ପାଇ ହିନ୍ଦୁ ସେନା ସଂଗଠନ ଓ ବଜରଙ୍ଗୀ ଦଳ ପକ୍ଷରୁ ବାଲିକୁଦା ପୁଲିସ ସହାୟତାରେ ଚଢ଼ଉ କରାଯାଇ ଏକ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଜବତ କରାଯିବା ସହ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଜଗତସିଂହପୁର ଡିଏସପି ରଶ୍ମିରଞ୍ଜନ ଦାସ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୪ ଘଣ୍ଟା ପୂର୍ବରୁ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି।

## ମହିଳା ଓ ପରିବାର ସଦସ୍ୟଙ୍କୁ ଆକ୍ରମଣ ଅଭିଯୋଗ

କୁଜଙ୍ଗ, ୧୩।୧୧(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ହଂସୁରା ଗ୍ରାମରେ ଗତକାଲି ରାତିରେ ଭସାଣି ଚାଲିଥିବାବେଳେ ଜଣେ ମହିଳା ଓ ତାଙ୍କ ପରିବାର ସଦସ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ତାପସ ରାଉତରାୟଙ୍କ ପତ୍ନୀ ଜିନାରାଣୀ ରାଉତରାୟ କୁଜଙ୍ଗ ଥାନାରେ ଅଭିଯୋଗ କରିବା ସହ ତାଙ୍କୁ ଅସଦାଚରଣ ଉଦ୍ୟମ, ଗାଳିଗୁଲଜ ସହ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା, ଏପରିକି ପୁଅ ଓ ଅନ୍ୟ ସଦସ୍ୟଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ନେଇ ହଂସୁରାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

## ଅଠରବାଙ୍କୀ ମାର୍କେଟ କୋଠାରେ ଅଗ୍ନିକାଣ୍ଡ

ପାରାଦୀପ, ୧୩।୧୧(ସମିସ): ଅଠରବାଙ୍କି ମାର୍କେଟ ବିଲ୍ଡିଂରେ ଘଟିଛି ଅଗ୍ନିକାଣ୍ଡ। ଅଠରବାଙ୍କୀ ଲେଙ୍କା ବାଇକ୍ ପାର୍ଟ୍ସ ଗୋଦାମ ଘରେ ଏହି ନିଆଁ ଲାଗିଥିବା ଜଣାପଡ଼ିଛି।



ରାତି ପାଖାପାଖି ୯ଟାରେ ଦ୍ୱିତୀୟ ମହଲାରେ ଥିବା ଏହି ଗୋଦାମ ଘରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପାରାଦୀପ ପୋର୍ଟ ସିଆଇଏସ୍‌ଏଫର ଅଗ୍ନିଶମ ଗାଡ଼ି, ଇଫ୍‌କୋ କାରାଖାନା ଅଗ୍ନିଶମ ଗାଡ଼ି ଓ କୁଜଙ୍ଗ ଅଗ୍ନିଶମ ବିଭାଗ ଗାଡ଼ି ପହଞ୍ଚିଥିଲେ ମଧ୍ୟ ପ୍ରଥମେ ପୋର୍ଟ ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ପାର୍ଟ୍ସ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁର ପ୍ରକୋପ ଏତେ ପ୍ରଖରରେ ଥିଲା ଯେ ଏହାକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା।

## ବଇଦିମାଳରେ ଅଗ୍ନିକାଣ୍ଡ

ଆଳି, ୧୩।୧୧(ସମିସ): ଚଣ୍ଡିଆଗଡ଼ି ପଞ୍ଚାୟତର ବଇଦିମାଳ ଗ୍ରାମରେ ଆଜି ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ହେମନ୍ତ ଦଳାଇଙ୍କ ଘରେ ଅଚାନକ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଆଳି ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିବା ବେଳକୁ ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଲୁଗା ଓ ଜରୁରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ହେମନ୍ତଙ୍କ ପରିବାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## 'ଓଡ଼ିଆ ଭାଷା ସାହିତ୍ୟକୁ ମାୟାଧର ମାନସିଂହଙ୍କ ଅବଦାନ ଚିରସ୍ମରଣୀୟ'

ଜଗତସିଂହପୁର, ୧୩।୧୧(ସମିସ): ଓଡ଼ିଆ ଭାଷା ସାହିତ୍ୟକୁ କବି ଡକ୍ଟର ମାୟାଧର ମାନସିଂହଙ୍କ ଅବଦାନ ଚିରସ୍ମରଣୀୟ। ଡଃ ମାନସିଂହ ଏକାଧାରରେ ଜଣେ ସଫଳ କବି, ପ୍ରାବନ୍ଧିକ ଓ ଗଦ୍ୟଶିଳ୍ପୀ ଭାବେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡି ଯାଇଛନ୍ତି ବୋଲି ଜଗତସିଂହପୁର ସଦର ବ୍ଲକ



ଅନ୍ତର୍ଗତ ପ୍ରଫୁଲ୍ଲ ପାଠାଗାରରେ ଆୟୋଜିତ କବିଙ୍କ ୧୨୦ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଘନଶ୍ୟାମ କାନୁନ୍‌ଗୋ ଯୋଗଦେଇ ମାନସିଂହଙ୍କ କବିତା ପ୍ରଥମେ ବାରମାସୀ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହେବାପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ ବୋଲି କହିଥିଲେ।

ସେହିପରି ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଯୋଗଦେଇ ମାନସିଂହଙ୍କ କବିତା ଧୂପ, ହେମପୁଷ୍ପ, ମାଟିବାଣୀ ଓ କୋଣାର୍କ ପ୍ରଭୃତି ପୁସ୍ତକ ପାଠକୀୟ ଆଦୃତି ଲାଭ କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଜୟ ପତି, ରବୀନ୍ଦ୍ର ନାଥ ସାହୁ, ପ୍ରେମାନନ୍ଦ ପଢ଼ିହାରୀ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ସତ୍ୟବାଦୀ ଦାସ, ରମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ସାହୁ, ସଞ୍ଜୟ ସାମନ୍ତସିଂହାର, ରାମଚନ୍ଦ୍ର ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ, ସଂଗ୍ରାମ ଭାଇ ଓ ପାଠାଗାରର ସଦସ୍ୟ ଏହି ଜୟନ୍ତୀ ସଭାରେ ଯୋଗଦେଇ ସ୍ୱର୍ଗତ ମାୟାଧର ମାନସିଂହଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଜଗତସିଂହପୁର ସାରସ୍ୱତ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ୬୬ତମ ଜନ୍ମଦିନ ପାଳନ କରାଯାଇଥିଲା। ପ୍ରଫୁଲ୍ଲ ପାଠାଗାର ଓ ଜୟବଡ଼ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରୀ ଆଚାର୍ଯ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପାଠାଗର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଲାଭର ବଜାରରୁ ଜବରଦଖଲ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ରାଜକନିକା, ୧୩।୧୧(ସମିସ): ଓଲାଭର ବଜାରରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଏବେ ଏକ ରୋଚକ ମୋଡ଼ରେ ପହଞ୍ଚିଛି। ଏହି ବଜାରର ଜବରଦଖଲ ଉଚ୍ଛେଦ ପାଇଁ ଏକ ବର୍ଷରୁ ଅଧିକ ସମୟ ଧରି ପ୍ରଶାସନିକ ସ୍ତରରେ ବିବିଧ କସରତ ଚାଲିବା ଓ କିଛି ବ୍ୟବସାୟୀ ଉଚ୍ଚ ନ୍ୟାୟାଳୟରୁ ମଧ୍ୟବର୍ତ୍ତୀ ଆଦେଶ ଆଣି ଏହି ଉଚ୍ଛେଦ ପ୍ରକ୍ରିୟାକୁ ତିନିମାସ ଗଡ଼ାଇ ନେବାକୁ ସକ୍ଷମ ହୋଇଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ ଗତ ୭ ତାରିଖରେ ଅଭିଯୋଗକାରୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସାକ୍ଷାତ କରି କନିକା ତହସିଲଦାର ଉଦ୍ଦେଶ୍ୟମୂଳକ ଭାବେ ଉଚ୍ଛେଦ କରୁ ନ ଥିବା ଓ ହାଇକୋର୍ଟଙ୍କୁ ଅବମାନନା କରୁଥିବା ଲିଖିତ ଅଭିଯୋଗ କରିବା ପରେ ଆଜି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନଂ୧୭୩୧୦, ୧୨।୧୧।୨୫ ଅନୁସାରେ ଉଚ୍ଛେଦ ପ୍ରକ୍ରିୟା ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ ନିର୍ଦ୍ଦେଶ ଦେଇ ଦୁଇ ଦିନରେ ଉପଜିଲ୍ଲାପାଳଙ୍କୁ ଅବଗତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଉଦ୍ଦେଶ୍ୟରେ ଅଭିଯୋଗକାରୀ ନଳିନୀ କାନ୍ତ ପୃଷ୍ଟିଙ୍କୁ ଚିଠି ନଂ୧୨୩୧୨ରେ ଅବଗତ କରିଛନ୍ତି। ଓଲାଭର ବଜାରର ଏହି ସମ୍ବେଦନଶୀଳ ଉଚ୍ଛେଦ ପ୍ରକ୍ରିୟାରେ ତହସିଲ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ସନ୍ଦେହ କରି ଅତୀତରେ ଏ ନେଇ ସାଧାରଣରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା।

### ଆଜିଠୁ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

## ଜଗତସିଂହପୁର ଦଳର ପୁରୀ ଯାତ୍ରା

ଜଗତସିଂହପୁର, ୧୩।୧୧(ସମିସ): ରାଜ୍ୟ ହ୍ୟାଣ୍ଡବଲ ସଂଘ ଓ ପୁରୀ ଜିଲ୍ଲା ହ୍ୟାଣ୍ଡବଲ ସଂଘର ମିଳିତ ଆନୁକୂଲ୍ୟରେ ୩୮ତମ ରାଜ୍ୟସ୍ତରୀୟ ସିନିୟର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଆସନ୍ତାକାଲିଠୁ ୧୬ ତାରିଖ ତିନିଦିନ ଧରି ପୁରୀ ଇଣ୍ଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ। ଏହି ଚାମ୍ପିଅନସିପ୍‌ର ଯେଉଁ ଖେଳାଳି କୃତିତ୍ୱ ଅର୍ଜନ କରିବେ, ସେମାନେ ଆଗାମୀ ଦିନରେ ଓଡ଼ିଶା ଦଳରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ଉକ୍ତ



ଚାମ୍ପିଅନସିପ୍‌ରେ ଭାଗ ନେବାକୁ ଜଗତସିଂହପୁର ଜିଲ୍ଲାର ପୁରୁଷ ଓ ମହିଳା ଦଳ କୋଚ୍ ପ୍ରିୟନାଥ ରାୟ ଓ ମ୍ୟାନେଜର ବିଜୟ ରାଉତଙ୍କ ନେତୃତ୍ୱରେ ପୁରୀ ଯାତ୍ରା କରିଛନ୍ତି। ଜଗତସିଂହପୁର ଦଳର ଖେଳାଳିଙ୍କୁ ଜିଲ୍ଲା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ ଓ ସମ୍ପାଦକ ସାରଦା ପ୍ରସାଦ ଦାସ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳ ସହ ଅଫିସିଆଲ୍ ଭାବେ ରାହିଲ୍ ଖାଁ, ସ୍ନେହଲତା ବେହେରା ମଧ୍ୟ ପୁରୀ ଗସ୍ତ କରିଛନ୍ତି।

## ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ୍ ଦଳରେ ଅର୍ପିତ ସାମିଲ

ପାରାଦୀପ, ୧୩।୧୧ (ସମିସ): ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ଭୂତମୁଣ୍ଡାଇର ଅର୍ପିତ ସତ୍ୟମ ମହାନ୍ତି ସ୍ଥାନ ପାଇଛନ୍ତି। କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ପଞ୍ଚାୟତ ଜଗତି ଗ୍ରାମର ଅର୍ପିତ ତାଙ୍କ କ୍ରିକେଟ କ୍ୟାରିୟର ପାରାଦୀପ କ୍ରିକେଟ କ୍ଲବ୍ (ପିସିସି) ରୁ ଆରମ୍ଭ କରିଥିବାବେଳେ ପିସିସିର କୋଚ୍ ଅଞ୍ଜନ ସେଠୀଙ୍କ ନିକଟରେ ପ୍ରଶିକ୍ଷଣ ନେଇ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିଆସିଛନ୍ତି। ଅର୍ପିତଙ୍କ ଏଭଳି ସଫଳତା ଦେଖି ପିସିସି କ୍ଲବ୍‌ର ଜଣେ ଉଦୟମାନ



ତଥା ଓଡ଼ିଶା ରଣଜୀ ଖେଳାଳି ଜାମଳା ଭଞ୍ଜ ମହାପାତ୍ର ନିଜ ଆଡୁ ଅର୍ପିତଙ୍କୁ ଦୀର୍ଘଦିନ ଧରି ପ୍ରଶିକ୍ଷଣ ଦେଇଥିଲେ। ୧୯ ବର୍ଷରୁ କମ୍ ଓଡ଼ିଶା ଦଳ ପାଇଁ ଚାଲିଥିବା ଚୟନ ପ୍ରକ୍ରିୟାରେ ପାରାଦୀପ ଜିଲ୍ଲା ସଙ୍ଘ ପକ୍ଷରୁ ଭାଗ ନେଇ ଭଲ ପ୍ରଦର୍ଶନ କରି ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। କୁଚ ବିହାର ଟ୍ରଫିରେ ଓଡ଼ିଶା ଆସନ୍ତା ୧୬ ତାରିଖରେ ମହାରାଷ୍ଟ୍ର ଓ ୨୩ ତାରିଖରେ ଆନ୍ଧ୍ର ସହ ଖେଳିବ। ଏହି ଦୁଇଟି ମ୍ୟାଚ୍‌ରେ ଖେଳିବା ସୁଯୋଗ ପାଇଛନ୍ତି ଅର୍ପିତ। ଅର୍ପିତଙ୍କ ଏହି ସଫଳତା ପାଇଁ ଜଗତି ଗ୍ରାମର ବୁଢ଼ୀ ଯାଦୁଆଣୀ ୟୁଥ କ୍ଲବ୍, ପିସିସିର ସମସ୍ତ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି। ଅର୍ପିତ ତାଙ୍କ ସଫଳତାର ଶ୍ରେୟ ବଡ଼ଭାଇ ଜାମଳା ଭଞ୍ଜନଙ୍କୁ ଦେଇଛନ୍ତି।

## ଅତ୍ୟାଧୁନିକ ଶିବାନୀ ମଣ୍ଡପ ଉଦ୍‌ଘାଟିତ

ତିର୍ତ୍ତୋଲ, ୧୩।୧୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଜଇପୁର ଛକରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଶିବାନୀ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଶିବାନୀ



ଗଣନାଟ୍ୟର ପୃଷ୍ଠପୋଷକତାରେ ନିର୍ମିତ ଏହି ମଣ୍ଡପକୁ ମନୋରଞ୍ଜନ ଦାସ, ପୂର୍ବୀ ଦାସ ଓ ସ୍ଥାନୀୟ ସରପଞ୍ଚ ଅମିତା ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। କର୍ତ୍ତା ବିଭୁପ୍ରସାଦ ଦାସ ଓ କର୍ତ୍ତୀ ପ୍ରଜ୍ଞା ପାରମିତା ଦାୟିତ୍ୱ ତୁଲାଇଥିବାବେଳେ ପୂଜକ ତପନ ହୋତା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳକ ଜ୍ୟୋତି ରଞ୍ଜନ ଦାସ, ଏମଡି ସୁଶାନ୍ତ ଦାସ, ଚିତ୍ତରଞ୍ଜନ ଦାସ, ମଞ୍ଜୁପ୍ରଭା ଦାସ, ବେଳାଶ୍ରୀ ଦାସ, ସବିତା ଦାସ, ରଶ୍ମିରଞ୍ଜନ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ବାଲିକୁଦା ବସ୍‌ଷ୍ଟାଣ୍ଡରେ ସାଇବର ସଚେତନତା

ବାଲିକୁଦା, ୧୩।୧୧(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା ବଜାର ମୁଖ୍ୟ ବସ୍‌ଷ୍ଟାଣ୍ଡରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାର ପ୍ରଥପ୍ରାନ୍ତ ନାଟକ ଜରିଆରେ ଜନସାଧାରଣଙ୍କୁ ସାଇବର



ଠକେଇଠାରୁ ଦୂରେଇ ରହିବାକୁ ସଚେତନ କରାଇଥିଲେ। ଏପରିକି କିପରି ବାହାର ନମ୍ବରରୁ କଲ୍ ଆସିଲେ କିମ୍ବା ଆପଣଙ୍କୁ କେହି ବ୍ୟକ୍ତିଗତ ତଥ୍ୟ ପାଇଁ ବୁଝାଇଲେ ଏ ସମ୍ପର୍କରେ ତୁରନ୍ତ ପୁଲିସ ସହ ଯୋଗାଯୋଗ କରିବା ସହ ଫୋନ କରିଥିବା ବ୍ୟକ୍ତିଙ୍କ କଲ୍ କାଟି ଦେବାକୁ ଥାନା ଅଧିକାରୀ ବୁଝାଇଥିଲେ। ଏସଆଇ ସୁକାନ୍ତୀ ଖାଣ୍ଡଲେକର, ଅତିରିକ୍ତ ଆଇଆଇସି ଭାସତ ରାୟ, ଏସଆଇ ପ୍ରଶାନ୍ତ ବେହେରା, ଏଏସଆଇ ସୁବ୍ରତା କୁମାରୀ ସ୍ୱାଇଁ, ହାବିଲଦାର ଜଟାଧାରୀ ବାରିକ, କନଷ୍ଟେବଳ ଏସ.କେ. ମହାନ୍ତି, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ତଣ୍ଡିକୂଳ ସମବାୟ ସମିତି ସହସମ୍ପାଦକଙ୍କ ନିଯୁକ୍ତିକୁ ନେଇ ତେଜୁଛି ବିବାଦ

# ତଦନ୍ତ ରିପୋର୍ଟରେ ବେଆଇନ ନିଯୁକ୍ତି ସ୍ପଷ୍ଟ

ଜଗତସିଂହପୁର, ୧୩।୧୧(ସମିସ)

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତିରେ ୧୫ ବର୍ଷ ଧରି ସହସମ୍ପାଦକ ଭାବେ କାମ କରୁଥିବା ସଂଗ୍ରାମଜିତ୍ ସେନାପତୀଙ୍କ ନିଯୁକ୍ତି ବେଆଇନ ବୋଲି ତଦନ୍ତ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ତେବେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଜିଲ୍ଲାପାଳଙ୍କୁ ଭେଟିବାକୁ ଚାଷୀ ସଜବାଜ ହେଉଥିବା ଜଣାପଡ଼ିଛି।

ଶ୍ରୀ ସେନାପତିଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ବେଆଇନ ଓ ସମବାୟସମିତିରେ ନିଯୁକ୍ତି ପାଇଁ ରହିଥିବା ଗାଇଡ୍‌ଲାଇନ ଉଲ୍ଲଙ୍ଘନ କରି ତାଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ଉଠାଇଥିଲେ ସ୍ଥାନୀୟ ଚାଷୀ ବୈକୁଣ୍ଠ ବିଶ୍ୱାଳ ଓ ଗୌରାଙ୍ଗ ଚରଣ ଦାସ। ତଦନ୍ତ ପରେ ଏହି ଅଭିଯୋଗରେ ସତ୍ୟତା ରହିଥିବା ଜଣାପଡ଼ିଥିଲା। ତେବେ ତଦନ୍ତ ରିପୋର୍ଟ ଆସିବାର ୪ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସମ୍ପୃକ୍ତ ସହସମ୍ପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ଉଠାଇଛନ୍ତି ଚାଷୀ ବୈକୁଣ୍ଠ ବିଶ୍ୱାଳ। ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ଆବଶ୍ୟକ ସ୍ଥଳେ ଧାରଣାରେ ବସିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ସୂଚନା ମୁତାବକ, ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତିରେ ସଂଗ୍ରାମଜିତ ସେନାପତିଙ୍କୁ ୨୦୧୦ ଜାନୁଆରୀ ୨୭ ତାରିଖ ସାଧାରଣ ପରିଷଦ ବୈଠକ ନିଷ୍ପତ୍ତି ଅନୁସାରେ ତତ୍କାଳୀନ ସଭାପତି ଜାନୁଆରୀ ୨୮ ତାରିଖରେ ସହସମ୍ପାଦକ ଭାବେ ନିଯୁକ୍ତି ଦେଇଥିଲେ। ଏହି ନିଯୁକ୍ତି ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇ ନ ଥିଲା। ସେହିପରି ଏହି ନିଯୁକ୍ତି ପ୍ରକ୍ରିୟାରେ ଓସିଏସ ଆକ୍ଟ ୧୯୬୨ ଓ ୧୯୬୫ ରୁଲ୍ସକୁ ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ଉଠାଇ ଜଗତସିଂହପୁର ସମବାୟ ସମିତି ସମୂହର ଉପନିବନ୍ଧକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଥିଲେ ଚାଷୀ ବୈକୁଣ୍ଠ ବିଶ୍ୱାଳ ଓ ଗୌରାଙ୍ଗ ଦାସ। ଏହି ଅଭିଯୋଗର ତଦନ୍ତ ପାଇଁ ଗତ ଜାନୁଆରୀ ୧୫ ତାରିଖରେ ଉକ୍ତ କାର୍ଯ୍ୟାଳୟର ସହକାରୀ ନିବନ୍ଧକ ପିଙ୍କି ହାଁସଦାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଫେବୃଆରୀ ୨୮, ଏପ୍ରିଲ ୨୫, ମେ ୭ ଓ ମେ ୨୩ ତାରିଖ ମୋଟ ୪ଟି ପର୍ଯ୍ୟାୟରେ ଏହି ଅଭିଯୋଗ ଉପରେ ତଦନ୍ତ ହୋଇଥିଲା। ସମବାୟ ସମିତିରେ ନିଯୁକ୍ତି ପାଇଁ ରହିଥିବା ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଶ୍ରୀ ସେନାପତିଙ୍କୁ ନିଯୁକ୍ତି ମିଳିଥିବା

- କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଜିଲ୍ଲାପାଳଙ୍କୁ ଭେଟିବାକୁ ଚାଷୀଙ୍କ ସଜବାଜ

ସ୍ପଷ୍ଟ ହୋଇଥିଲା। ଏହି ତଦନ୍ତ ସମୟରେ ସମିତିର ୨୦୧୦-୧୧ ବର୍ଷରୁ ୨୦୧୭-୧୮ ବର୍ଷ ପର୍ଯ୍ୟନ୍ତ ଅଡିଟ୍ ରିପୋର୍ଟ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ସହସମ୍ପାଦକ ଶ୍ରୀ ସେନାପତିଙ୍କ ନିଯୁକ୍ତି ସମ୍ପର୍କରେ ଭ୍ରମିତ ତଥ୍ୟ ରହିଥିବା ପରିଲକ୍ଷିତ ହୋଇଥିଲା। କେତେକ ସ୍ଥାନରେ ସହସମ୍ପାଦକ ପଦ ଖାଲିଥିବା ଦର୍ଶାଯାଇଥିବାବେଳେ ଆଉକିଛି ସ୍ଥାନରେ ନିଯୁକ୍ତି ତାରିଖ ୨୦୧୨ ଏପ୍ରିଲ ୧ ତାରିଖ ବୋଲି ଉଲ୍ଲେଖ ରହିଥିଲା। ଆଉକିଛି ସ୍ଥାନରେ ମଧ୍ୟ ଶ୍ରୀ ସେନାପତିଙ୍କ ନିଯୁକ୍ତି ତାରିଖ ୨୦୧୦ ଜାନୁଆରୀ ୨୭ ତାରିଖ ଉଲ୍ଲେଖ ଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି।

ସେହିପରି ଶ୍ରୀ ସେନାପତିଙ୍କ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୯୦ ଏପ୍ରିଲ ୨୯ ତାରିଖ ରହିଥିବାବେଳେ ସେ ନିଯୁକ୍ତି ପାଇଥିବା ତାରିଖ ୨୦୧୦ ଜାନୁଆରୀ ୨୮ ବେଳକୁ ତାଙ୍କୁ ୨୧ ବର୍ଷ ପୂର୍ଣ୍ଣ ହୋଇ ନ ଥିଲା। ସମବାୟ ସମିତିରେ ସିଧାସଳଖ ନିଯୁକ୍ତି ପାଇଁ ସର୍ବନିମ୍ନ ବୟସ ୨୧ ରହିଥିବାବେଳେ ଶ୍ରୀ ସେନାପତିଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ବେଆଇନ ବୋଲି ତଦନ୍ତ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଓସିଏସ ଆକ୍ଟ ୧୯୬୨ (୧୯୬୩ ଓଡ଼ିଶା ଆକ୍ଟ-୨)ର ସେକ୍ସନ ୩୩-ଏ ଓ ଆରସିଏସ(ଓ) ଭୁବନେଶ୍ୱର ଗାଇଡଲାଇନକୁ ଉଲ୍ଲଙ୍ଘନ କରାଯାଇଛି। ତେବେ ତଦନ୍ତ ରିପୋର୍ଟ ଆସିବାର ୪ ମାସ ପରେ ମଧ୍ୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି ଚାଷୀ ବୈକୁଣ୍ଠ ବିଶ୍ୱାଳ। ଏ ସମ୍ପର୍କରେ ଜଗତସିଂହପୁର ସମବାୟ ସମିତି ସମୂହର ଉପନିବନ୍ଧକ ପ୍ରଭାତ କୁମାର ଶତପଥୀଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟକୁ ଚ୍ୟାଲେଞ୍ଜ କରି ସମ୍ପୃକ୍ତ ସହସମ୍ପାଦକ ଅଦାଲତର ଦ୍ୱାରସ୍ଥ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବା ସଫେଇ ଦେଇଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲା ହାତୀ



**ହିନ୍ଦୋଳ,୧୩ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ଏକ ଆହତ ହାତୀର ମୃତ୍ୟୁ ହୋଇଛି। ହିନ୍ଦୋଳ ରେଞ୍ଜ ପାଇକ ପୁରୁଣାକୋଟ ଗୋଚ୍ଛାୟତ ସାହି ନିକଟ ଜଙ୍ଗଲରେ ଏକ ହାତୀ ଗୋଡ଼ରେ ଭଙ୍ଗା କାଚ ପଶି ଗୁରୁତର ଆହତ ହୋଇଥିଲା। ଫଳରେ ହାତୀଟି ନ ଖାଇ ନ ପିଇ ପଡ଼ି ରହିଥିଲା। ବନବିଭାଗ କର୍ମଚାରୀ ଓ କପିଳାସ ପିଆରଟି ଟିମ ପହଞ୍ଚି ହାତୀର ଚିକିତ୍ସା କରୁଥିଲେ। ମାତ୍ର ସମସ୍ତ ଚେଷ୍ଟା ସତ୍ତ୍ୱେ ଶେଷରେ ହାତୀଟି ଆଖି ବୁଜିଛି। ହାତୀର ମୃତ୍ୟୁ ପରେ ଡାକ୍ତର ଏବଂ ଢେଙ୍କାନାଳ ସାଇଣ୍ଟିଫିକ ଟିମ ଆସି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

## ପରଜଙ୍ଗରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ପରଜଙ୍ଗ,୧୩ ।୧୧(ସମିସ):** ପରଜଙ୍ଗ ବ୍ଲକରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ଶୁଭଶ୍ରୀ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ଓ ବ୍ଲକ ମତ୍ସ୍ୟ ଅଧିକାରୀ ଶୋଭନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପରଜଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସକ ସୋନାଲି ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ତାପସ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ବ୍ଲକର ୨୯ ପଞ୍ଚାୟତରୁ ୫୮୦ ଚାଷୀ ଅଂଶଗ୍ରହଣ କରିଥିଲେ। ମତ୍ସ୍ୟ ପୋଖରୀ, ମତ୍ସ୍ୟଚାଷ, କାମଧେନୁ ଯୋଜନାରେ ଗୋପାଳନ ସହ କ୍ଷୀର ଉତ୍ପାଦନ କରି ଆତ୍ମନିର୍ଭରଶୀଳ, ଛେଳି, ମେଣ୍ଢା, କୁକୁଡ଼ା, ଘାସଚାଷ ଆଦି ଉପରେ ବିଭାଗ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ଚାଷୀଙ୍କ ପାଇଁ ବିଭିନ୍ନ ଷ୍ଟଲ ବ୍ୟବସ୍ଥା ହୋଇଥିଲା।

## ମଧୁମେହ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର



**ଭୁବନ,୧୩ ।୧୧(ସମିସ):** ଭୁବନ ବ୍ଲକ ସଦଭାବନା ହଲରେ ମଧୁମେହ ଦିବସ ଉପଲକ୍ଷେ ଶିବିର ଅନୁଷ୍ଠିତ ହୋଇଛି। ବରିଷ୍ଠ ନାଗରିକ ସୁରକ୍ଷା ଟ୍ରଷ୍ଟ ଅଧ୍ୟକ୍ଷ ରଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଗ୍ରାମ ପଞ୍ଚାୟତ ଅଧିକାରୀ ମନୋଜ ପ୍ରଧାନ, ଶିଶୁ ବିକାଶ ବିଭାଗ ସୁପରଭାଇଜର ନିର୍ମଳା ସେଠୀ, ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଡା. ଶୁଭେନ୍ଦୁ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୦୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଟାଟା ମେଡିକା ପକ୍ଷରୁ ଦେବୀପ୍ରସାଦ ମହାନ୍ତି, ଇତିଶ୍ରୀ ଶିବାନୀ ସ୍ୱାଇଁ, ବିଶ୍ୱଜିତ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସଚେତନତା ପାଇଁ ଜିଲ୍ଲା ପୁଲିସ ତରଫରୁ ୱାକାଥନ




**କାମାକ୍ଷାନଗର,୧୩ ।୧୧(ସମିସ):** ସାଇବର ସଚେତନତା ନେଇ ଢେଙ୍କାନାଳ ଜିଲ୍ଲା ପୁଲିସ ତରଫରୁ କାମାକ୍ଷାନଗରରେ ଏକ ୱାକାଥନ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମରେ ଏ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଢେଙ୍କାନାଳ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସାଇବର ଠକେଇ ସମ୍ପର୍କରେ ସଚେତନ କରିଥିଲେ। ପରେ ଷ୍ଟାଡିୟମଠାରୁ ୱାକାଥନ ବାହାରି କାମାକ୍ଷାନଗର ସହର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ଥାନାର ଆଇଆଇସି, ଫାଣ୍ଡି ଅଧିକାରୀ, କର୍ମଚାରୀ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହାତରେ ପ୍ଲାକାର୍ଡ ଧରି ସାଇବର ଠକେଇ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାଇବର କ୍ରାଇମ ନୋଡାଲ ଅଫିସର ସନ୍ଧ୍ୟାରାଣୀ ବେଉରିଆ, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲଙ୍କ ସମେତ କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼, ମହାବିରୋଡ୍, ତୁମୁସିଙ୍ଗା ଥାନା ଅଧିକାରୀ, ସୁରପ୍ରତାପପୁର, ପଣ୍ଡୁଆ, ସରାଙ୍ଗ, ଦଦରାଘାଟି, ସାଆନ୍ଦା ଫାଣ୍ଡି ଅଧିକରୀ ଉପସ୍ଥିତ ଥିଲେ।

### ମାଇକ୍ରୋ ମିଡିଆର ବାର୍ଷିକ ଉତ୍ସବ ଓ କପିଳାସ ମହୋତ୍ସବ

## ଦ୍ୱିତୀୟ ଦିବସରେ ଚାରାରୋପଣ, ରକ୍ତଦାନ ଶିବିର

ଢେଙ୍କାନାଳ,୧୩ ।୧୧(ସମିସ)

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋ ମିଡିଆ ଆୱେରନେସ ପକ୍ଷରୁ ଅନୁଷ୍ଠାନର ୨୩ତମ ବାର୍ଷିକ ଉତ୍ସବ ତଥା କପିଳାସ ମୋହତ୍ସବ ସର୍ବକନିଷ୍ଠ ସହିଦ ବୀର ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଉତ୍ସର୍ଗୀକୃତ କରାଯାଇଛି। ଉତ୍ସବର ଦ୍ୱିତୀୟ ଦିନରେ ଅନୁଷ୍ଠାନ ପକ୍ଷରୁ ସକାଳ ୯ଟାରେ ସ୍ଥାନୀୟ ମହିଷାପାଟ ଅନନ୍ତନଗରସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ ନିକଟରେ ଚାରାରୋପଣ କରାଯାଇଛି। ଅତିଥି ଭାବ ୮ନଂ ୱାର୍ଡ କାଉନସିଲର ପ୍ରତାପ କୁମାର ନାୟକ, ଅରବିନ୍ଦ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ଶିଶିର କୁମାର ଶତପଥୀ, ସମ୍ପାଦକ ପ୍ରଭାକର ନାୟକ, ସଦସ୍ୟ ଧୀରେନ୍ଦ୍ର ସାମନ୍ତ, ନୃସିଂହ ନାୟକ, ସାରଙ୍ଗଧର ନାୟକ, ଅଭୟ କୁମାର ହୋତା, ରାଜେନ୍ଦ୍ର କୁମାର ନାୟକ, ଶ୍ରୁତିକାନ୍ତ ନାୟକ, ସନ୍ଦିତ କର ପ୍ରମୁଖ ଯୋଗଦେଇଥିଲେ। ସେହିପରି ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ରକ୍ତଦାନ




ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ ତଥା ରକ୍ତଦାତା ଅନୁପ୍ରେରଣ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ଯୁବ ସମାଜସେବୀ ରୋଟାରିଆନ ରାଜକିଶୋର ବେହେରା, ସମାଜସେବୀ ପଙ୍କଜ କୁମାର ନାୟକ, ରକ୍ତଦାତା ରଞ୍ଜନ କୁମାର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଯୁବଗୋଷ୍ଠୀ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଭୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କପିଳାସ ମହୋତ୍ସବର ଆବାହକ ଇଂ ସୌମ୍ୟବ୍ରତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଦୀପକ ରଞ୍ଜନ ମିଶ୍ର, ମାନସ ସାହୁ, ସାଇଦର୍ଶନ ମାଟି, ଅମିତ ବାରିକ ସହଯୋଗ କରିଥିଲେ। ଆସନ୍ତା ୧୪, ୧୫, ୧୬ ତାରିଖ ତିନିଦିନ ଧରି ଗୋପବନ୍ଧୁ ଟାଉନ ହଲରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସଭା ସହ ପୁରସ୍କାର ବିତରଣ, ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକକଳା ସାଂସ୍କୃତିକ ଶୋଭାଯାତ୍ରା ସହ କବିତା ପାଠ ଅନୁଷ୍ଠିତ ହେବ। ଅନୁଷ୍ଠାନର ସ୍ମରଣିକା "ସ୍ମୃତି' ଲୋକାର୍ପିତ ହେବ ବୋଲି କୁହାଯାଇଛି।

## ସିମେଣ୍ଟ ଆଜବେଷ୍ଟସ ଚାଦର ଛାତର ସୁରକ୍ଷାକୁ ଏନଜିଟିଙ୍କ ସମର୍ଥନ

### ଜନସ୍ୱାସ୍ଥ୍ୟ ପ୍ରତି ବିପଦର କୌଣସି ପ୍ରମାଣ ନାହିଁ



**ଢେଙ୍କାନାଳ,୧୩ ।୧୧(ସମିସ):** ନିର୍ମାଣ ସାମଗ୍ରୀ କ୍ଷେତ୍ର ପାଇଁ ଏକ ପ୍ରମୁଖ ବିକାଶରେ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) ଦାଖଲ ଏବଂ ବିଶେଷଜ୍ଞ କମିଟି ମତାମତ ଯାଞ୍ଚ କରିବା ପରେ ସ୍କୁଲ ଏବଂ ଅନ୍ୟ ଶିକ୍ଷା ପ୍ରତିଷ୍ଠାନରେ ଆଜବେଷ୍ଟସ ସିମେଣ୍ଟ ଛାତ ଚାଦର ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବାକୁ ମନା କରିଦେଇଛନ୍ତି। ଏନଜିଟି କହିଛନ୍ତି ଯେ ମାନବ ସ୍ୱାସ୍ଥ୍ୟ ଉପରେ ଆଜବେଷ୍ଟସ ସିମେଣ୍ଟ ସିଟ୍ ନିୟମିତ ବ୍ୟବହାରର କ୍ଷତିକାରକ ପ୍ରଭାବର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଡ. ରାଜା ସିଂହ ବନାମ ଭାରତ ସଂଘ ଏବଂ ଅନ୍ୟ ମାମଲାରେ ଏହି ନିଷ୍ପତ୍ତି ଦିଆଯାଇଥିଲା, ଯେଉଁଠାରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ ବହୁ ଶାଖାଗତ ବିଶେଷଜ୍ଞ କମିଟି ଏହି ମାମଲାକୁ ଯାଞ୍ଚ କରିଥିଲା। ବିଶେଷଜ୍ଞ କମିଟି କହିଛି ଯେ ଆଜବେଷ୍ଟସ ତନ୍ତୁ ସିମେଣ୍ଟରେ ଦୃଢ଼ ଭାବେ ସ୍ଥାପିତ ହୋଇଥାଏ, ଯାହା ସାମଗ୍ରୀକୁ ସ୍ଥିର, ସ୍ଥାୟୀ ଏବଂ ନିରାପଦ କରିଥାଏ। ସ୍କୁଲ ଭଳି ଅଣ ଶିଳ୍ପ କ୍ଷେତ୍ରଗୁଡ଼ିକରେ ଆଜବେଷ୍ଟସ ସିମେଣ୍ଟ ଚାଦର ବ୍ୟବହାର କରିବା ଦ୍ୱାରା ମାନବ ସ୍ୱାସ୍ଥ୍ୟ ଉପରେ ବିପଦ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ। ନ୍ୟାୟାଧିକରଣ ଲକ୍ଷ୍ୟ କରିଥିଲେ ଯେ ସୁରକ୍ଷିତ ପରିଚାଳନା ଏବଂ ବିଆଇଏସ୍ ମାନଦଣ୍ଡ ଆଇଏସ-୧୧୭୬୯-୧୯୮୭ ଏବଂ ଆଇଏସ ୭୬୯:୧୯୯୨ ପାଳନ ସର୍ବନିମ୍ନ ଏକ୍ସପୋଜର ଏବଂ ପରିବେଶ ସୁରକ୍ଷା ସୁନିଶ୍ଚିତ କରେ। ଏନଜିଟି ପରିବେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ସର୍ବୋତ୍ତମ ଅନ୍ତର୍ଜାତୀୟ ଅଭ୍ୟାସଗୁଡ଼ିକର ସମୀକ୍ଷା କରନ୍ତୁ ଏବଂ ୬ ମାସ ମଧ୍ୟରେ ଆଜବେଷ୍ଟସ୍ ଯୁକ୍ତ ଉତ୍ପାଦଗୁଡ଼ିକର ଉତ୍ପାଦନ, ସ୍ଥାପନ, ରକ୍ଷଣାବେକ୍ଷଣ, ଅପସାରଣ ଏବଂ ନିଷ୍କାସନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରନ୍ତୁ, ଯାହା ଦ୍ୱାରା ପରିବେଶ ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ଶିଳ୍ପ ଏହି ନିଷ୍ପତ୍ତିକୁ ସ୍ୱାଗତ କରେ। ଶିଳ୍ପସଂସ୍ଥାଗୁଡ଼ିକ ଏନଜିଟିର ଏହି ରାୟକୁ ବିଜ୍ଞାନ ଆଧାରିତ ନିୟନ୍ତ୍ରଣ, ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଏକ ଦୃଢ଼ ପ୍ରମାଣ ଭାବେ ସ୍ୱାଗତ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ ଆଜବେଷ୍ଟସ ସିମେଣ୍ଟ ସିଟ୍ ନିରାପଦ, ସ୍ଥାୟୀ ଏବଂ ଭାରତର ସୁଲଭ ଗୃହ ଏବଂ ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ ଉଚ୍ଚ ପରିବେଶଗତ ମାନଦଣ୍ଡ, ଶ୍ରମିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଏବଂ ଆଜବେଷ୍ଟସ ସିମେଣ୍ଟ ଉତ୍ପାଦଗୁଡ଼ିକର ନିରାପଦ ବ୍ୟବହାର, ପରିଚାଳନା, ବିସ୍ଥାପନକୁ ପ୍ରୋତ୍ସାହିତ କରିବା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ।

### ● ଦେଶୀମଦ ବୋଝେଇ କାର ଦୁର୍ଘଟଣାଗ୍ରସ୍ତ

## ଚାଳକ ଫେରାର; କାର, ୫ ଶହ ଲିଟର ମଦ ଜବତ



**ପରଜଙ୍ଗ,୧୩ ।୧୧(ସମିସ):** ପରଜଙ୍ଗ ଅବକାରୀ ଥାନା ଅନ୍ତର୍ଗତ ବାରିହାପୁର-ବଣୋଇ ରାସ୍ତାରେ ଅବକାରୀ ବିଭାଗ ପିଛା କରୁଥିବା ଚୋରା ଦେଶୀମଦ ବୋଝେଇ କାର ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଚାଳକ ଫେରାର ହୋଇଯାଇଥିବା ବେଳେ ଅବକାରୀ ବିଭାଗ କାର ସହ ୫ ଶହ ଲିଟର ମଦ ଜବତ କରିଛି। ସୂଚନା ମୁତାବକ ଆମ୍ବପଳାଶ ଗ୍ରାମରୁ ଜଣେ ମଦ ମାଫିଆ ଏକ କାର୍ ଯୋଗେ ୧୦ଟି ପ୍ଲାଷ୍ଟିକ ଜାର୍କିନ ଭର୍ତ୍ତି ଦେଶୀମଦ ଚାଲାଣ କରୁଥିବା ଖବର ପାଇ କାମାକ୍ଷାନଗର ଅବକାରୀ ଉପଅଧିକ୍ଷକ ସାୱନ କୁମାର ଭୋଳଙ୍କ ନେତୃତ୍ୱରେ ତିନିଟି ଦଳ ମୁକ୍ତାପଶି ଛକରେ ଜଗି ରହିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି କାର ଚାଳକ ବଣୋଇ ରାସ୍ତା ଦେଇ ବାରିହାପୁର ଆଡ଼କୁ ଦ୍ରୁତଗତିରେ ପଳାଉଥିବା ବେଳେ ଅବକାରୀ ବିଭାଗର ଗୋଟିଏ ଦଳ ତାକୁ ଗୋଡ଼ାଇଥିଲା। ଅନ୍ୟ ଏକ ଦଳ ବାରିହାପୁର-ବଣୋଇ ରାସ୍ତାରେ ଜଗି ରହିଥିଲା। ତେବେ ଅବକାରୀ ବିଭାଗଠାରୁ ବର୍ତ୍ତିବା ପାଇଁ ଚାଳକ ଅତ୍ୟଧିକ ବେଗରେ ଗାଡ଼ି ଚାଳନା କରିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ କାର୍ ଧକ୍କାହୋଇ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣା ପରେ କାର୍ ଚାଳକ ଫେରାର ହୋଇଯାଇଥିଲେ। ଅବକାରୀ ବିଭାଗ କାର୍ ସହ ମଦ ଜବତ କରିଛି। ଏହି ଚଢ଼ଉରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ପରଜଙ୍ଗ ଅବକାରୀ ଥାନା ଏଏସଆଇ ପ୍ରକାଶ ରାଉତ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ମଦ ଚାଲାଣକାରୀକୁ ଚିହ୍ନଟ କରାଯାଇ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ବିଦ୍ୟୁତ୍ ମିଟର ଯୋଗାଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଢେଙ୍କାନାଳ,୧୩ ।୧୧(ସମିସ):** ବିଦ୍ୟୁତ ମିଟର ଯୋଗାଣ ନିମନ୍ତେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ବିଦ୍ୟୁତ୍ ସରଞ୍ଜାମ ଦୋକାନଗୁଡ଼ିକରେ ମିଟର ମିଳୁନାହିଁ। ବିଦ୍ୟୁତ ବିଭାଗ ଯେଉଁ ସ୍ମାର୍ଟ ମିଟର ବସାଉଛି ତାକୁ ସବୁ ମହଲରେ ବିରୋଧ କରାଯାଉଛି। ପୂର୍ବରୁ ଯେଉଁ ମିଟର ଉପଭୋକ୍ତାଙ୍କ ଘରେ ବସିଥିଲା ତାହା ଠିକ୍ ଥିଲା। ଚାଲୁଥିବା ମିଟରକୁ ଉଠାଇ ନେଇ ନୂଆ ମିଟର ଲଗାଯିବା ଫଳରେ ଯେଉଁଭଳି ଅତ୍ୟଧିକ ବିଲ୍ ଆସୁଛି ତାହା ଗରିବ ପରିବାରଗୁଡ଼ିକ ଉପରେ ବୋଝ ଉପରେ ନଳିତାବିଡ଼ା ସଦୃଶ ବୋଲି ରଥ ଉଲ୍ଲେଖ କରିଛନ୍ତି। ସ୍ମାର୍ଟ ମିଟର ପରିବର୍ତ୍ତେ ବିକଳ୍ପ ଭାବେ ମିଟର ବଜାରକୁ ଆସିବାର ଆବଶ୍ୟକତା ରହିଛି। ଏହାକୁ ଉପଭୋକ୍ତାମାନେ ବଜାରରୁ କିଣି ବିଦ୍ୟୁତ ବିଭାଗ ଦ୍ୱାରା ଟେଷ୍ଟ କରାଇ ନିଜଘରେ ଲଗାଇପାରିବେ। ଯେଉଁ ଗ୍ରାହକ ମାସକୁ ୯୦ରୁ ୧୨୦ ଟଙ୍କା ବିଲ୍ ଦେଉଥିଲେ, ସ୍ମାର୍ଟ ମିଟର ବସାଇବା ଫଳରେ ତାହା



୩ଗୁଣ ବୃଦ୍ଧି ପାଉଛି ବୋଲି ରଥ କହିଛନ୍ତି। ତେଣୁ ବଜାରରେ କିପରି ମିଟର ଉପଲବ୍ଧ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ରଥ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସିସିଏ କର୍ମଚାରୀଙ୍କୁ ଛଟେଇ ନେଇ ବିଦ୍ୟୁତ ଉପଭୋକ୍ତା ହନ୍ତସନ୍ତ

**ପରଜଙ୍ଗ,୧୩ ।୧୧(ସମିସ):** ବିଦ୍ୟୁତ ବିଭାଗରେ ଠିକା ଭିତ୍ତିରେ କାର୍ଯ୍ୟ କରୁଥିବା କଷ୍ଟମର କେୟର୍ ଆସୋସିଏଟ (ସିସିଏ) କର୍ମଚାରୀଙ୍କ ଛଟେଇ ପରେ କେବଳ ସେମାନଙ୍କ ପରିବାର ହଇରାଣ ହେଉନାହାନ୍ତି ବରଂ ସେବା ପାଇ ଆସୁଥିବା ବିଦ୍ୟୁତ ଉପଭୋକ୍ତା ମଧ୍ୟ ହନ୍ତସନ୍ତ ହେବାକୁ ପଡ଼ୁଛି। ବାରମ୍ବାର ବିଦ୍ୟୁତ କାର୍ଯ୍ୟାଳୟକୁ ଦୌଡ଼ି ମଧ୍ୟ ଉପଭୋକ୍ତାଙ୍କ ସାମାନ୍ୟ କାମ ସୁଦ୍ଧା ହେଉ ନ ଥିବା ଅଭିଯୋଗ ହୋଇଛି।



ବିଦ୍ୟୁତ୍ ବିଭାଗ ଢେଙ୍କାନାଳ ସର୍କଲରେ ଠିକା ଭିତ୍ତିରେ କାମ କରୁଥିବା ଶତାଧିକ ସିସିଏ କର୍ମଚାରୀଙ୍କୁ ଚଳିତ ମାସ ପହିଲାରୁ ଛଟେଇ କରାଯାଇଛି। ଦୀର୍ଘବର୍ଷ ଧରି କାମ କରିବା ପରେ ଛଟେଇ କରାଯିବାରୁ ସତେଯେମିତି ସେମାନଙ୍କ ଉପରେ ବଜ୍ର ପଡ଼ିଛି। ଚାଇଁପାଳ ବିଦ୍ୟୁତ୍ ଉପଖଣ୍ଡର ୧୪ଟି ସେକ୍ସନରେ କୌଣସି ସିସିଏ କର୍ମଚାରୀ ନ ଥିବାରୁ ବିଲ୍ ଆଦାୟଠାରୁ ବ୍ୟାଙ୍କ ଜମା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅନଲାଇନ କାମ ଏହି ସିସିଏ କର୍ମଚାରୀ ତୁଲାଉଥିଲେ। ନୂତନ ବିଦ୍ୟୁତ ସଂଯୋଗ, ବିଲ୍ ସଂଶୋଧନ, ବିଦ୍ୟୁତ ତାର ପରିଦର୍ଶନ, ମିଟର ସ୍ଥାନାନ୍ତରଣ, ନାମ ପରିବର୍ତ୍ତନ, ଲୋଡ୍ ବୃଦ୍ଧି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ଠିକା କର୍ମଚାରୀଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ହେଲେ ଟିପିସିଓଡିଏଲ ପକ୍ଷରୁ ସେମାନଙ୍କୁ ଛଟେଇ କରାଯିବାରୁ ଏହିସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ସେକ୍ସନରେ ନିୟୋଜିତ ଯନ୍ତ୍ରୀ ଅଧିକାଂଶ ସମୟ ମିଟିଂ ଅବା କ୍ଷେତ୍ର ପରିଦର୍ଶନରେ ଯାଉଥିବାରୁ ସେକ୍ସନ କାର୍ଯ୍ୟାଳୟ ବନ୍ଦ ରହୁଛି। ଯଦି ବା କୌଣସି କର୍ମଚାରୀ କାର୍ଯ୍ୟାଳୟରେ ବସୁଛନ୍ତି ସେମାନେ ଅନଲାଇନ କାର୍ଯ୍ୟ ବିଷୟରେ ଜାଣି ନ ଥିବା କହି ହାତ ଟେକି ଦେଉଛନ୍ତି। ଏଭଳି ଅବ୍ୟବସ୍ଥା ନେଇ ପରଜଙ୍ଗ ଅଞ୍ଚଳର ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ସେହିଭଳି ପରଜଙ୍ଗ ଡିଭିଜନ-୧ର ସୌଭାଗ୍ୟ କୁମାର ପାତ୍ର ଓ ପରଜଙ୍ଗ ଡିଭିଜନ-୨ର ନଗେନ କୁମାର ସାହୁ ସିସିଏ କର୍ମଚାରୀ ଭାବେ ଛଟେଇ ହୋଇ ପ୍ରଭାବିତ ହୋଇଛନ୍ତି। ଗ୍ରାହକ ସମାସ୍ୟାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ଖର୍ଚ୍ଚକାଟ ନାମରେ ଠିକା କର୍ମଚାରୀଙ୍କୁ ବାହାର କରିଦିଆଯାଇଥିଲେ ମଧ୍ୟ ଗ୍ରାହକ ସେବା ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି।

## ହାତୀ ଭୟ; ବନ କର୍ମଚାରୀଙ୍କ ଉପସ୍ଥିତିରେ ଶବଦାହ

**ଖଜୁରିଆକଟା,୧୩ ।୧୧(ସମିସ):** ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ହାତୀ ଭୟ ବଢ଼ିବାରେ ଲାଗିଛି। ଫଳରେ ଦିନ ଦ୍ୱିପ୍ରହରରେ ଲୋକେ ବାହାରକୁ ବାହାରିବାକୁ ଡରିଲେଣି। କେତେକ ପଞ୍ଚାୟତରେ ସ୍କୁଲ, କଲେଜଗୁଡ଼ିକୁ ପାଠ ପଢ଼ିବା ପାଇଁ ପିଲା ଆସିବାକୁ ହେଲେ ଅଭିଭାବକମାନଙ୍କ ସହଯୋଗ ଦରକାର ହୁଏ। ସନ୍ଧ୍ୟା ହେଲେ ଘରୁ ବାହାରିବା ଆଦୌ ସୁରକ୍ଷିତ ନୁହେଁ। ବର୍ତ୍ତମାନ ପ୍ରାୟ ଦୁଇଶହରୁ ଅଧିକ ହାତୀ ଅଞ୍ଚଳରେ ଚଳପ୍ରଚଳ କରୁଥିବାରୁ ସବୁବେଳେ ହାତୀ ଭୟ ରହୁଛି। ସନ୍ଧ୍ୟା ପରେ କେହି ଅସୁସ୍ଥ ହେଲେ ଆମ୍ବୁଲାନ୍ସକୁ ଫୋନ କଲେ କର୍ମଚାରୀ ଆସିବାକୁ ମନା କରୁଛନ୍ତି। ଫଳରେ ଲୋକେ ଭଗବାନଙ୍କୁ ଭରସା କରି ସକାଳ ଯାଏଁ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପଟେ ଶବଦାହ କରିବା ପାଇଁ ମଧ୍ୟ ଲୋକେ ଭୟ କରୁଛନ୍ତି। ଏଥିପାଇଁ ବନ କର୍ମଚାରୀଙ୍କ ଉପସ୍ଥିତି ଆବଶ୍ୟକ ପଡ଼ୁଛି। ବୁଧବାର ହିନ୍ଦୋଳ ଉପଖଣ୍ଡ ବାଲିମି ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ଜେନାମଣିଙ୍କ ସ୍ତ୍ରୀ ଗେହ୍ଲି ଜେନାମଣିଙ୍କର ସନ୍ଧ୍ୟା ୭ଟାରେ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକ ଓ ଗ୍ରାମବାସୀ ରାତିରେ ତାଙ୍କ ଶବଦାହ କରିବାକୁ ଶ୍ମଶାନକୁ ନେବା ପାଇଁ ସାହସ ଜୁଟାଇ ପାରି ନ ଥିଲେ। ବାଧହୋଇ ମୃତଦେହକୁ ନିଜ ଘରେ ରଖି ସକାଳ ଯାଏଁ ଅପେକ୍ଷା କରିବାକୁ ପଡ଼ିଥିଲା। ତଥାପି ସୁରକ୍ଷିତ ମନେ ନ କରିବାକୁ ଖଜୁରିଆକଟା ବନ କର୍ମଚାରୀଙ୍କୁ ଜଣାଇବାରେ ସେମାନଙ୍କ ଉପସ୍ଥିତିରେ ଶବଦାହ କରାଯାଇଥିଲା। ଏଭଳି ଘଟଣା ଯଦି ସବୁ ପଞ୍ଚାୟତରେ ଘଟେ ତେବେ ବନ କର୍ମଚାରୀ କେତେ କାହାକୁ ସୁରକ୍ଷା ଯୋଗାଇବେ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ ହୋଇଛି। ଏ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବୁଲା ଗୋରୁଙ୍କ କବ୍‌ଜାରେ ମୁଖ୍ୟ ରାସ୍ତା



**ଖଜୁରିଆକଟା,୧୩ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଓ ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ସାତମାଇଲ-ହିନ୍ଦୋଳ ମୁଖ୍ୟ ରାସ୍ତାର କାନ୍ଦରାଶୁଣି ଓ ତାରିଣୀ ବିହାର ନିକଟରେ ପ୍ରତିଦିନ ସକାଳୁ ଗୋରୁ ପଲ ଗୋଠ ବାନ୍ଧି ଶୋଇ ରହିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଏଥିସହ ଏନଏସିର ପ୍ରବେଶ ପଥ ୧୨ନଂ ୱାର୍ଡ ଧୂଳିଆମୁଣ୍ଡାଠାରୁ ୩ନଂ ୱାର୍ଡ ଅନ୍ତର୍ଗତ ବସଷ୍ଟାଣ୍ଡ ଛକ, ଅମଲାପଡ଼ା ସାହି ଓ ୨ନଂ ୱାର୍ଡ ହରିହାଟ ସାହି ମୁଖ୍ୟରାସ୍ତାକୁ ମଧ୍ୟ ଗୋରୁପଲ ଅବରୋଧ କରି ଶୋଇ ରହୁଛନ୍ତି। ଏ ସମ୍ପର୍କରେ ଏନ୍ଏସି କର୍ତ୍ତୃପକ୍ଷ ଓ ଉପଖଣ୍ଡ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଶୁଣୁନାହାନ୍ତି ଏନଏସି କର୍ତ୍ତୃପକ୍ଷ

ଏଠାରେ ବୁଲାଷଣ୍ଢ ସଂଖ୍ୟା ବୃଦ୍ଧି ପାଇବା ସହ ସେମାନଙ୍କ ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର ଓ ମେଡିକାଲ୍ ଛକ ଆଦି ସ୍ଥାନରେ ସେମାନଙ୍କ ମଧ୍ୟରେ ଲଢ଼େଇ ଯୋଗୁଁ ଯାନବାହାନ କ୍ଷତିଗ୍ରସ୍ତ ହେଉଥିବା ବେଳେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ପରିସ୍ଥିତି ଏଭଳି ହେଉଛି ଯେ ଭାରୀଯାନ ଓ ଚାରିଚକିଆ ଯାନ ଚଳାଚଳ ତ ଦୂରକଥା ଦୁଇଚକିଆ ଯାନଟିଏ ମଧ୍ୟ ସହଜରେ ଆଗକୁ ଗଡ଼ିପାରୁ ନାହିଁ। ଲୋକଦେଖାଣିଆ ପଦକ୍ଷେପ ସ୍ୱରୂପ ସଦ୍ୟସମାପ୍ତ ଲକ୍ଷ୍ମୀପୂଜା ସମୟରେ ଏନଏସି ପକ୍ଷରୁ ରାସ୍ତା ଉପରୁ ଗୋରୁପଲଙ୍କୁ ହଟାଇବା ପାଇଁ କେତେକ ସଫେଇ କର୍ମଚାରୀଙ୍କୁ ସାମୟିକ ଭାବେ ନିୟୋଜିତ କରାଯାଇଥିଲା। ତେବେ ତା' ପରଠାରୁ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ଗୋରୁପଲ ଯଥାପୂର୍ବଂ ତଥାପରଂ ରାସ୍ତା ଉପରେ ଆଡ୍ଡା ଜମାଇ ଶୋଇ ରହୁଛନ୍ତି। ଅନ୍ୟପଟେ ଗୋରୁ ପଲଙ୍କୁ ନିୟନ୍ତ୍ରଣ କରିବା, ନିଜ ଗୁହାଳରେ ବାନ୍ଧି ରଖିବା ପାଇଁ ଏନଏସି ପକ୍ଷରୁ ମଝିରେ ମଝିରେ ଲୋକଙ୍କୁ ସଚେତନ କରାଯାଏ। ଏବେ ତାହା ମଧ୍ୟ କରାଯାଉ ନାହିଁ। ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଢେଙ୍କାନାଳ ବନ୍ଦରେ ସାମିଲ ହେବନି ବିଜେପି

**ଢେଙ୍କାନାଳ,୧୩ ।୧୧(ସମିସ):** ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟ ଓ ଉପଭୋକ୍ତାଙ୍କ ଉପରେ ଜୁଲମ ପ୍ରତିବାଦରେ ସର୍ବଦଳୀୟ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୧୭ ତାରିଖ ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ତେବେ ଏହି ବନ୍ଦରେ ବିଜେପି ସାମିଲ ହେବ ନାହିଁ। କାରଣ କ୍ରିୟାନୁଷ୍ଠାନ କମିଟିରେ ବିଜେପିକୁ ସାମିଲ କରାଯାଇ ନାହିଁ କିମ୍ବା ଢେଙ୍କାନାଳ ବନ୍ଦ ଡାକରା ନିଷ୍ପତ୍ତି ବୈଠକକୁ ବିଧିବଦ୍ଧ ଭାବେ ଡକାଯାଇ ନାହିଁ। ଯଦି ବିଜେପିର କୌଣସି ବ୍ୟକ୍ତି ଉକ୍ତ ବୈଠକରେ ଯୋଗଦେଇଥାଆନ୍ତି ତେବେ ତାହା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଦଳ ତରଫରୁ ଅଧିକୃତ କୌଣସି ବ୍ୟକ୍ତି ଯୋଗଦେଇନାହାନ୍ତି। ତରବରିଆ ଭାବେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବନ୍ଦ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଦ ଡାକରା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଢେଙ୍କାନାଳ ବନ୍ଦ ଡାକରା ଦେଇ ଲୋକଙ୍କ ସ୍ୱାଭାବିକ ଜୀବନଯାପନରେ ବାଧା ସୃଷ୍ଟି କରି ସେମାନଙ୍କୁ ହଇରାଣ କରିବାକୁ ବିଜେପି ଚାହୁଁନାହିଁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣଙ୍କ ସମସ୍ୟା ସହ ସର୍ବଦା ବିଜେପି ରହିଆସିଛି। ଢେଙ୍କାନାଳ ଜିଲ୍ଲାରେ ଉପୁଜିଥିବା ସ୍ମାର୍ଟ ମିଟର ବିବାଦ ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁ ବୋଲି ଢେଙ୍କାନାଳ ବିଧାୟକ ତଥା ରାଜ୍ୟ କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ମିଳିତ ବିବୃତି ଦେଇଥିବା ବିଜେପି ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

### ତରବରିଆ ଭାବେ ଡାକରା ଦିଆଯାଇଛି
### ବନ୍ଦ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ

## ୨୭ରେ ବିଧାନସଭା ଶୀତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

# ଗସ୍ତ ପୂର୍ବରୁ ମୁଖ୍ୟ ସଚିବଙ୍କ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୧୩।୧୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୭ରେ ଓଡ଼ିଶା ଗସ୍ତରରେ ଆସିବେ। ଏହି ଗସ୍ତରେ ରାଷ୍ଟ୍ରପତି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ସହ ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏହି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବସିଥିବା ବେଳେ ପରେ ପରେ ଅପରାହ୍ଣରେ ଓଡ଼ିଶା ବିଧାନ ସଭାରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ମଧ୍ୟ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି।

ଓଡ଼ିଶା ଗସ୍ତ ପୂର୍ବରୁ ଆଗାମୀ ନଭେମ୍ବର ୨୦ ତାରିଖରେ ମଧ ରାଷ୍ଟପତି ଓଡ଼ିଶାର ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବାର ଏକ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିଛି। ୨୦ରେ ରାଷ୍ଟ୍ରପତି ଛତିଶଗଡ଼ର ଅମ୍ବିକାପୁର ଠାରେ "ଜନ ଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସେଦିନ ସକାଳ ୮ଟା ୨୫ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ସକାଳ ୧୦ଟା ୫ରେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ସେ ବାୟୁସେନାର ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଛତିଶଗଡ଼ ଯାଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପୁନଶ୍ଚ ରାଷ୍ଟ୍ରପତି ଝାରସୁଗୁଡ଼ା ଦେଇ ସେଦିନ ଅପରାହ୍ନ ୧ ଟା ୪୫ ସୁଦ୍ଧା ସେ ଆନ୍ଧ୍ରପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଝାରସୁଗୁଡାଠାରେ ଅବତରଣ ଏବଂ ସେଠାରେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ସାମୟିକ ରହଣି ନିମନ୍ତେ ଜିଲ୍ଲାପାଳ ଓ ଏସପି ଝାରସୁଗୁଡାଙ୍କ ସହିତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି।

**୨୭ ଅପରାହ୍ଣ ୨ରେ ପହଞ୍ଚି ୨୮ ସକାଳ ୯.୩୫ରେ ଓଡ଼ିଶା ଛାଡ଼ିବେ ରାଷ୍ଟ୍ରପତି**

**ରାଜଭବନ ନୂଆ କଳିଙ୍ଗ ଅତିଥି ନିବାସର ହେବ ଉଦ୍‌ଘାଟନ**

**ନଭେମ୍ବର ୨୦ରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ ରାଷ୍ଟ୍ରପତି**

ସେହିପରି ନଭେମ୍ବର ୨୭ ତାରିଖରେ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ୧୧ ଟା ୫୦ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ଣ ୨ ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ ଟାରେ ରାଜଭବନ ସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହ ଉଦ୍‌ଘାଟନ କରିବେ। ଅପରାହ୍ଣ ୪.୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ ଏବଂ ୪.୩୦ରୁ ୫.୩୦ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ସଦସ୍ୟାମାନଙ୍କୁ ସମ୍ବୋଧନ କରିବେ। ପରେ ପରେ ସେଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ପରଦିନ ୨୮ ତାରିଖ ସକାଳୁ ୯ ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ ଆଗମନ ଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିସେବା ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଦୀର୍ଘ ଦିନ ପରେ ଦାବି ପୂରଣ କଲା ରେଳ ବିଭାଗ

## ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ



କେସିଙ୍ଗା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳବାସୀଙ୍କ ଏକ ଦଶନ୍ଧିରୁ ହେଉଥିବା ଏକ ଦାବି ଭାରତୀୟ ରେଳ ବିଭାଗ ପୂରଣ କରିଛି। ରେଳ ବିଭାଗର ଚିଠି ସଂଖ୍ୟା ସିସି ୨୭୧/୨୦୨୫ ତାରିଖ ୩୧.୧୦.୨୫ ଅନୁଯାୟୀ ରେଳ ବିଭାଗ ହାୱଡା ଟିଟଲାଗଡ ଏକ୍ସପ୍ରେସ୍ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଆଦେଶ ଦେଇଛି।ଆଗରୁ ଉକ୍ତ ଟ୍ରେନଟି ହାୱଡାରୁ ଆସି ଟିଟଲାଗଡ଼ରେ ରହି ଯାଉଥିଲା ।ବର୍ତ୍ତମାନ ସେହି ଟ୍ରେନ ଟିଟଲାଗଡ଼ରେ ନ ରହି ଜୁନାଗଡ଼ ପର୍ଯ୍ୟନ୍ତ ଯିବ କେବେ ଠୁ ଚଳାଚଳ କରିବ ଖବର ନ ଥିଲେ ମଧ ବହୁତ ଶୀଘ୍ର ଏହା ଚଳାଚଳ କରିବ ବୋଲି ଶୁଣିବାକୁ ମିଳୁଛି। ଏହା ଜିଲ୍ଲାବାସୀଙ୍କ ପାଇଁ ନିହାତି ପକ୍ଷେ ଖୁସିର ବିଷୟ। ଏଥିପାଇଁ ରେଳ ବିଭାଗକୁ ଜିଲ୍ଲାବାସୀଙ୍କ ପକ୍ଷରୁ ବହୁତ ବହୁତ ଧନ୍ୟବାଦ।ଏହି ଟ୍ରେନ ଚଳାଚଳ ପାଇଁ କେସିଙ୍ଗାର ରେଳ ଯାତ୍ରୀ ସଂଘ ସମେତ କେସିଙ୍ଗା ସିଟିଜନ ଫୋରମ ଅନେକ ଦିନରୁ ଦାବି କରିଆସୁଥିଲେ।ଯାହାବି ହେଉ ବିଳମ୍ବରେ ହେଲେ ମଧ ଦାବି ପୂରଣ ହେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ରେଳ ବିଭାଗ ତତ୍ପର ଦେଖାଇ ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି।କିନ୍ତୁ ଅଞ୍ଚଳବାସୀଙ୍କ ରେଳ ବିଭାଗକୁ ଦେଇଥିବା ଦାବିପତ୍ର ମଧ୍ୟରୁ ପ୍ରମୁଖ ଦାବି କେସିଙ୍ଗାରୁ ସିଧା ସଳଖ ଟ୍ରେନ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସେଥିପାଇଁ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ରହିଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା ରେଳ ବିଭାଗ କେବେ ଅଞ୍ଚଳବାସୀଙ୍କ ପ୍ରମୁଖ ଦାବି ରାଜଧାନୀ ପାଇଁ ସିଧାସଳଖ ଟ୍ରେନ ଚଳାଚଳ ପାଇଁ ବିଭାଗୀୟ ଚିଠି ଜାରି କରୁଛି।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ କାରରୁ ଇଞ୍ଜିନ ଅଲଗା

ବରଗଡ଼,୧୩।୧୧(ସମିସ): ବରଗଡ଼ ବରଡୋଲ ରାସ୍ତାରେ ଭୟଙ୍କର ସଡ଼କ ଦୁର୍ଘଟଣାର ଚିତ୍ର ସାମ୍ନାକୁ ଆସିଛି। ଏକ କାର୍ ପବନ ବେଗରେ ଆସି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୀଷଣ ଥିଲା ଯେ ଗାଡ଼ିର ଇଞ୍ଜିନ ଗାଡ଼ିରୁ ବାହରକୁ ଛିଟିକି ପଡ଼ିଥିଲା। ଏ ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇଛି। ଦୁର୍ଘଟଣା ବେଳେ ଗାଡିରେ ତିନିଜଣ ବ୍ୟକ୍ତି ଥିବା ବେଳେ ସମସ୍ତେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଅଧରାତିରେ ଏହି ଦୁର୍ଘଟଣା ଘଟିଥିଲା। ଗାଡି ଦ୍ରୁତ ଗତିରେ ଭଟଲିରୁ ବରଗଡ଼ ଅଭିମୁଖେ ଯାଉଥିବା ବେଳେ ବରଡୋଲ ସଡ଼କ ପଡା ସାମ୍ନାରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏନେଇ ପୁଲିସର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ଏଯାଏଁ ମିଳିପାରିନି ପରିବେଶ ମଞ୍ଜୁରୀ

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

କାଳିପଦା, ୧୩।୧୧ (ସମିସ): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖଠାରେ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ ଦେଇ ଗତି କରୁଛି। ଅଦ୍ୟାବଧି ବନ୍ଦର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନ ଟ୍ରିବ୍ୟୁନାଲରୁ ପରିବେଶ ମଞ୍ଜୁରୀ ମିଳିପାରିନାହିଁ। ଏବେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଚୌମୁଖ ଡଗରା ବେଳାଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**ସିଆରଜେଡ-୨ ପାଇଁ କୋର୍ଟରେ ମାମଲା**

୧୯୯୮ ମସିହାରେ ଏହି ଦୁଇ ବେଳାଭୂମିକୁ ତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ୨୦୦୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଙ୍ଗଳେଶ୍ୱର କାଳିଝାଟି ପଡିଆ ଜନସମାବେଶରେ ଚୌମୁଖଠାରେ ଘରୋଇ ଉଦ୍ୟୋଗରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ପରେ ଚେନ୍ନାଇର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମଓୟୁ ସରକାରଙ୍କ ସହିତ କରିଥିଲେ। ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟ କିଛି ମାତ୍ରାରେ ଆଗେଇ ଥିଲା। ରାସ୍ତା ଓ ରେଳ କରିଡର ପାଇଁ କମ୍ପାନୀ ୪୦ ପ୍ରତିଶତ ଜମି ଅଧିଗ୍ରହଣ କରିଥିଲେ। ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି।

## ପୁଣି ଅମାନିଆ ଇସ୍କନ

# ଅଦିନରେ କରିବ ରଥଯାତ୍ରା

ପୁରୀ,୧୩।୧୧(ସମିସ): ଯେତେ କହିଲେ ବି ମାନୁନି ଇସ୍କନ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜାଙ୍କ କଥା ବି ଶୁଣିବା ଅବସ୍ଥାରେ ନାହିଁ। ଶାସ୍ତ୍ରୀୟ ମତକୁ ଆଧାର କରି ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଏକାଧିକଥର ଚିଠି ଲେଖିଛନ୍ତି। ହେଲେ ସେମାନେ ଶତପ୍ରତିଶତ ଏହାକୁ ପାଳନ କରୁନାହାନ୍ତି। ପୁଣି ଅଦିନରେ ରଥଯାତ୍ରା କରିବାକୁ ଯାଉଛି ଇସ୍କନ। ଆସନ୍ତା ୨୩ ତାରିଖରେ ତାଇୱାନର ଜିମେଣ୍ଟିଙ୍ଗ୍ ଏମ୍‌ଆର୍‌ଟି ଏକ୍ସିଟ୍ ୬ରେ ରଥଯାତ୍ରା ଆୟୋଜନ କରିଛି। ଏଥିରେ ଯୋଗଦେବା ପାଇଁ ଇସ୍କନ ଅନୁଗାମୀ ଏବଂ ଜଗନ୍ନାଥପ୍ରେମୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ଅବସରରେ ସାଂସ୍କୃତିକ, କୀର୍ତ୍ତନ, ଯୋଗ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ। ତେବେ ଏହି ଘଟଣାକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନ ଏପରି ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଥିବାକୁ ନେଇ ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ କ୍ଷୋଭ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଅଦିନିଆ ରଥଯାତ୍ରା ଆୟୋଜନ ନେଇ ଇସ୍କନ ସବୁବେଳେ ବିବାଦରେ ରହିଆସିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ସାରା ବିଶ୍ୱରେ ପ୍ରଚାରପ୍ରସାର କରୁଥିବା ନେଇ ଦାବି କରିଆସୁଥିବା ଇସ୍କନ ବାରମ୍ବାର ମହାପ୍ରଭୁଙ୍କ ପରମ୍ପରା ଉଲ୍ଲଂଘନ କରୁଥିବା ଅଭିଯୋଗ ରହିଛି। ଏଭଳି କାର୍ଯ୍ୟ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ। ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର୍ ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି। ତେଣୁ ଏଭଳି ମନୋମୁଖି କାର୍ଯ୍ୟରୁ ଇସ୍କନ ଦୂରେଇ ରହିବାକୁ ଦାବି କରିଆସୁଛନ୍ତି ଭକ୍ତ ଓ ସେବାୟତ।

■ ଟିକସ ଫାଙ୍କିବା ଓ ପରମିଟ୍ ଅନିୟମିତତା

## ୪ ବସ୍‌ରୁ ୧୫.୪୬ ଲକ୍ଷ ଜରିମାନା ଆଦାୟ

ପୁରୀ,୧୩।୧୧(ସମିସ): ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ବସ୍ ଚଳାଚଳ କରୁଥିଲେ ମଧ ଗାଡ଼ିର କାଗଜପତ୍ର ଠିକ୍ ରଖିବା ଉପରେ ମାଲିକ ଧ୍ୟାନ ଦେଉନାହାନ୍ତି। ଏଭଳି ବେପରୁଆ ମନୋଭାବ ପାଇଁ ୪ଟି ବସ୍‌କୁ ମୋଟା ଅଙ୍କର ଜମିମାନା ହୋଇଛି। ଟିକସ ଫାଙ୍କିବା ଓ ପର୍‌ମିଟ ଅନିୟମିତତା ଅଭିଯୋଗରେ ପୁରୀ ଆର୍‌ଟିଓ ଓ ଏସ୍‌ଟିଏ କଟକ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ମାଳତିପାଟପୁର ବସ୍‌ଷ୍ଟାଣ୍ଡରେ ୪ଟି ବସ୍‌କୁ ଜବତ କରାଯାଇଛି। ଏହି ୪ଟି ବସ୍‌ଠାରୁ ୧୫ଲକ୍ଷ ୪୬ହଜାର ୮୪୭ଟଙ୍କା ଫାଇନ୍ ମଧ ଆଦାୟ ହୋଇଛି। ଜବତ ହୋଇଥିବା ବସ୍ ନମ୍ବର ହେଉଛି ଡବ୍ଲ୍ୟୁବି୨୯ଏଫ୍-୬୮୬୨, ଡବ୍ଲ୍ୟୁବି୧୧ଏଫ୍ ୭୪୯୯, ଡବ୍ଲ୍ୟୁବି୭୩ଜି ୭୫୦୧ ଏବଂ ଡବ୍ଲ୍ୟୁବି ୨୯ଏଫ୍ ୩୦୮୮। ଏ ସମସ୍ତ ବସ୍ ପଶ୍ଚିମବଙ୍ଗର ବୋଲି ପୁରୀ ଜିଲ୍ଲା ପରିବହନ କାର୍ଯ୍ୟାଳୟରୁ ପକ୍ଷରୁ ସୂଚନା ଦିଆଯାଇଛି।

■ ପୁଲିସ ଏସଆଇ ନିଯୁକ୍ତିରେ ସ୍ୱଚ୍ଛତା ନେଇ ହାଇକୋର୍ଟରେ ମାମଲା

## ଉଚ୍ଚକମିଟି ତତ୍ତ୍ୱାବଧାନରେ ସମ୍ପନ୍ନ ହେଉ ନିଯୁକ୍ତି ପ୍ରକ୍ରିୟା

କଟକ,୧୩।୧୧(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀର ତଦନ୍ତ ଜାରି ରହିଥିବା ବେଳେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିବା ପ୍ରସଂଗରେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର କରାଯାଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଏହି ମାମଲା ରୁଜୁ ହୋଇଛି। ନିଯୁକ୍ତି ପ୍ରକ୍ରିୟା ନେଇ ସରକାରଙ୍କ ଗତ ୨୦୨୫ସେପ୍ଟେମ୍ବର ୨୨ର ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସେହିଭଳି ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଏହ ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧ୍ୟକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଓଡ଼ିଶାରେ ଲାଗୁ ହେବ ଗୋଟିଏ ରାଜସ୍ୱ ଆଇନ

ପୁରୀ,୧୩।୧୧(ସମିସ): ଏଣିକି ଜମିପଟ୍ଟା ସଂଶୋଧନ କରିବାକୁ ଜନସାଧାରଣଙ୍କୁ ହଇରାଣ ହେବାକୁ ପଡ଼ିବନି। ଓଡ଼ିଶାରେ ରହିବ ଗୋଟିଏ ରାଜସ୍ୱ ଆଇନ। ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ୱ ଆଇନରେ ସଂଶୋଧନ କରାଯାଇ ଗୋଟିଏ ରାଜସ୍ୱ ଆଇନ ଲାଗୁ କରାଯିବ। ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ମ୍ୟାନେଜ୍‌ମେଣ୍ଟ ଆକ୍ଟ ଖୁବ୍‌ଶୀଘ୍ର ଆସିବ। ଗୁରୁବାର ସ୍ଥାନୀୟ ସର୍କିଟ୍ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ବିଭାଗର ନିଷ୍ପତ୍ତି ଅନୁଯାୟୀ, ଏଣିକି ଜନସାଧାରଣ ସ୍ଥାନୀୟ ତହସିଲ୍‌ଦାରଙ୍କୁ ଭେଟି ନିଜର ପୈତୃକ ସମ୍ପତ୍ତିର ପଟ୍ଟା ନିଜ ନାମରେ ସଂଶୋଧନ କରାଇ ପାରିବେ। ଏହି ବ୍ୟବସ୍ଥା ସଠିକ୍ ଢଙ୍ଗରେ ପୁରୀ ଜିଲ୍ଲାରେ କିଭଳି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ରାଜସ୍ୱ ମନ୍ତ୍ରୀ ପୁରୀ ଆସି ଜିଲ୍ଲାର ସମସ୍ତ ରାଜସ୍ୱ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ତହସିଲ୍‌ଦାରମାନେ ଉପସ୍ଥିତ ଥିଲେ। ଜମିପଟ୍ଟା ସଂଶୋଧନ ପାଇଁ ଆସୁଥିବା ବ୍ୟକ୍ତିମାନେ କିଭଳି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜ ଜମିଜମା ସମସ୍ୟାର ସମାଧାନ ସହିତ ପଟ୍ଟା ସଂଶୋଧନ କରାଇପାରିବେ ସେ ନେଇ ଲୋକଙ୍କୁ ସହଯୋଗ ଯୋଗାଇଦେବାକୁ ରାଜସ୍ୱ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ୱ ଆଇନରେ ସଂଶୋଧନ କରାଯାଇ ଗୋଟିଏ ରାଜସ୍ୱ ଆଇନ ଓଡ଼ିଶାରେ ଲାଗୁ କରାଯିବ। ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ଖୁବ୍‌ଶୀଘ୍ର ଆସିବ। ସେହିପରି ଓଡ଼ିଶା ସର୍ଭେ ସେଟଲ୍‌ମେଣ୍ଟ ଆକ୍ଟରେ ମଧ ସଂଶୋଧନ ଅଣାଯିବ। ଏହି ଆଇନ ସଂଶୋଧନ ପରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଜନଜାତି ବର୍ଗର ଲୋକମାନେ ମଧ ଜମିଜମା ସମସ୍ୟାକୁ ନେଇ ହେଉଥିବା ଅସୁବିଧା ଦୂର ହେବ। ଏ ନେଇ ତହସିଲ୍‌ଦାରମାନଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି।

**■ ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ୱ ଆଇନରେ ହେବ ସଂଶୋଧନ**

**■ ସରକାରୀ ଜମି ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ**

ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, 'ପୁରୀ ସହରରେ ଦୀର୍ଘବର୍ଷ ଧରି ରହିଥିବା ଜମିଜମା ସମସ୍ୟାର ସମାଧାନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ସମସ୍ତ ବିଭାଗ ସହିତ ଆଲୋଚନା ଜାରି ରହିଥିବାବେଳେ ପୁରୀ ସହରର ଜମିଜମା ସମ୍ପର୍କିତ ଏକ ସବିଶେଷ ରିପୋର୍ଟ ଡିସେମ୍ବର ଶେଷ ସୁଦ୍ଧା ଜିଲ୍ଲାପାଳ ପ୍ରଦାନ କରିବାକୁ କୁହାଯାଇଛି। ଏହି ରିପୋର୍ଟ ଆସିବା ପରେ ବିଭିନ୍ନ ଆଇନକୁ ଅଧ୍ୟୟନ କରାଯାଇ ଏବଂ ଦରକାର ପଡ଼ିଲେ ଆଇନରେ ସଂଶୋଧନ କରାଯାଇ ପୁରୀ ସହର ଏବଂ ଜିଲ୍ଲାର ଜମିଜମା ସମସ୍ୟା ସମାଧାନ କରାଯିବ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଜିଲ୍ଲାର ସମସ୍ତ ତହସିଲ୍ ଓ ଆର୍‌ଆଇ ଅଫିସର ବାୟୋମେଟ୍ରିକ୍ ଉପସ୍ଥାନ ଓ ଓସାସ୍ ଫାଇଲ୍ ଉପରେ ସମୀକ୍ଷା କରିଥିଲେ। ବସୁନ୍ଧରା ଯୋଜନା, ଅନ୍ତ୍ୟୋଦୟ ଯୋଜନା ଉପରେ ତର୍ଜମା କରିବା ସହିତ ଜମିଜମା ରେକର୍ଡ ଉପରେ କେଉଁ ବ୍ୟକ୍ତି ଲିଜ୍ ନେଇଛନ୍ତି ବା କେତେ ଜବରଦଖଲ କେସ୍ ପଡ଼ିରହିଛି ତାହାର ତର୍ଜମା କରିଥିଲେ। ସମସ୍ତ ସରକାରୀ ଜମି ଯେପରି ଜବରଦଖଲ ମୁକ୍ତ କରାଯିବ ତାହା ଉପରେ କଡ଼ା ପଦକ୍ଷେପ ନେବାକୁ ସମସ୍ତ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଅନାଥାଶ୍ରମ ଅନ୍ତେବାସୀଙ୍କୁ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୧୩।୧୧(ସମିସ): କଟକ କଲେଜଛକ ଅଞ୍ଚଳର ଏକ ଅନାଥାଶ୍ରମରେ ରହି ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୋ÷ରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନର ଧାରା ୬ ଓ ଆଇପିସିର ଧାରା ୩୬୬ ଅନୁସାରେ ଅଭିଯୁକ୍ତ ତଥା କଟକ ମାଲଗୋଦାମ ଥାନା ଯୋବ୍ରା ନଦୀକୂଳ ସାହିର ବାସିନ୍ଦା ଅଭିଯୁକ୍ତ ଲୋକନାଥ ଭୋଇ(୨୩)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ଗତ ୨୦୨୪ଜାନୁଆରୀ ୨୯ରେ ନାବାଳିକା ଆଶ୍ରମରୁ ନିକଟସ୍ଥ ଏକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନଥିଲେ। ତେବେ ସେହିଦିନ ବିଳମ୍ବିତ ସଂଧ୍ୟାରେ ପୀଡ଼ିତା ଜଣକ କାନ୍ଦି କାନ୍ଦି ଆଶ୍ରମକୁ ଫେରିବା ସହ ଅଭିଯୁକ୍ତ ଜଣକ ତାକୁ ରେଳଷ୍ଟେସନର ଏକ ଭଗ୍ନ ଗୃହକୁ ନେଇ ଦୁଷ୍କର୍ମ କରିଥିବା ଆଶ୍ରମର ଗୁରୁମାଙ୍କୁ ଜଣାଇଥିଲା। ସମ୍ପୃକ୍ତ ଆଶ୍ରମର ଅଧୀକ୍ଷକ ୨୦୨୪ଜାନୁଆରୀ ୩୦ରେ ଜିଆରପି ଥାନାରେ ଏକ ଏତଲା ଦେଇଥିଲେ। ୨୦୨୪ ମାର୍ଚ୍ଚ୧୯ରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ୨୦୨୪ମାର୍ଚ୍ଚ ୨୦ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୪ ସେପ୍ଟେମ୍ବର ୨୯ ତାରିଖରେ ଚାର୍ଜଫ୍ରେମ କରିଥିଲେ। ତେବେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ଓ ୨୭ଟି ପ୍ରାମାଣିକ ଦସ୍ତାବିଜ ଆଧାରରେ ଆସାମୀକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ନେଇ ରାୟ ଶୁଣାଇଛନ୍ତି ଅଦାଲତ। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେସାଲ ପବ୍ଲିକ୍ ପ୍ରସିକ୍ୟୁଟର ରମେଶଚନ୍ଦ୍ର ମହାନ୍ତି ଓ ବିଶ୍ୱଜିତ ରାୟ।

## ଫେବ୍ରୁଆରୀ ୧୭ରୁ ଆଇସିଏସ୍‌ଇ ଓ ୧୨ରୁ ଆଇଏସ୍‌ସି ପରୀକ୍ଷା


ଭୁବନେଶ୍ୱର,୧୩।୧୧(ସମିସ): ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ତାରିଖ ଘୋଷଣା ହୋଇଛି। ଆଇସିଏସ୍‌ଇ ବା ଦଶମ ଶ୍ରେଣୀ ପରୀକ୍ଷା ଫେବ୍ରୁଆରୀ ୧୭ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ତାରିଖ ଯାଏଁ ଚାଲିବ। ସେହିପରି ଆଇଏସ୍‌ସି ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବ୍ରୁଆରୀ ୧୨ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ୍ ୬ ତାରିଖରେ ଶେଷ ହେବ। ଏନେଇ ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ଘୋଷଣା କରାଯାଇଛି। ଦଶମ ଶ୍ରେଣୀରେ ପ୍ରାୟ ୨ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଦ୍ୱାଦଶରେ ପ୍ରାୟ ୧ ଲକ୍ଷ ୫୦ ହଜାର ପିଲା ପରୀକ୍ଷା ଦେବେ। ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ପରୀକ୍ଷା ସୂଚୀ ପ୍ରସ୍ତୁତ କରାଯାଇଥିବା ବୋର୍ଡର ସମ୍ପାଦକ ଡ. ଜୋସେଫ୍ ଇମାନୁଏଲ୍ କହିଛନ୍ତି।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ "କୋହୋର୍ଟ କନେକ୍ଟ' ସମ୍ମିଳନୀ ଉଦ୍‌ଘାଟିତ

# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର,୧୩।୧୧(ସମିସ): ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଲଙ୍ଗିଚ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ- 'କୋହୋର୍ଟ କନେକ୍ଟ'କୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍।

ସୂଚନାଯୋଗ୍ୟ, କୋହୋର୍ଟ ଷ୍ଟଡିଜ୍ ଏପରି ଏକ ଅଧ୍ୟୟନକୁ ବୁଝାଇଥାଏ, ଯେଉଁଥିରେ ସମାନ ବୈଶିଷ୍ଟ୍ୟ ଥିବା ଏକ ଗୋଷ୍ଠୀର ସ୍ୱାସ୍ଥ୍ୟାବସ୍ଥା ଓ ଜୀବନଶୈଳୀକୁ ଅନୁଧ୍ୟାନ କରାଯାଇଥାଏ। ଯାହାଫଳରେ ସେମାନଙ୍କ ଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ବିପଦ କାରକକୁ ଚିହ୍ନଟ କରାଯାଇପାରିବ।





ଆଜିର କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ କୋହୋର୍ଟ ପାଇଁ ରହିଥିବା ସୁଯୋଗ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଭାରତରେ ପାଚନକ୍ରିୟା ସହ ଜଡ଼ିତ ବିକାର ପ୍ରାୟତଃ ପରସ୍ପର ସହ ଯୋଡ଼ି ହୋଇ ରହିଥିବା ସ୍ଥିତି ରୂପରେ ସାମ୍ନାକୁ ଆସିଥାଏ। ଯକ୍ଷ୍ମା ଏବଂ ମଧୁମେହ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି, ସେ କହିଥିଲେ ଯେ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣ ଠାରୁ ଆଗକୁ ବଢ଼ିବାକୁ ପଡ଼ିବ। ଜିନୋମିକ୍ସ ଏବଂ ଜୈବ ଚିକିତ୍ସା ବିଜ୍ଞାନରେ ଭାରତର ବୃଦ୍ଧି ପାଉଥିବା ଶକ୍ତି ଉପରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ। ବଡ଼ ଧରଣର ଜିନୋମ୍ ସିକୋଏନ୍ସିଂ ଏବଂ ହିମୋଫିଲିଆ ପାଇଁ ଦେଶର ପ୍ରଥମ ସ୍ୱଦେଶୀ ନିଦାନଗତ ପରୀକ୍ଷଣ ଭଳି ମାଇଲଖୁଣ୍ଟ ବିଷୟରେ ମଧ ମନ୍ତ୍ରୀ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ପିଆଇ-ଚେକ୍ ପ୍ରଗତି, ମଲ୍ଟି-ଓମିକ୍ସ ଇଣ୍ଟିଗ୍ରେସନ୍, ଡିଜିଟାଲ୍ ସ୍ୱାସ୍ଥ୍ୟ ରେକର୍ଡ ପ୍ରଣାଳୀ, ବାର୍ଦ୍ଧକ୍ୟ ଏବଂ ଡିମେନ୍ସିଆ ଗବେଷଣା, ଜନଜାତି ସ୍ୱାସ୍ଥ୍ୟ କୋହୋର୍ଟ, ମାତୃ ଶିଶୁ ସ୍ୱାସ୍ଥ୍ୟପଦକ୍ଷେପ, କାର୍ଡିଓମେଟାବୋଲିକ୍‌ଅଧ୍ୟୟନ, ଏକ୍ସପୋଜମ୍ ସାଇନ୍ସ ଏବଂ ଭାରତ ପାଇଁ ନିର୍ଦ୍ଦିଷ୍ଟ ବିପଦ ପୂର୍ବାନୁମାନ ମଡେଲ ଉପରେ ଅଧିବେଶନ ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ ସିଏସଆଇଆର-ଆଇଏମଏମଟି ନିର୍ଦ୍ଦେଶ ଡକ୍ଟର ରାମାନୁଜ ନାରାୟଣ ସିଏସଆଇଆର-ଆଇଜିଆଇବି ନିର୍ଦ୍ଦେଶ ଡକ୍ଟର ସୌଭିକ ମାଇତି ପ୍ରମୁଖଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପଦାଧିକାରୀଙ୍କ ସମେତ ସିଏସଆଇଆର ମୁଖ୍ୟାଳୟ ଏବଂ ସହଭାଗୀ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ନୂତନ ଜମି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। କଠିନ ପରିଶ୍ରମ କରିବେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ପିତାମାତା ସନ୍ତାନଙ୍କ ଭିବଷ୍ୟତକୁ ନେଇ ଚିନ୍ତା କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।


**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଅଚାନକ ଘରକୁ କୁଣିଆ ଆସିପାରନ୍ତି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝମଣା ରହିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୨୨- ବିବିସି, ବ୍ରିଟେନ୍‌ରେ ରେଡିଓ ସେବା ଆରମ୍ଭ କଲା।
- ୧୯୪୮- ଯୁବରାଜ ଚାର୍ଲସ୍‌ଙ୍କ ଜନ୍ମ।
- ୧୯୫୫- କର୍ମଚାରୀ ରାଜ୍ୟ ବୀମା ନିଗମର ଉଦ୍‌ଘାଟନ।
- ୧୯୬୦- ଚେକ୍ ଗଣରାଜ୍ୟର ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବାରୁ ଅତିକମ୍‌ରେ ୧୧୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୬୯- ଆପୋଲୋ-୧୨କୁ ପ୍ରକ୍ଷେପଣ କରାଗଲା।
- ୨୦୦୨- ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ନିଜ ପଦରୁ ଇସ୍ତଫା ଦେଲେ।

## ଶିଶୁଙ୍କ ପାଇଁ ଦିନଟିଏ



ଆଜି ୧୪ ନଭେମ୍ବର, ଶିଶୁ ଦିବସ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନକୁ ଆମେ ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଏ। ନେହରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ। ଏହି କାରଣରୁ ପିଲାମାନେ ତାଙ୍କୁ 'ଚାଚା ନେହରୁ' ବୋଲି ସମ୍ବୋଧନ କରୁଥିଲେ। ଶିଶୁଙ୍କୁ ଭଲ ପାଉଥିବା ପଣ୍ଡିତ ନେହରୁ ତାଙ୍କ ଜନ୍ମଦିନକୁ ଶିଶୁଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ। ଶିଶୁମାନେ ହିଁ ଦେଶର ଭିତ୍ତିଭୂମି ଏବଂ ସେମାନେ ହିଁ ଦେଶର ଭବିଷ୍ୟତ ବୋଲି ସେ ସର୍ବଦା କହୁଥିଲେ। ଦେଶର ଉନ୍ନତି, ପ୍ରଗତି ଦିଗରେ ଶିଶୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନେହେରୁ ମତ ରଖିଥିଲେ। ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପାଳିତ ହୋଇଥାଏ ଏହି ଦିବସ। ଜବାହରଲାଲ ନେହରୁ ଉତ୍ତର ପ୍ରଦେଶର ଆହ୍ଲାବାଦ ସହରରେ ଏକ କଶ୍ମୀର ପଣ୍ଡିତ ପରିବାରରେ ୧୮୮୯ ମସିହା ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପାରାଣୀ ଥିଲା। ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୪ ମସିହା ମଇ ମାସ ୨୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ନେହରୁଙ୍କ ଦେହାନ୍ତ ପରେ ପିଲାଙ୍କ ପ୍ରତି ତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ସଂସଦରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହାପରେ ପ୍ରଥମ ଥର ପାଇଁ ୧୯୬୫ରେ ଶିଶୁ ଦିବସ ପାଳନ କରାଯାଇଥିଲା। ୧୯୬୪ ପୂର୍ବରୁ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିଲା। କାରଣ ମିଳିତ ଜାତିସଂଘ ଦ୍ୱାରା ୧୯୫୪ ମସିହାରେ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ଦେଶର କୋଣଅନୁକୋଣରେ ପଲ୍ଲୀ ଠୁ ଦିଲ୍ଲୀ ସବୁଠି ଶିଶୁଦିବସକୁ ଆନନ୍ଦ ଉତ୍ସାହର ସହ ପାଳନ କରାଯାଏ। ଶିଶୁ ଦିବସ ଅବସରରେ ସ୍କୁଲଗୁଡ଼ିକରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ଏହି ଦିନ ସ୍କୁଲ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଚକଲେଟ୍, ମିଠା ଆଦି ବଣ୍ଟା ଯାଇଥାଏ।

## ବିଶ୍ୱ ମଧୁମେହ ଦିବସ



ମଧୁମେହ ରୋଗ ବିଷୟରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା, ସଭା ସମିତି ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁମେହ ରୋଗ ପ୍ରତି ଜନସଚେତନତା ସୃଷ୍ଟି କରିବା। ଏହି ରୋଗର ସବୁଠାରୁ ବଡ଼ କାରଣ ହେଉଛି ଖରାପ ଏବଂ ପରିବର୍ତ୍ତିତ ଜୀବନଶୈଳୀ। ମଧୁମେହକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୯୧ ମସିହାରେ ଅନ୍ତର୍ଜାତୀୟ ମଧୁମେହ ଫେଡେରେସନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ମଧୁମେହ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୬ ମସିହାରେ ଏହି ପ୍ରସ୍ତାବ ପାରିତ ହେବା ପରେ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ପାଳନ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି। ଏହାକୁ ସ୍ଲୋ ପଏଜନ୍(ନିରବ ଘାତକ) ବୋଲି ମଧ୍ୟ କୁହାଯାଏ। ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ବ୍ୟାୟାମ ନ କରିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ରୋଗ। ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଭାବେ ପରିଚିତ ମଧୁମେହ। କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହି ରୋଗରେ କବଳିତ ହେଉଛନ୍ତି। ସେହିପରି ୧୮୯୧ ଆଜିର ଦିନ ହେଉଛି ଇନ୍‌ସୁଲିନ୍‌ର ସହ ଆବିଷ୍କାରକ ସାର୍ ଫ୍ରେଡରିକ୍ ବାଣ୍ଟିଙ୍ଗଙ୍କ ଜନ୍ମଦିନ। ମଣିଷ ଶରୀରରେ ଇନ୍‌ସୁଲିନ୍ ପ୍ରୟୋଗ କରିଥିବା ପ୍ରଥମ ବୈଜ୍ଞାନିକ ହେଲେ ବାଣ୍ଟିଙ୍ଗ୍। ରକ୍ତରେ ଗ୍ଳୁକୋଜ୍ ବା ଶର୍କରା ପରିମାଣ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲେ ମଧୁମେହ ରୋଗ ହୋଇଥାଏ। ମଧୁମେହ ସାଧାରଣତଃ ୨ ପ୍ରକାରର। ଟାଇପ୍-୧ ଓ ଟାଇପ୍-୨ ଡାଇବେଟିସ୍। ଟାଇପ୍-୧ ଡାଇବେଟିସ୍ ଶୈଶବ, କିଶୋର ଓ ଆଦ୍ୟ ଯୌବନରେ ମୁଖ୍ୟତଃ ୨୫ ବର୍ଷରେ ହୋଇଥାଏ। ଏ କ୍ଷେତ୍ରରେ ହଠାତ୍ ରୋଗର ଲକ୍ଷଣ ଦେଖାଯାଏ। ସେହିଭଳି ଟାଇପ୍-୨ ଡାଇବେଟିସ୍ ସାଧାରଣତଃ ୪୦ ବର୍ଷ ପରେ ହୋଇଥାଏ। ମଧୁମେହ ବଂଶଗତ ରୋଗ ହୋଇଥିଲେ ହେଁ ଅନିୟମିତ ଜୀବନଶୈଳୀ ଏହି ରୋଗର ମୂଳ କାରଣ। ବଦଳୁଥିବା ଜୀବନ ଶୈଳୀ ଯୋଗୁଁ ଦିନକୁ ଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଧୁମେହ ଦ୍ୱାରା ପୀଡ଼ିତ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗିଥାଏ, କେବଳ ସେତିକି ନୁହେଁ, ଶର୍କରାର ମାତ୍ରା ଅତ୍ୟଧିକ ବଢ଼ିଗଲେ ଏହା ମଣିଷକୁ ମୃତ୍ୟୁ ମୁଖକୁ ଟାଣି ନେଇଥାଏ। ମଧୁମେହ ରୋଗ ପାଇଁ ସର୍ତ୍ତକତା ଅବଲମ୍ବନ କରିବା ନିତ୍ୟାନ୍ତ ଆବଶ୍ୟକ। ବିଶ୍ୱ ମଧୁମେହ ଦିବସ ପାଳନ ଦ୍ୱାରା ଲୋକମାନଙ୍କୁ ମଧୁମେହ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବାର୍ତ୍ତା ଦିଆଯାଇଥାଏ। ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟି ଦେଲେ, ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଲୋକମାନଙ୍କୁ ଏହି ରୋଗ ବାବଦରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ମଧୁମେହ ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ", "Diabetes and Well-being."

## ମନୋରଞ୍ଜନ

## ରୋବଟିକ୍ ହ୍ୱିଲ୍ ଚେୟାର୍‌ରେ ପୃଥ୍ୱୀରାଜ



ଏସ୍.ଏସ୍ ରାଜମୌଳି ଓ ମହେଶ ବାବୁଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି ୨୯'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ନଭେମ୍ବର ୧୫ରେ ରାମୋଜୀ ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏହି ମେଗା ଇଭେଣ୍ଟ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଫିଲ୍ମ ନିର୍ମାତା ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଲୁକ୍ ସେୟାର୍ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରିଛନ୍ତି। ଏଥିରେ ସୁକୁମାରନ୍ ରୋବଟ୍ ଭଳି ଦେଖାଯାଉଥିବା ଏକ ହ୍ୱିଲଚେୟାର୍‌ରେ ବସିଥିବାର ଦେଖାଯାଇଛନ୍ତି। ସେ କଳା ରଙ୍ଗର ସୁଟ୍ ପିନ୍ଧି କ୍ୟାମେରା ଆଡ଼କୁ ରାଗରେ ଅନାଇଥିବାର ଦେଖାଯାଇଛନ୍ତି। ତେବେ ସେ ଏଥିରେ ଜଣେ ପକ୍ଷାଘାତ ରୋଗୀ ଭଳି ଦେଖାଯାଉଛନ୍ତି। ପୃଥ୍ୱୀରାଜ ଏଥିରେ 'କୁମ୍ଭା' ଚରିତ୍ରରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। କାରଣ ପ୍ରିୟଙ୍କା ଏହି ପୋଷ୍ଟରକୁ ସେୟାର୍ କରି ଲେଖିଛନ୍ତି- 'ଉଠନ୍ତୁ, କୁମ୍ଭାକୁ ଦେଖା କରନ୍ତୁ।' ପୃଥ୍ୱୀରାଜ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ପୋଷ୍ଟର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ହିରୋଭାବେ ମହେଶବାବୁ ଏବଂ ତାଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ଦେଖାଯିବେ।

## ସଞ୍ଜୀବନୀ

## କେଶ ପ୍ରତିରୋପଣ ପରେ ଯତ୍ନ



**ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କେଶ ଝଡ଼ିବା ଏକ ବଡ଼ ସମସ୍ୟା। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ ଆଦି ଯୋଗୁଁ ଏପରି ହୋଇଥାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତ ଚିକିତ୍ସାର ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଇଥାଏ। ଏହି ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ତେବେ କେଶ ପ୍ରତିରୋପଣ ପରେ କେଶର ସଠିକ୍ ଯତ୍ନ ନେବା ନିହାତି ଆବଶ୍ୟକ।**

- କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୁଅନ୍ତୁନି। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୁଅନ୍ତୁ। ନିଜର ସ୍କିନ୍ ଟାଇପ୍ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବାକୁ ଦିଅନ୍ତୁ।
- କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧନ୍ତୁ। କେଶରେ ହାତ ମାରନ୍ତୁନି। ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି।
- କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।

## ବିରଳ ଅସ୍ତ୍ରୋପଚାର



ଦାନ୍ତବିନ୍ଧା ବା ଦାନ୍ତପୋକ ଖାଇବା ତ ସାଧାରଣ କଥା। ହେଲେ ଆଖିର ତଳ ଭାଗରେ ଦାନ୍ତ ଉଠିବା ଅବିଶ୍ୱସନୀୟ। ଚିକିତ୍ସା କ୍ଷେତ୍ରରେ ଏହି ସ୍ଥିତିକୁ 'ଏକ୍ଟୋପିକ୍ ଟୁଥ୍' ବା ଭୁଲ୍ ସ୍ଥାନରେ ଦାନ୍ତ ଉଠିବା କୁହାଯାଏ। ଏବେ ସୁଦ୍ଧା ଖୁବ୍ କମ୍ ଲୋକଙ୍କ କ୍ଷେତ୍ରରେ ଏହି ମାମଲା ଦେଖିବାକୁ ମିଳିଛି। ଏହି କ୍ରମରେ ପାଟନା, ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆଇଜିଆଇଏମ୍‌ଏସ୍)ର ଦନ୍ତ ବିଭାଗର ଡାକ୍ତରମାନେ ଏହି ଦୁର୍ଲଭ ରୋଗର ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି। ବିହାରର ୪୫ ବର୍ଷୀୟ ରବି କୁମାରଙ୍କ ଦାନ୍ତରୁ ରକ୍ତ ବାହାରୁଥିଲା। ମୁହଁ ଫୁଲିବା ସହିତ ଦୃଷ୍ଟି ଶକ୍ତି ହ୍ରାସ, ମୁଣ୍ଡ ବିନ୍ଧା ହୋଇଥିଲା। ସ୍ଥିତି ଜଟିଳ ହେବାରୁ ସେ ଦୈନନ୍ଦିକ କାମ କରିପାରିନଥିଲେ। ହସ୍‌ପିଟାଲରେ ତାଙ୍କର ସିବିସିଟି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ତାଙ୍କ ଆଖି ତଳେ ଏକ ଦାନ୍ତ ମିଳିଥିଲା। ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଏବଂ ରେଡିଓଲୋଜି ବିଭାଗର ପ୍ରମୁଖ ଡାକ୍ତର ନିମ୍ମି ସିଂହଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଡାକ୍ତରୀଦଳ ସାବଧାନ ସହିତ ଘଣ୍ଟା ଘଣ୍ଟା ଧରି ଅସ୍ତ୍ରୋପଚାର ଜରିଆରେ ଆଖି ତଳେ ଫସି ରହିଥିବା ଦାନ୍ତକୁ ବାହାରକୁ କାଢ଼ିଥିଲେ। ଅସ୍ତ୍ରୋପଚାର ପରେ ବ୍ୟକ୍ତିଙ୍କ ମୁହଁ ଫୁଲା କମ୍ ହେବା ସହିତ ଆଖିକୁ ସ୍ପଷ୍ଟ ଦେଖାଯାଇଥିଲା।

## ଚକ୍ଷୁରେ ମଧୁମେହର ପ୍ରଭାବ ଓ ପ୍ରତିକାର

ଡା. ସଂଘମିତ୍ରା କାନୁନ୍‌ଗୋ



ବର୍ତ୍ତମାନ ମଧୁମେହ ବହୁଳ ଭାବେ ଦେଖାଯାଉଛି। ଆନ୍ତର୍ଜାତୀୟ ଡାଇବେଟିସ୍ ଫେଡେରେସନ (୨୦୨୫) ର ନୂତନ ତଥ୍ୟ ଅନୁଯାୟୀ ୯ଜଣରୁ ଜଣେ ମଧୁମେହରେ ପୀଡ଼ିତ। ପ୍ରତି ୧୦ଜଣରୁ ୪ଜଣ ମଧୁମେହ ରୋଗୀ ଏହି ରୋଗରେ ପୀଡ଼ିତ ଥିବା ଜାଣି ନାହାଁନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପ୍ରାୟତଃ ୫୮୯ ମିଲିୟନ୍ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି, ୨୦୫୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ ୪୬% ବୃଦ୍ଧି ପାଇ ୮୫୩ ମିଲିୟନ ପର୍ଯ୍ୟନ୍ତ ପହଞ୍ଚିବ। ଚିନ୍ତାର ବିଷୟ, ପ୍ରତି ୫ ଜଣ ବୟସ୍କଙ୍କ ମଧ୍ୟରୁ ୪ ଜଣ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ବାସ କରନ୍ତି। ଅଧିକାଂଶ ଲୋକଙ୍କର ରୋଗ ନିର୍ଣ୍ଣୟ କରାଯାଇନଥାଏ। ଭାରତରେ ମଧୁମେହ ଏକ ସଙ୍କଟ ଭାବେ ଉଭା ହୋଇଛି, ଯେଉଁଥିରେ ପ୍ରାୟ ୧୦୧ ନିୟୁତ ଲୋକ ପୀଡ଼ିତ ଅଛନ୍ତି ଏବଂ ୧୩୨ ନିୟୁତ ଲୋକ ପ୍ରି – ଡାଇବେଟିସ୍‌ରେ ପୀଡ଼ିତ। ମଧୁମେହ ସହିତ ଡାଇବେଟିକ୍ ରେଟିନୋପାଥି ବି ବୃଦ୍ଧି ପାଉଛି। ଡାଇବେଟିକ୍ ରେଟିନୋପାଥି ହେଉଛି ମଧୁମେହ ରୋଗର ଏକ ଅଣୁ ରକ୍ତକାରୀ ଜଟିଳତା। ଏହା ଆଖିର ରେଟିନାକୁ ପ୍ରଭାବିତ କରେ। ବିଶ୍ୱବ୍ୟାପୀ ବୟସ୍କଙ୍କ କ୍ଷେତ୍ରରେ ଏହା ନିବାରଣ ଯୋଗ୍ୟ ଦୃଷ୍ଟିହୀନର ମୂଳ କାରଣ। ଏହି ରୋଗ ଦୀର୍ଘକାଳୀନ ଉଚ୍ଚ ରକ୍ତ ଶର୍କରା ଦ୍ୱାରା ହୁଏ। ରେଟିନାର କ୍ୟାପିଲାରୀକୁ ଧୀରେ ଧୀରେ କ୍ଷତିଗ୍ରସ୍ତ କରେ। ବିଶ୍ୱର ପାଖାପାଖି ୪୫% ମଧୁମେହ ରୋଗୀଙ୍କୁ ଏହା ପ୍ରଭାବିତ କରେ। ମଧୁମେହର ଅବଧି, ରକ୍ତ ଶର୍କରା ଅନିୟନ୍ତ୍ରଣ, ଉଚ୍ଚ ରକ୍ତ ଚାପ, ଅସାଧାରଣ ଲିପିଡସ୍ତର ଓ ନେଫ୍ରୋ–ପାଥି ଏହି ରୋଗ ବଢ଼ାଇବାର ମୁଖ୍ୟ କାରଣ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଦୀର୍ଘ କାଳୀନ ରକ୍ତ ଶର୍କରା ଯୋଗୁ ରେଟିନାକୁ ଅମ୍ଳଜାନ ଯୋଗାଇବାରେ ବାଧା ସୃଷ୍ଟି କରେ। ଯାହା ଦ୍ୱାରା ନୂତନ ରକ୍ତ ନଳୀ ଗଠନ ହୋଇଥାଏ। ଏଥିରେ ରେଟିନାର ପୀତବିନ୍ଦୁ ଫୁଲିବା ଓ ରକ୍ତସ୍ରାବକୁ ବଢ଼ାଏ।

ମଧୁମେହ ରୋଗ ଯୋଗୁ ଆଖିର ପ୍ରଭାବକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ନନ୍ ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି ଏବଂ ଅନ୍ୟଟି ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି।

ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ। ପରବର୍ତ୍ତୀ ସମୟରେ ଝାପ୍‌ସା ଦିଶିବା, ଆଖି ସାମ୍ନାରେ କଳା ଛାଇ ଭାସି ଉଠିବା, ହଠାତ୍ ଦୃଷ୍ଟିଶକ୍ତି ଚାଲିଯିବା, ମଝିରେ ମଝିରେ ବିଜୁଳି ମାରିଲା ଭଳି ଲାଗିବା ଆଦି ଲକ୍ଷଣ ଦେଖାଯାଏ।

- ଏହି ରୋଗରେ ପୀଡ଼ିତ ବ୍ୟକ୍ତି ବର୍ଷରେ ଥରେ ଚକ୍ଷୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ। ରକ୍ତଶର୍କରାକୁ ନିୟନ୍ତ୍ରଣ ରଖିବା, ରକ୍ତଚାପ, କୋଲେଷ୍ଟ୍ରଲ, ବୃକ୍କର କାର୍ଯ୍ୟକ୍ଷମତା ଅବସ୍ଥାକୁ ନିୟମିତ ପରୀକ୍ଷା କରିବା ଜରୁରି।
- ଗର୍ଭାବସ୍ଥାରେ ଏହି ରୋଗର ଗତି ବଢ଼ିଯାଉଥିବାରୁ କଡ଼ା ନିରୀକ୍ଷଣ ନିତାନ୍ତ ଆବଶ୍ୟକ। ସେହିପରି ଏଆଇ ଆଧାରିତ ରେଟିନା ସ୍କ୍ରିନିଂ ପ୍ରଣାଳୀ ବ୍ୟବହାର କରି ରୋଗର ଚିହ୍ନଟ କରିବା ଉଚିତ। ଡାଇବେଟିକ୍ ରେଟିନୋପାଥିର ଗତିକୁ ଧୀର କରିବା ତଥା ଦୃଷ୍ଟିଶକ୍ତି ନ ହରାଇବାକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
- ଦୃଷ୍ଟିର ଫଳାଫଳ କୋମାରବିଡିଟି ରୋଗର ନିୟନ୍ତ୍ରଣ ଏବଂ ରେଟିନାର ପ୍ରଭାବ ଉପରେ ନିର୍ଭର କରେ। ରୋଗର ଲକ୍ଷଣ ଦେଖାଯିବା ପୂର୍ବରୁ ନିୟମିତ ଚକ୍ଷୁ ପରୀକ୍ଷା କରିବା ଦରକାର।
- ଆଧୁନିକ ଚିକିତ୍ସା ପ୍ରଣାଳୀରେ ଓସିଟି, ଆଞ୍ଜିଓଗ୍ରାଫି କରିବା ଦରକାର। ଚକ୍ଷୁ ଭିତରେ ଷ୍ଟେରଏଡ ଇଞ୍ଜେକସନ୍ ଏବଂ ଆଣ୍ଟି ଭିଜିଏଫ୍ ଦେଇ ଚିକିତ୍ସା କରାଯାଏ।
- ଟେଲି ଅଫ୍‌ଥାଲମୋଲୋଜିରେ ରୋଗର ନିରୂପଣ ଏବଂ ଚିକିତ୍ସା ପାଇଁ ଉପଦେଶ ଦେଇହେବ।

କନ୍‌ସଲଟାଣ୍ଟ ଭିଟ୍ରିଓ ରେଟିନା
କର ଭିଜନ ଆଇ ହସ୍‌ପିଟାଲ, ଭୁବନେଶ୍ୱର

## ପ୍ରଦୂଷିତ ପରିବେଶରେ ଶିଶୁଙ୍କ ଯତ୍ନ

**ଜଳବାୟୁ ପରିବର୍ତ୍ତନ, କଳକାରଖାନାରୁ ନିର୍ଗତ ଧୂଆଁ ଆଦି କାରଣରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜ୍‌ମା ରୋଗୀ, ଶିଶୁଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡୁଛି। ତେଣୁ ଏହି ସମୟରେ ସେମାନଙ୍କ ଯତ୍ନ କିପରି ନେବେ ଜାଣନ୍ତୁ।**

ପ୍ରଦୂଷିତ ବାୟୁରେ ଥିବା ଅତ୍ୟଧିକ ଛୋଟ କଣିକା ପିଏମ୍ ୨.୫ ମାତ୍ରା ବଢ଼ିଗଲେ, ଏହା ନାକ ବାଟେ ଛାତିକୁ ଯାଇ ରକ୍ତରେ ମିଶିଯାଇଥାଏ। ବୃକ୍କ, ହୃତ୍‌ପିଣ୍ଡ, ଯକୃତ, ଚର୍ମ ଉପରେ ପ୍ରଭାବ ପକାଇବା ସହ ଶ୍ୱାସସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରେ।

**ଆଜ୍‌ମା ପ୍ରତି ଯତ୍ନବାନ ଜରୁରି:** ଆଜ୍‌ମା ଏକ ଫୁସ୍‌ଫୁସ୍‌ଜନିତ ରୋଗ। ଏହି ରୋଗରେ ଫୁସ୍‌ଫୁସ୍‌ର କାର୍ଯ୍ୟଧାରା ପ୍ରଭାବିତ ହୁଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୁଏ। ତେଣୁ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ବାରମ୍ବାର ଛିଙ୍କିଲେ, ଶ୍ୱାସକ୍ରିୟାରେ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଔଷଧ ସେବନ କରନ୍ତୁ। ସର୍ବଦା ପାଖରେ ଇନ୍‌ହେଲର ରଖନ୍ତୁ। ବାମ୍ପ ନେଇପାରିବେ। ଏନ୍୯୫ ମାସ୍କ ପିନ୍ଧି ପାରିବେ।

**ପିଲାଙ୍କ ଯତ୍ନ:** ବାୟୁ ପ୍ରଦୂଷଣ ଯୋଗୁ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୁଏ। ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ ଏବଂ ରୋପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ। ପିଲାଙ୍କୁ ଆଜ୍‌ମା, ବ୍ରୋଙ୍କାଇଟିସ୍, ବାରମ୍ବାର ଥଣ୍ଡା, ଜ୍ୱର, ଚିନ୍ତା ଚିଡ଼ିଚିଡ଼ାପଣ ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ପ୍ରଦୂଷଣରୁ ଦୂରେଇ ରଖିବାକୁ ବାହାରକୁ ମାସ୍କ ପିନ୍ଧାଇ ଛାଡ଼ନ୍ତୁ। ପିଲାଙ୍କ ପାଖରେ ଧୂମପାନ ନ କରିବା ଆବଶ୍ୟକ। ପର୍ଯ୍ୟାପ୍ତ ମାତ୍ରାରେ ପାଣି, ପଇଡ଼, ସୁପ ଆଦି ତରଳ ପଦାର୍ଥ ଦେଇପାରିବେ। ଖାଦ୍ୟରେ ଭିଟାମିନ୍-ସି ଓ ଇ, ଫଳ, ସବୁଜ ପରିବା ଆଦି ସାମିଲ କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ।



# ଏସୀୟ ତୀରନ୍ଦାଜୀ: ଜ୍ୟୋତିଙ୍କୁ ୨ ସ୍ୱର୍ଣ୍ଣ

ଢାକା, ୧୩।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଗୁରୁବାର



ଭାରତୀୟ ଦଳ ୪ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଜ୍ୟୋତି ସୁରେଖା ୧୪୭-୧୪୫ ସ୍କୋରରେ ସାଥୀ ଭାରତୀୟ ତୀରନ୍ଦାଜ ପ୍ରୀତିକା ପ୍ରଦୀପଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ପ୍ରଥମେଶ, ସାହିଲ ଯାଦବ ଓ ଅଭିଷେକ ବର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ଟିମ୍ ଇଭେଣ୍ଟର ଫାଇନାଲରେ କାଜାଖସ୍ତାନ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ମହିଳା ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୬-୨୩୪ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ଜ୍ୟୋତି, ପ୍ରୀତିକା ଓ ଦୀପଶିଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଥିଲେ। ଭାରତ ଏହାର ୩ୟ ସ୍ୱର୍ଣ୍ଣପଦକ ମିକ୍ସଡ ଟିମ୍ ଇଭେଣ୍ଟରେ ବିଜୟୀ ହୋଇଥିଲା। ଅଭିଷେକ ଓ ଦୀପଶିଖାଙ୍କ ଯୋଡ଼ି ୧୫୩-୧୫୧ ସ୍କୋରରେ ବାଂଲାଦେଶକୁ ହରାଇ ଚାମ୍ପିଅନ ହୋଇଥିଲା।

# ଓମ୍‌ଙ୍କ ଶତକ; ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୩।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍-ଏ



ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଭଦୋଦରାର ଦର୍ଶନମ ଏକାଡେମୀରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ଓପନର ବିଶେଷ ଦତ୍ତ (୯୪ ରନ) ଓ ଅଧିନାୟକ ରାଜନ ଦୀପ୍ (୪୯)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୧ ରନ କରିଥିଲା। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା ୩ ଓ ପାନକଳ ଶଶାଙ୍କ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ଇନିଂସର ପ୍ରଥମ ୩ଟି ବଲ୍‌ରେ ପାନକଳ ଓ ଆୟୁଷ ବାରିକଙ୍କ ୱିକେଟ୍ ହରାଇଥିଲା। ତେବେ ତଥା ଅଧିନାୟକ ଓମ୍ ଟି ମୁଣ୍ଡେଙ୍କ ଦମ୍‌ଦାର ଶତକୀୟ ଇନିଂସ ବଳରେ ଦଳ ୧୦ଟି ବଲ୍ ପୂର୍ବରୁ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓମ୍ ୮ ଚୌକା ଓ ଗୋଟିଏ ଛକା ବଳରେ ୧୧୬ ବଲରୁ ୧୦୭ ରନ କରିଥିଲେ। ସୌମ୍ୟ ମଧ୍ୟ ୧୯ ବଲରେ ଅପରାଜିତ ୪୦ ରନର ଇନିଂସ ଖେଳି ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

ଷ୍ଟେଟ୍-ଏ ଟ୍ରଫି

## ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ସ୍ପିନର ନେବେ ନିର୍ଣ୍ଣାୟକ ଭୂମିକା: ଗିଲ୍

କୋଲକାତା,୧୩ା୧୧(ଏଜେନ୍ସି):

ଘରୋଇ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କୋଲକାତାର ପ୍ରସିଦ୍ଧ ଇଡେନ୍ ଗାର୍ଡେନ୍ସରେ ଏହି ମୁକାବିଲା ଶୁକ୍ରବାରରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହେବ। ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏବେ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ ଭାବେ ଏହି ସିରିଜ୍ ଖେଳିବ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିବା ଭାରତ ଦକ୍ଷିଣ ଆଫ୍ରିକାକୁ ପୁଣିଥରେ ହରାଇ ସିରିଜ୍ କବଜା କରିବ ବୋଲି ଆଶା ରଖିଛି। ଭାରତରେ ୨୦୦୧ ପରଠାରୁ ଦକ୍ଷିଣ ଆଫ୍ରିକା ୫ଟି ସିରିଜ୍ ଖେଳିବାକୁ ଆସିଥିଲେ ମଧ୍ୟ ମାତ୍ର ୨ଟି ଟେଷ୍ଟରେ ବିଜୟୀ ହୋଇଛି। ଏହି ଦଳର କୋଚ୍ ଶୁକରି କନରାଡଙ୍କ ମତରେ ଆମେ ଏଥର ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି। ଏହାର ଅର୍ଥ ବିଶ୍ୱଚାମ୍ପିଅନ ଦକ୍ଷିଣ ଆଫ୍ରିକା ୧୯୯୭-୯୮ ପରେ ପ୍ରଥମଥର ଭାରତରେ ଟେଷ୍ଟ ସିରିଜ୍ ଜିତିବ ବୋଲି କନରାଡ୍ ପରୋକ୍ଷାରେ ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ମୁକାବିଲା ଲାଗି ଭାରତ ଜୋରଦାର ପ୍ରସ୍ତୁତି କରିଛି ଓ କୌଣସି ପରିସ୍ଥିତିରେ ସିରିଜ୍ ହାତଛଡ଼ା କରିବ ନାହିଁ ବୋଲି ଆଶା ରଖିଛି।

ଖେଳ ଆରମ୍ଭ ପୂର୍ବରୁ ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ କହିଛନ୍ତି, ଏହି ଟେଷ୍ଟର ଫଳାଫଳରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ନେବେ। ଏହା ଅର୍ଥ ସ୍ପଷ୍ଟ ଯେ ଭାରତ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନରଙ୍କୁ ଖେଳିବାର ସୁଯୋଗ ଦେବ। ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ କିମ୍ବା ଅକ୍ଷର ପଟେଲ ଖେଳିବେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦକ୍ଷିଣ ଆଫ୍ରିକା-ଏ' ସହ ଦିନିକିଆ ଖେଳିବାକୁ ଛାଡ଼ି ଦେଇଥିବାରୁ ଧ୍ରୁବ ଜୁରେଲଙ୍କୁ ଜଣେ ବ୍ୟାଟର ଭାବେ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି।



ଖେଳ ଆରମ୍ଭ : ସକାଳ ୯.୩୦
ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

ଅବଶ୍ୟ ସହକାରୀ କୋଚ୍ ର୍‌ୟାନ୍ ଟେନ୍ ଡୋଏଷ୍ଟେ ପୂର୍ବରୁ ଏହି ସୂଚନା ଦେଇଥିଲେ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପେସ୍ ବୋଲରଭାବେ ଖେଳିବେ। ବ୍ୟାଟିଂରେ ଦଳ ଚୟନ ନେଇ କିଛି ଅସୁବିଧା ନାହିଁ। ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୩, ୪, ୫ ଓ ୬ରେ ଯଥାକ୍ରମେ ସାଇ ସୁଦର୍ଶନ, ଅଧିନାୟକ ଶୁବମନ ଗିଲ୍, ଦୁଇ ୱିକେଟରକ୍ଷକ ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ସିରିଜ୍‌ରେ ଭଲ ଖେଳିବାକୁ ଦୃଢ଼ ଆଶା ପୋଷଣ କରିଛି। ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହୋଇଥିବା ଏହି ଭ୍ରମଣକାରୀ ଦଳ ପାକିସ୍ତାନ ସହ ୧-୧ରେ ମ୍ୟାଚ୍ ଡ୍ର ରଖି ଲଢୁଆ ଖେଳିଛି। ଦଳରେ ୩ଜଣ ଭଲ ସ୍ପିନର କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର ରହିଛନ୍ତି। ଏହି ଦଳରେ କେହି ନବାଗତ ଖେଳାଳି ନ ଥିଲେ ମଧ୍ୟ ସମସ୍ତେ ଅଭିଜ୍ଞ ହୋଇ ଏଠାରେ ଲଢ଼େଇ କରିବାକୁ ଆସିଛନ୍ତି। ଭାରତୀୟ ପିଚ୍ ଓ ଖେଳାଳିଙ୍କ ସମ୍ପର୍କରେ ଏହି ଦଳର ବେଶ ଭଲ ଅଭିଜ୍ଞତା ରହିଛି।

ଉଭୟ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ଦକ୍ଷିଣ ଆଫ୍ରିକା କୋଚ୍ ଶୁକରି କନରାଡ ଏଠାରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ଆଶା କରୁଛନ୍ତି। କିନ୍ତୁ ଏମାନେ ଖେଳର ତୃତୀୟ ଦିନରେ ପ୍ରଭାବ ପକାଇପାରିବେ। ପ୍ରଥମ ଦୁଇଦିନ କିନ୍ତୁ ପେସ୍ ବୋଲରଙ୍କ ଦବ୍‌ଦବା ରହିବ। ଭାରତରେ ଦକ୍ଷିଣ ଆଫ୍ରିକା ଗତ ୭ଟି ଟେଷ୍ଟରେ ଟସ୍ ଜିତିନାହିଁ। ଅଧିନାୟକ ଗିଲ୍ ୭ଟି ଟେଷ୍ଟରୁ ମାତ୍ର ଗୋଟିକରେ ଟସ୍ ଜିତିଛନ୍ତି। ଏଠାରେ ଟସ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଦଳର ପ୍ରଦର୍ଶନରୁ ଫଳାଫଳ ବାହାରିବା ନିର୍ଭର କରୁଛି।

### ସମ୍ଭାବ୍ୟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ।

ରିଜର୍ଭ- ଦେବଦତ୍ତ ପାଡିକଲ, ଅକ୍ଷର ପଟେଲ, ଆକାଶଦୀପ୍

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାରକ୍ରମ, ରିୟାନ ରିକେଟଲନ, ଟ୍ରିଷ୍ଟାନ ଷ୍ଟବ୍‌ସ, ଟୋନି ଡି ଜୋର୍ଜି, ତେମ୍ବା ବଭୁମା (ଅଧିନାୟକ), କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

ରିଜର୍ଭ- ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଷ୍ଟ, ୱିଆନ ମୁଲ୍ଡର

■ ଆଇପିଏଲ୍-୧୯

## ଡିସେମ୍ବର ୧୬ ଆବୁଧାବିରେ ନିଲାମ

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଇପିଏଲର ଆଗାମୀ ୧୯ତମ ସଂସ୍କରଣ ଲାଗି ଖେଳାଳି ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ଅନୁଷ୍ଠିତ ହେବ ଓ ଏହା ଗୋଟିଏ ଦିନରେ ଶେଷ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ସମସ୍ତ ୧୦ଟି ଫ୍ରାଞ୍ଚାଇଜ ସେମାନଙ୍କ ଚୂଡ଼ାନ୍ତ ଟିମ୍ ଏହି ନିଲାମୀ ଜରିଆରେ ଫାଇନାଲ କରିବେ। ନଭେମ୍ବର ୧୫ ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜକୁ ସେମାନଙ୍କ ଚୂଡ଼ାନ୍ତ ରିଟେନସନ ତାଲିକା ପ୍ରଦାନ କରିବାକୁ କୁହାଯାଇଛି।

## ଭାରତ-ଏ ବିଜୟୀ

ରାଜକୋଟ, ୧୩।୧୧ (ଏଜେନ୍ସି): ଓପନର ଋତୁରାଜ ଗାଏକ୍ୱାଡଙ୍କ ୧୧୭ ସହାୟତାରେ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଦିନିକିଆରେ ଭାରତ-ଏ' ୪ ୱିକେଟ୍‌ରେ ଦ.ଆଫ୍ରିକା-ଏ'କୁ ପରାସ୍ତ କରିଛି। ରବିବାର ଦ୍ୱିତୀୟ ମ୍ୟାଚ୍ ଏଠାରେ ଖେଳାଯିବ।

## ଏମ୍‌ଆଇରେ ଶାର୍ଦ୍ଦୁଳ

ମୁମ୍ବଇ, ୧୩।୧୧ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟସର ଶାର୍ଦ୍ଦୁଳ ଠାକୁରଙ୍କୁ ୨ କୋଟି ଓ ଗୁଜରାଟ ଟାଇଟାନ୍ସର ଶେରଫାନ ରଦରଫୋର୍ଡଙ୍କୁ ୨.୬ କୋଟି ଟଙ୍କା ବିନିମୟରେ ମୁମ୍ବଇ ଇଣ୍ଡିଆନ୍ସ (ଏମ୍‌ଆଇ) ଦଳରେ ଟ୍ରେଡ୍ ଡିଲ୍ ମାଧ୍ୟମରେ ସାମିଲ କରିଛି। ଏହା ମଧ୍ୟରେ ଲକ୍ଷ୍ନୌର ଶାର୍ଦ୍ଦୁଳ ଠାକୁରଙ୍କୁ ମୁମ୍ବଇ ଇଣ୍ଡିଆନ୍ସ ୨ କୋଟି ଟଙ୍କାରେ ଟ୍ରେଡ୍ ଡିଲ୍ ମାଧ୍ୟମରେ କିଣିନେଇଛି।

ରାଜ୍ୟସ୍ତରୀୟ ଶବର କପ ଫୁଟବଲ

## ସେମିରେ ବୌଦ୍ଧର ଗେହ୍ଲା କ୍ଲବ୍



ଯାଁଳା,୧୩।୧୧(ସମିସ): ବୌଦ୍ଧର ଗେହ୍ଲା କ୍ଲବ୍ ରାଧାଚରଣପୁର ଖେଳ ପଡିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଢେଙ୍କାନାଳର ପପୁଲାର କ୍ଲବ ଓ ଗେଲ୍ହା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଗେଲ୍ହା ୪-୧ ଟାଇବ୍ରେକର ଗୋଲରେ ଜଟଣୀର ଫ୍ରେଣ୍ଡସ୍ ପାଇଡାଇଜ କ୍ଲବ୍‌କୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଦଳ କାହାରିକୁ ଗୋଲ ଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ସମୟରେ ଜଟଣୀ ଦଳ ଗୋଲ ଦେଇ ଦଳକୁ ୧-୦ ରେ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ୪୫ ମିନିଟ ସମୟରେ ଗେହ୍ଲା କ୍ଲବ୍ ଗୋଲକୁ ଶୁଝାଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧-୧ ଗୋଲ ଦେଇ ବରାବର ସ୍ଥିତିରେ ରଖିବାରୁ ଫଏସଲା ପାଇଁ ଟାଇବେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ଗେଲ୍ହା କ୍ଲବ ବୌଦ୍ଧ ୪-୧ ଗୋଲରେ ବ୍ୟବଧାନରେ ବିଜୟୀ ହୋଇଥିଲା।

# ଆଜିଠାରୁ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର,୧୩ା୧୧(ସମିସ):

ଓଡ଼ିଶା ଚେସ୍ ଇତିହାସରେ ଆସନ୍ତାକାଲିଠାରୁ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ପେସାଦାର ଚେସ୍ ଖେଳରେ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜଧାନୀର ହୋଟେଲ ଲାଇଫ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ୧୧ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ୧୨ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ନିଲାମ ମାଧ୍ୟମରେ ଚୟନ କରାଯାଇଛି। ସେଗୁଡିକ ହେଲା- ଟୋଲ ଚାମ୍ପିଅନ୍ସ, କଳିଙ୍ଗ ୱାରିୟର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଗୋଲକୁଣ୍ଡା ଗାଡିଆନ୍ସ, ମହାନଦୀ ଫାଲକନ୍ସ, ବାରବାଟୀ ବ୍ୟାଟଲର୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଅମ୍ବର ଆଭେଞ୍ଜର୍ସ, ନାଳନ୍ଦା ନାଇଟ୍‌ସ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ, କୋଣାର୍କ କିଙ୍ଗ୍‌ସ ଏବଂ ଏଲୋରା ଏଲାଇଟ୍ସ। ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଏଥିରେ ଜଣେ ଗ୍ରାଣ୍ଡ ମାଷ୍ଟର ଦୀପ୍ତାୟନ ଘୋଷ (ରେଟିଂ-୨୫୭୩-ନାଳନ୍ଦା ନାଇଟ୍ସ) ଖେଳୁଛନ୍ତି। ତାଙ୍କ ବ୍ୟତୀତ ୧୪ ଜଣ ଆଇଏମ୍ ବା ଇଣ୍ଟରନ୍ୟାସନାଲ ମାଷ୍ଟର, ୧୬ ଜଣ ମହିଳା ଖେଳାଳି ଅଛନ୍ତି। ଜଣେ ଖେଳାଳିଙ୍କୁ ରଖିବା ବାଧ୍ୟତାମୂଳକ ହୋଇଥିଲାବେଳେ ଏଲୋରା ଲାଇଟ୍‌ସ ସର୍ବାଧିକ ୩ଜଣ, ଅମ୍ବର ଆଭେଞ୍ଜର୍ସ ଓ ନାଳନ୍ଦା ନାଇଟ୍‌ସରେ ୨ଜଣ ଲେଖାଏଁ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଦଳରେ ମୋଟ ୮ଜଣ ଖେଳାଳି ଥିଲାବେଳେ ୬ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିବ।




ଜିଏମ୍ ଦୀପ୍ତାୟନ ଘୋଷଙ୍କ ଫିଡେ ରେଟିଂ ସର୍ବାଧିକ ୨୫୭୩ ଥିଲାବେଳେ ୪ଜଣ ଖେଳାଳିଙ୍କ ରେଟିଂ ୨୪୦୦ରୁ ଅଧିକ ରହିଛି। ସେମାନେ ହେଲେ ରବି ତେଜା, ଆରାଧ ଗର୍ଗ, ମୟଙ୍କ ଚୌଧୁରୀ ଓ ନୀତୀଶ ବେଲୁରକାର। ଓଡ଼ିଶାର ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (ରେଟିଂ ୨୩୯୪- ରାଜଧାନୀ ଚ୍ୟାଲେଞ୍ଜର୍ସ), ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ ୨୩୬୪-ମହାନଦୀ ଫାଲକନ୍ସ), ପ୍ରିଅଂଶ ଦାସ (ରେଟିଂ-୨୩୧୨) ଓ ଏଫ୍‌ଏମ୍ ସୌମ୍ୟରଞ୍ଜନ ମିଶ୍ର (ଅମ୍ବର ଆଭେଞ୍ଜର୍ସ), ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ଯଶିତା ରାଉତ (କୋଣାର୍କ କିଙ୍ଗ୍‌ସ) ଓ ସିଏମ୍ ଅପରାଜିତତା ଗୋଚ୍ଛିକାର (ଅମ୍ବର ଆଭେଞ୍ଜର୍ସ) ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ୧୭୭୧ ଥିଲାବେଳେ ଟୋଲା ଚାମ୍ପିଅନ୍ସର ଟିମ୍ ରେଟିଂ ସର୍ବାଧିକ ୨୨୭୦ ରହିଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିଙ୍କ ହାରାହାରି ବୟସ ୨୧ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାର ପେସାଦାର ଚେସ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଟ୍ଟ କହିଛନ୍ତି। ଭଟ୍ଟ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଆଇଏ ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଓ ଆଇଏ ତାପସ କୁମାର ମହାନ୍ତି ଡେପୁଟି ଚିଫ୍ ଆର୍ବିଟର ଭାବେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS